0/562



ଯଥା ନଳସ୍ୟ ଦମୟନ୍ତୀ

ଶ୍ରୀ କୃଷ୍ଣଚରଣ ବେହେର୍

କୃଷ୍ଣଚରଣ ବେହେରା

ଯଥା ନଳସ୍ୟ ଦମୟନ୍ତୀ

ସାହିତ୍ୟ ସଂସାର
ବାଙ୍କାବଜାର, କଟକ—୨

ପ୍ରଥମ ସଂସ୍କରଣ :—
ଜୁଲାଇ, ୧୯୫୯

ପ୍ରକାଶକ :—
ସାହିତ୍ୟ ସଂସାର,
ବାଙ୍କାବଜାର, କଟକ—୨

ମୁଦ୍ରାକର :—
ଶ୍ରୀ ଗୌରଚନ୍ଦ୍ର ମହାପାତ୍ର, ବି, ଏ,
ଗୋପୀନାଥ ପ୍ରେସ, ଭଦ୍ରକ

ଏ ଗ୍ରନ୍ଥର ସର୍ବସ୍ୱତ୍ୱ :—
ଶ୍ରୀମତୀ ଜୟନ୍ତୀ ଦେହେବାଣୀଙ୍କର

ମୂଲ୍ୟ :—
ଏକଟଙ୍କା ପଞ୍ଚସ୍ତରି ନୟା ପଇସା

କବି ବନ୍ଧୁ ଶ୍ରୀ ମନମୋହନ ମିଶ୍ରଙ୍କୁ—

ଲେଖକଙ୍କର ଅନ୍ୟାନ୍ୟ ରଚନା

କାବ୍ୟ-ଗ୍ରନ୍ଥ :—

ଟୀ କପ୍‌ରେ ଝଡ଼

୫୪, ଭନୁବାଇ ଲେନ୍

ଗଳ୍ପ-ଗ୍ରନ୍ଥ :—

ସୃଷ୍ଟିର ସ୍ୱପ୍ନ

ସାହିତ୍ୟ ସମାଲୋଚନା :—

ପ୍ରଗତି ସାହିତ୍ୟ

ନିଜ କଥା

ଏହି ଏକାଙ୍କିକାଗୁଡ଼ିକ ବିଭିନ୍ନ ସ୍ଥାନରେ ଅଭିନୀତ ହୋଇ ଉଚ୍ଚ ପ୍ରଶଂସା ଲାଭ କରିଛନ୍ତି । ମୋର ଶ୍ରଦ୍ଧେୟ ବନ୍ଧୁ ସୁଲେଖକ ଶ୍ରୀ ଯତୀନ୍ଦ୍ରକୁମାର ଦାସ ଏଗୁଡ଼ିକ 'ସାହିତ୍ୟ ସଂସାର' ତରଫରୁ ପ୍ରକାଶ କରିବାକୁ ଅଗ୍ରହୀ ହୋଇ ମୋତେ କୃତଜ୍ଞତା-ପାଶରେ ଆବଦ୍ଧ କରିଛନ୍ତି । ମୋର ପ୍ରିୟ ଛାତ୍ର-ଛାତ୍ରୀ ଶ୍ରୀମାନ୍ ରଘୁନାଥ ସାମଲ ଓ ଶ୍ରୀମତୀ ସରଳା ଜେନା ପୁସ୍ତକର ପାଣ୍ଡୁଲିପି ଲେଖା କାର୍ଯ୍ୟରେ ମୋତେ ବିଶେଷ ସାହାଯ୍ୟ କରିଛନ୍ତି । ଦୁହିଁଙ୍କ ପ୍ରତି ମୋର ଆନ୍ତରିକ ସାଧୁବାଦ ।

ଏହି ସଂକଳନଟି ଓଡ଼ିଆ ଏକାଙ୍କିକାର ଦୁର୍ଭିକ୍ଷ କିଞ୍ଚିତ୍ ପରିମାଣରେ ଘୁଞ୍ଚାଇ ପାରିଲେ, ମୋର ଶ୍ରମ ସାର୍ଥକ ବୋଲି ମନେ କରିବି । ଇତି

ଭଦ୍ରକ କଲେଜ
୧୦ । ୭ । ୧୯୫୯

କୃଷ୍ଣଚରଣ ବେହେରା

ନିର୍ଦ୍ଦେଶିକା

ବିଷୟ	ପୃଷ୍ଠା
ଯଥା ନଳସ୍ୟ ଦମୟନ୍ତୀ	୧
ମାଣିକ୍ଷ ମାଢା	୪୯
ନଷ୍ଟ ନୀଡ଼	୫୯
ଛିନ୍ନ ପୃଷ୍ଠା	୮୪
ଏମ୍: ଏଲ୍: ଏ:	୧୦୦

ଯଥା ନଳସ୍ୟ ଦମୟନ୍ତୀ···

ପ୍ରଥମ ଦୃଶ୍ୟ

[ପରଦା ଉଠିଲା । ଦେଖାଗଲା ଗୋଟିଏ ସୁନ୍ଦର ସୁସଜ୍ଜିତ ପ୍ରକୋଷ୍ଠ । ଝରକା ଦେଇ ସକାଳର ଆଲୋକ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରୁଛି । ପ୍ରକୋଷ୍ଠ ମଧ୍ୟରେ ଛିଡ଼ା ହୋଇ ବ୍ୟାୟାମ (exercise) କରୁଛି—ଆଡଭୋକେଟ୍ ଭୂପତି ମହାପାତ୍ରଙ୍କ ସାନ ଝିଅ 'ମଞ୍ଜୁ' । ମଞ୍ଜୁ ବିଶେଷ ସୁନ୍ଦରୀ ନୁହେଁ, ବୟସ ୧୭ ହେବ, ଶ୍ୟାମଳ ବର୍ଣ୍ଣ, ତନୁପାତଳୀ, ସ୍ୱାସ୍ଥ୍ୟହୀନା ଝିଅ । ଏଥର ମେଟ୍ରିକ ପରୀକ୍ଷା ଦେବ । କିନ୍ତୁ ପଢ଼ାରେ ତାହାର ମନ ନାହିଁ । କିପରି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରି ନିଜ ଫେମିଲି ଡକ୍ଟର ବିଜୟବାବୁଙ୍କୁ ବିବାହ କରିବ—ଏଇଥିପାଇଁ ବଡ଼ ବ୍ୟସ୍ତ । ଡାକ୍ତର ବାବୁଙ୍କ ଉପଦେଶାନୁଯାୟୀ ସେ ସଞ୍ଜ-ସକାଳେ ବ୍ୟାୟାମ କରୁଛି । ସୁଷମ ଖାଦ୍ୟ ଖାଉଛି । ବର୍ତ୍ତମାନ ବ୍ୟାୟାମ କରି କରି ସେ ଧଇଁସଇଁ ହୋଇ ଗଲଣି । ଅଣ୍ଟାରେ ପଣତ ଭିଡ଼ା ହୋଇଛି । ବିଭିନ୍ନ ପ୍ରକାର exercise କରୁଛି । ପ୍ରକୋଷ୍ଠ ମଧ୍ୟରେ ସେ ଏକଲା]

ମଞ୍ଜୁ—ଓ୍ୱାନ୍—ଟୁ—ଥ୍ରୀ—ଫୋର୍—(exercise କରୁ କରୁ ବାରମ୍ବାର ଉଚ୍ଚାରଣ]

(ଏହି ସମୟରେ ହାତରେ ଜଳଖିଆ ନେଇ ଘରେ ପ୍ରବେଶ କରନ୍ତି ଚାକରାଣୀ 'ସୁଧା'। ସୁଧା ଯୁବତୀ, ଗଉଡ଼ ଘର ଝିଅ। କାଳି ହେଲେ ମଧ୍ୟ ଦେଖିବାକୁ ସୁନ୍ଦର।)

ସୁଧା—(ମଞ୍ଜୁର ଧଇଁ ସଇଁ ଅବସ୍ଥା ଦେଖି ଆଗେ ମୁରୁକି ହସିଲା। କିଛି କ୍ଷଣ ପରେ କହିଲା—) ସାନ ଦେଈ, ଜଳଖିଆ...

ମଞ୍ଜୁ—(exercise ବନ୍ଦ କରି ଅଣ୍ଟାରୁ ଭିଡ଼ା ପଣତ ଖୋଲିଲା। ଦୀର୍ଘ ନିଶ୍ୱାସ ଛାଡ଼ୁଛି) ଓ ହୋ—କି ପରିଶ୍ରମ, କି କଷ୍ଟ !

ସୁଧା—ଆଚ୍ଛା ସାନ ଦେଈ, ତମେ ଯେ ସେ ଡାକ୍ତର ବାବୁଙ୍କ କଥାରେ ପଡ଼ି ନାଇତ ସଞ୍ଜ ସକାଳେ ଇମିତି ହାତ ଗୋଡ଼ ହଲଉଛ—ହଦ୍ ବଦ୍ ହେଉଛ, ଏଥିରୁ ମିଳୁଛି କ'ଣ ? ଖାଲି ତୁମ୍ଭକୁ ଏ ପରିଶ୍ରମ...

(ଟେବୁଲ୍ ଉପରେ ଜଳଖିଆ ଓ ପାଣି ଗିଲାସ ଥୋଇଲା)

ମଞ୍ଜୁ—ତୁ କଇସ ଜାଣୁ ଲୋ—ଏଥିରୁ କଣ ମିଳେ ! ଅଦା ବେପାରି ହୋଇ ଜାହାଜର ଖବର ନେବାକୁ ତିଆର !

ସୁଧା—ହଁ ଲୋ ମା, ଅମେ ତ ହ'କଡ଼ାର ମୁଣ୍ଡ ! ଏତେ କଥାରୁ ଅମର ଯାଏ କେତେ, ଆସେ କେତେ ? ତେବେ ମୁଁ କଥାଟା କଣ ବୁଝିନାଇକି ସାନ ଦେଈ, ସକାଳ ପହରୁ ଘର ଯାଏଁ ଆମେ କେତେ ପାଇଟି କରୁଛୁଁ, ସେଇଥିରେ ଆମର ଭାତ ହଜମ ହେଇ ଯାଉଛି। ଆଉ ତମେ ସବୁ ଦିନସାରା ଖାଲି ବସି ରହୁଛ। ଇମିତି ହାତ ଗୋଡ଼ ନ ହଲେଇଲେ ଭାତ ହଜମ ହେବ କିମିତି !

ମଞ୍ଜୁ—ଚୁପ୍ କର୍ ସୁଧା ! ଭାରି କାଟିଲବାଲି ତୁ ! କି ଜଳଖିଆ ଆଣିଚୁ ? (ଜଳଖିଆ ଦେଖି ବିରକ୍ତିରେ) ଏ କଣ ? ଗଞ୍ଜା ମୁଗ କାହିଁ ?

ରାଧା—କାଲି ରାତିରେ ମୁଗ ଭଜା ହୋଇ ନାହିଁ ।

ମଞ୍ଜୁ—ମୁଁ ଏ ଜଳଖିଆ ଖାଇବି ନାହିଁ । ଦିନ୍ ରାତିରେ ମୁଗ, ନହେଲେ ବୁଟ ଦି'ଟା ଭଜେଇ ପାରୁନୁ ! ଅଉ କଣ କରୁଛୁ ତୁ ? ଡାକ୍ତରବାବୁ ବରାବର କହୁଛନ୍ତି— ଏ ଜଳଖିଆ ଛଡ଼ା···

ରାଧା—ମଲା ମୋର ଡାକତର ବାବୁ ! ଏ ଘୋଡ଼ା-ଦାନା ପୁଣି ମଣିଷକୁ ଖୁଆଉଛନ୍ତି କାହିଁକି, ବଡ଼ ଦେଉଙ୍କ ଘର ଲୁଚି ଖାଅ, ହାଲୁଆ ଖାଅ, ନହେଲେ ଗରମ ଗରମ ପିଆଜି, ଙ୍କ ପକୁଡ଼ି—

ମଞ୍ଜୁ—(ରାଗରେ) ତୋ ମୁଣ୍ଡ ଗଣ୍ଡି ! କାଲି ରାତିରେ କାହିଁକି ମୁଗ ଭଜେଇଲୁ ନାହିଁ କହ ! ଦେଖିବୁ ? (ଜୋର୍‌ରେ ଡାକିଲା) ବୋଉ—ବୋଉ—

ରାଧା—ଡାକ ବୋଉଙ୍କୁ । ମୁଁ ଆଜି କହିଦେବି ଯେ !

ମଞ୍ଜୁ—କଣ କହିବୁ ?

ରାଧା—ସେ ଦିନ କଥା ! ସେ ଦିନ ସଞ୍ଜବେଳେ ତମେ ଆଉ ଡାକତରବାବୁ ମୁହଁକୁ ମୁହଁ ଲଗେଇ ଯାହା କରୁଥିଲ—

ମଞ୍ଜୁ—(ରାଗ ଥମିଗଲା, ମୁଖର ଭାବ ପରିବର୍ତ୍ତନ କରି) ଚୁପ୍ ! ଚୁପ୍ ! ରାଧା, ମୋ ସୁନା ସାଙ୍ଗଟା ପରି, ଶୁଣ୍ ! ଅଲୋ, ତୁ ଯେଉଁ ନୂଆ କାଚ ଚୁଡ଼ି ପିନ୍ଧିଥିଲୁ, କଣ କଲୁ କି ?

ରାଧା—କାଲି କୂଅରୁ ପାଣି କାଢୁ କାଢୁଁ ଭାଙ୍ଗିଗଲା ସାନ ଦେଈ ।

ମଞ୍ଜୁ—(ରାଧା କାନ୍ଧରେ ହାତ ପକାଇ ଆଦର କଲା ପରି) କିଛି ଚିନ୍ତା ନାହିଁ, ମୁଁ ପଇସା ଦେବି; ପୁଣି ତୁ ନୂଆ ଚୁଡ଼ି କିଣିବୁ । ବୁଝିଲୁ ? ଆଉ ଖବରଦାର୍, ସେଦିନ କଥା ମିଛିଟା କାହାରିକି ନ କହୁ !

(ଡାକ୍ତର ବିଜୟବାବୁ ପଶି ଆସିଲେ । ସୁଦର୍ଶନ ଯୁବକ । ହାତରେ ଷ୍ଟେଥସ୍କୋପ୍ । ଭୂପତିବାବୁଙ୍କ ଘରେ ତାଙ୍କର ଅବାଧ ପ୍ରବେଶ । ଘରକୁ ପଶି ଆସୁଁ ଆସୁଁ କହିଲେ—)

ଡାକ୍ତର—କଣ ମୋତେ ବି କହିବ ନାହିଁ !

ମଞ୍ଜୁ—(ମଥା ହଲାଇ) ଉଁ ହୁଁ ! ଭାରି ଗୁପ୍ ଚୁପ୍ କଥା ! ଏକବାରେ ପ୍ରାଇଭେଟ୍ ।

ଡାକ୍ତର—ତା ହେଲେ ମୁଁ ତମର ବିନାନୁମତିରେ ଘରେ ପ୍ରବେଶ କରି ଭୁଲ୍ କରିଛି ମଞ୍ଜୁ ! ମୁଁ ବର୍ତ୍ତମାନ ଆସୁଛି । (ଯିବାକୁ ଉଦ୍ୟତ ହେଲେ)

ମଞ୍ଜୁ— ନା, ନା, ଡାକ୍ତର ବାବୁ, ରହନ୍ତୁ । ଆଜି ମୋର ସ୍ୱାସ୍ଥ୍ୟ ଟିକିଏ ପରୀକ୍ଷା କରି ଦିବେ । ପ୍ରାୟ ମାସେ ହେଲା ମୁଁ ନିୟମିତ ଏକ୍‌ସରସାଇଜ୍ କରୁଛି, ଭିଜା ବୁଟ, ଗଜା ମୁଗ ଖାଉଛି, ଆପଣଙ୍କ ଉପଦେଶ ଅକ୍ଷରେ ଅକ୍ଷରେ ପାଳନ କରୁଛି । ଏହା ମଧ୍ୟରେ ମୋର ଓଜନ ପାଉଣ୍ଡେ ଦି' ପାଉଣ୍ଡ ନିଶ୍ଚୟ ବଢ଼ିଥିବ ।

ଡାକ୍ତର—ଖାଲି ଓଜନ ବଢ଼ିଲେ ତ ହେବ ନାହିଁ—

ମଞ୍ଜୁ—ହଁ, ପାଇଖାନା ପରିଷ୍କାର ହେଉଛି, ଦେହ ଖୁବ୍ ଫୁର୍ତ୍ତି ଲାଗୁଛି । କିନ୍ତୁ ରାତିରେ ମଥା ଟିକିଏ ଟିକିଏ ବିନ୍ଧୁଛି. ଭଲ ନିଦ ହେଉ ନାହିଁ, ବାରମ୍ବାର ସ୍ୱପ୍ନ ଦେଖି ନିଦ ଭାଙ୍ଗି ଯାଉଛି, ଛାତି ଧଡ଼୍ ଧଡ଼୍ କମ୍ପୁଛି—

ଡାକ୍ତର—(ମୁରୁକି ହସି) ଓ ହୋ—ବୁଝିଲି । ଏ ତାହେଲେ ମନର ରୋଗ—ହୃଦୟର ବ୍ୟାଧି । ଏହାର ଚିକିତ୍ସା ପ୍ରଣାଳୀ ଅଲଗା ।

ରାଧା—ଡାକତର ବାବୁ, ମୋର ଓଜନ ଟିକିଏ କମିଡ଼ ବଢ଼ନ୍ତା !

ଡାକ୍ତର—ତୋର ଓଜନ ? ତୁ' କଣ ଆହୁରି ମୋଟି ହେବାକୁ ଚାହୁଁ ?

ରାଧା—ମଲା, ମୁଁ କଣ ଏତେ ମୋଟି ହୋଇଛି ନା ! (ନିଜ ଦେହ ଉପରେ ଥୁ ଥୁ କରି ଛେପ ପକାଇଲା) ମୋ ଦେହ ଉପରେ ଆପଣ ଆଉ ଇମିତି ଦୃଷ୍ଟି ଦେବେ ନାଇଁ ଡାକ୍ତର ବାବୁ ।

ମଞ୍ଜୁ—ଆହା ! ସୁନା ଦେହଟା ଭାଙ୍ଗିଯିବ ଯେ !

ଡାକ୍ତର—ଆଚ୍ଛା, ତୁ ଗୋଟେ କାମ କର ରାଧା ! ମୁଁ ଯେତେବେଳେ ଏଠିକି ଆସିବି, ତୁ ଚଟାପଟ୍ ଯାଇ ଗାଧୁଆ ଘରେ କିମ୍ବା ହାଣ୍ଡିଶାଳରେ ଲୁଚିବୁ । ମୋ ଆଗକୁ କେବେ ଆସିବୁ ନାହିଁ । ଇମିତି କଲେ, ତୋ ଦେହ ଉପରେ ମୋର ଆଉ ଦୃଷ୍ଟି ପଡ଼ିବ ନାହିଁ, ଆଉ ଦିନ ଦଶଟା ଭିତରେ ତୋର ଓଜନ ବଢିଯିବ ।

ରାଧା—ସତ କଥା ଡାକ୍ତର ବାବୁ ?

ମଞ୍ଜୁ—ସତ କି ମିଛ—ବର୍ତ୍ତମାନ ପରୀକ୍ଷା ହେଉ । ତୁ' ଯା' ରାଧା, ଡାକ୍ତର ବାବୁ ଏଠି ଏକ୍ଷଣି ଅଛନ୍ତି, ତୁ' ତାଙ୍କ ଆଗରୁ ପଳା ।

ରାଧା—ହଉ ମୁଁ ଯାଉଛି । (ଚାଲିଗଲା)

ଡାକ୍ତର—(ଚେୟାରରେ ବସି ଟେବୁଲ ଉପରେ ଥିବା ଜଳଖିଆରୁ ରସଗୋଲାଟିଏ ନେଇ ମୁହଁରେ ପୂରେଇଲେ । ପୂରେଇ ସାରି ପଚାରିଲେ) ଏ ଜଳଖିଆ ମୁଁ ଖାଇପାରେଁ ମଞ୍ଜୁ ?

ମଞ୍ଜୁ—(ଟେବୁଲ ପାଖରେ ଡାକ୍ତରଙ୍କୁ ଲାଗି ଛିଡ଼ା ହେଲା) ଖାଇ ସାରିଲେ ପରେ ଆଉ ଅନୁମତିର ଲୋଡ଼ା ନାଇଁ ଡାକ୍ତର ବାବୁ । ଦେଖାନ୍ତୁ, ମୁଁ ଖୋଇଦିଏଁ—

ଡାକ୍ତର—ତମର ସ୍ନେହ ଶ୍ରଦ୍ଧା ଲାଗି ଧନ୍ୟବାଦ। ହଁ, ମନୀଷା ଦେବୀ କାହାନ୍ତି ? ଆଜି କାହିଁ ତାଙ୍କୁ ଦେଖିବାକୁ ପାଉନି।

ମଞ୍ଜୁ—(ଅଭିମାନ କରି) ସବୁବେଳେ ଖାଲି ମନୀଷା—ମନୀଷା ! ମଞ୍ଜୁ କଣ ଆପଣଙ୍କର କେହି ନୁହେଁ ଡାକ୍ତର ବାବୁ ? (ଅଭିମାନରେ ଟେବୁଲ୍ ପାଖରୁ ଘୁଞ୍ଚିଯାଇ ଛିଡ଼ା ହେଲା)

ଡାକ୍ତର—(ଚେୟାରରୁ ଉଠି ମଞ୍ଜୁ ପାଖକୁ ଗଲେ) ଖାଲି ଟିକିଏ ଟିକିଏ କଥାରେ ଅଭିମାନ ! (ମଞ୍ଜୁର ଚିବୁକରେ ହାତ ମାରି) ଆହା, ଅଭିମାନିନୀ ! ଶୁଣ ମଞ୍ଜୁ, ମୋତେ ଭୁଲ୍ ବୁଝ ନା। ମୁଁ ତମର ଫେମିଲି ଡକ୍ଟର, ମୋତେ ତ ପୁଣି ତମ ଘରର ସମସ୍ତଙ୍କ ଦେହ-ପା କଥା ବୁଝିବାକୁ ହେବ।

(ଏ ଦୁହିଁଙ୍କ ଅଜଣାରେ ପଛରୁ ଆସିଛନ୍ତି ମନୀଷା, ମଞ୍ଜୁର ବଡ଼ ଭଉଣୀ। ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ। ଲ’ ପଢୁଛନ୍ତି। ବିବାହ ନ କରି ବାପାଙ୍କ ବ୍ୟବସାୟ କରି ବୃଦ୍ଧାବସ୍ଥାରେ ବାପ, ମା’ଙ୍କୁ ପୋଷିବା ତାଙ୍କର ଲକ୍ଷ୍ୟ। ଡାକ୍ତର, ମଞ୍ଜୁ ଅପେକ୍ଷା ମନୀଷାର ରୂପରେ ବେଶୀ ମୁଗ୍‌ଧ। ଜୀବନରେ ମନୀଷାଙ୍କୁ ଲାଭ କରି ପାରିଲେ ସେ ହୁଏତ ବେଶି ସୁଖୀ ହେବେ)

ମନୀଷା—ଆଉ ସମସ୍ତଙ୍କ ଦେହ ଭଲ ଅଛି ଡାକ୍ତର ବାବୁ, ଆପଣ କେବଳ ମଞ୍ଜୁର ସ୍ୱାସ୍ଥ୍ୟ ପ୍ରତି ଟିକିଏ ଅଧିକ ଦୃଷ୍ଟି ଦିଅନ୍ତୁ।

ଡାକ୍ତର—ନମସ୍କାର, ମନୀଷା ଦେବୀ ! ମୋତେ ସେ କଥା କହିବାକୁ ହେବ ନାହିଁ। ଏଇ ଗତ ମାସ ମଧ୍ୟରେ

ମଞ୍ଜୁର ସ୍ୱାସ୍ଥ୍ୟ ଢେର୍ ଉନ୍ନତ କରନ୍ତି । ତା' ହେଲେ ବି, ଆପଣମାନଙ୍କ ପ୍ରତି ମୋର ତ ପୁଣି କର୍ତ୍ତବ୍ୟ ରହନ୍ତି ।

ମଞ୍ଜୁ—ଫେମିଲି ଡକ୍ଟରମାନେ ଆମ ସମସ୍ତଙ୍କର ଡକ୍ଟର । ମୋ ପ୍ରତି କାହିଁକି ସେ ଅଧିକ ଦୃଷ୍ଟି ଦେବେ ଅପା, ମୁଁ ବୁଝି ପାରୁ ନାହିଁ ।

ଡାକ୍ତର—ହଁ, ଡାକ୍ତରମାନଙ୍କର ପରର ଅନ୍ତର ଭେଦଭାବ ନ ରହିବା ଉଚିତ ମନୀଷା ଦେବୀ, ଆପଣ କଣ ଭାବୁଛନ୍ତି ?

ମନୀଷା—ଡାକ୍ତରମାନେ ତ ପୁଣି ମଣିଷ । ସେମାନଙ୍କର ହୃଦୟ ଅଛି । ସେମାନେ କାହାକୁ ଭଲ ପାଆନ୍ତି, ଆଉ କାହାକୁ ବା ଘୃଣା କରନ୍ତି । ସେମାନଙ୍କର ପ୍ରିୟା ପ୍ରୀତି, ବନ୍ଧୁ ବାନ୍ଧବ ତ ଅଛନ୍ତି ।

ଡାକ୍ତର—ତା' ନିଶ୍ଚୟ । କିନ୍ତୁ ଚିକିତ୍ସା କରିବାକୁ ଯାଇ ଶତ୍ରୁ ମିତ୍ର ବାଛି ବସିଲେ, ଡାକ୍ତରର ଧର୍ମ ରହିବ ନାହିଁ ମନୀଷା ଦେବୀ । ଆଉ ଚିକିତ୍ସା ହେଉଛି ଏକ ପ୍ରକାର ସେବା—ଗୋଟାଏ ମାନବିକ ଧର୍ମ ।

ମନୀଷା—କିନ୍ତୁ ସବୁ ଡାକ୍ତର କଣ ଏକଥା ଭାବନ୍ତି ବିଜୟ ବାବୁ ? ଆଜିକାଲି ଦେଖି ନାହାନ୍ତି—ଅଧିକାଂଶ ଡାକ୍ତର ଡାକ୍ତରି ବ୍ୟବସାୟଟାକୁ ପଇସା ରୋଜଗାରର ଏକ ଉତ୍କୃଷ୍ଟ ପନ୍ଥା ରୂପେ ଗ୍ରହଣ କଲେଣି । ଆଗେ ସେମାନଙ୍କର ସ୍ୱାର୍ଥ, ତା'ପରେ ରୋଗୀ ସେବା ।

ଡାକ୍ତର—କରପ୍ସନ୍ (corruption), ଦୁର୍ନୀତି । ଆଜିକାଲି ଶିକ୍ଷା, ସ୍ୱାସ୍ଥ୍ୟ—ସମସ୍ତ ବିଭାଗରେ ଦେଖିବେ ଏଇ ଦୁର୍ନୀତି ।

ମନୀଷା—ଦୁର୍ବଳ ରୋଗୀମାନଙ୍କ ଲାଗି ଆସିବ ମହଣ ମହଣ ବଟର୍ ଅଏଲ୍ । କିନ୍ତୁ ପାଇଲା ବେଳକୁ ପାଇବେ ସୁସ୍ଥ ସବଳ ଧନୀ ଭଦ୍ରଲୋକମାନେ । ଡାକ୍ତର କଂପାଉଣ୍ଡର୍‌ମାନଙ୍କୁ ତ ଆଉ ତେଲ କି ଘିଅ କିଛି କିଣିବାକୁ ପଡୁନାହିଁ ! ବେଶ୍ ଉପୁର ଚଳାଯାଉଛି ।

ମଞ୍ଜୁ—ପୁଣି ଡାକ୍ତରଖାନାରେ ଆଜକାଲି କିଛି ଔଷଧ ମିଳୁନାହିଁ । ଟିକିଏ ରୋଗ ବ୍ୟାଧି ହେଲେ, ଡାକ୍ତର ବାବୁ କହୁଛନ୍ତି—ଔଷଧ କିଣି ଖାଅ ! ସେଦିନ ଆମ ସୁଧା ପରି ପେଟମର୍ ପାଇଁ ଡାକ୍ତରଖାନା ଯାଇଥିଲା, ଜାଣିଚୁ ଅପା, —ଫେରିଲା ଖାଲି ଗୋଟାଏ ପ୍ରେସ୍‌କ୍ରିପ୍‌ସନ୍ ଧରିକି— ସାଢ଼େ ଛ'ଟଙ୍କାର ଗୋଟାଏ କି ଔଷଧର ପ୍ରେସ୍‌କ୍ରିପ୍‌ସନ୍ ।

ମନୀଷା—(ଡାକ୍ତରଙ୍କୁ ଉଦ୍ଦେଶ୍ୟ କରି) କାହିଁକି, ଡାକ୍ତରଖାନାକୁ କଣ କିଛି ଔଷଧ ଆସୁନାହିଁ ଡାକ୍ତର ବାବୁ !

ଡାକ୍ତର—ଆସୁଛି, କିନ୍ତୁ ରୋଗୀ ଓ ରୋଗ ଅନୁପାତରେ ଯଥେଷ୍ଟ ନୁହେଁ । ତା' ଛଡ଼ା ଡାକ୍ତରଖାନା ପଛ ଦରଜା ବାଟେ ବି କିଛି କିଛି ଗାଏବ୍ ହୋଇ ଯାଉଛି ।

ମନୀଷା—ତା'ହେଲେ ଆପଣ କିପରି ଡାକ୍ତରି ଧର୍ମ ରକ୍ଷା କରନ୍ତି କହନ୍ତୁ !

ମଞ୍ଜୁ—କିନ୍ତୁ ଅପା, ଆମ ଡାକ୍ତର ବାବୁ କଣ ସେମିତି ? ସେ ଭାରି ଭଲ ମଣିଷ ।

ମନୀଷା—(ହସିଲା) ବାଃ... କେଡ଼େ ବଡ଼ ସାର୍ଟିଫିକେଟ ଗୋଟାଏ ପାଇଲେ ଡାକ୍ତରବାବୁ ! ଲେଖି ରଖନ୍ତୁ, ଦରକାର ବେଳେ କର୍ମରେ ଆସିବ ।

(ଡାକ୍ତର ହସି ଉଠିଲେ ଏବଂ ମଞ୍ଜୁ ଲାଜରେ ରଙ୍ଗା ପଡ଼ିଗଲା ।)

(ଏତିକିବେଳେ ପ୍ରବେଶ କଲେ ନାଥ ଅଜା—୬୦ ବର୍ଷ ବୟସର ବୃଦ୍ଧ । ଧୋତି-ପଞ୍ଜାବି ପିନ୍ଧିଛନ୍ତି, ହାତରେ ଓ୍ୱାକିଂ ଷ୍ଟିକ୍ । ଦେଖିବାକୁ ହୃଷ୍ଟପୁଷ୍ଟ, ପୋଲିସ୍ ବିଭାଗରେ ଉଚ୍ଚ ଚାକିରି କରୁଥିଲେ, ନିକଟରେ ରିଟାୟାର୍ କରିଛନ୍ତି । ଜୀବନରେ ବିବାହ କରି ନାହାନ୍ତି । ଭୂପତିଙ୍କ ସ୍ତ୍ରୀ ଶ୍ରୀମତୀ ମହାପାତ୍ରଙ୍କର ଲେଖାଯୋଖାରେ 'କକେଇ' ହେବେ, ତେଣୁ ପିଲାମାନଙ୍କର 'ଅଜା')

ନାଥ—ଆରେ ଯାଃ, ସବୁ ଟୋକା-ଟୋକୀ ତ ଅଛି ଏଇଠି, ମୁଁ ତେଣେ ମିଛଟାରେ ଖୋଜି ହେଉଛି !
(ଦୁଆର ମୁହଁରେ ଛିଡ଼ା ହୋଇ ଏତିକି କହିଲେ)

ଡାକ୍ତର, ମନୀଷା ଓ ମଞ୍ଜୁ—(ଏକ ସ୍ୱରରେ) ଆରେ ନାଥ ଅଜା ! ଆସନ୍ତୁ, ଆସନ୍ତୁ ! (ନାଥ ଅଜାଙ୍କୁ ଚେୟାର୍‌ରେ ବସାଇ ପିଲାମାନେ ତାଙ୍କ ଚାରି ପାଖରେ ଘେରି ବସିଗଲେ)

ମନୀଷା—ହଁ, ନାଥ ଅଜା, ଏ ସକାଳଟାରେ ଏଣିକି କୁଆଡ଼େ ଗଡ଼ି ପଡ଼ିଲେ ?

ନାଥ—ଆରେ, ମୁଁ ନିଜେ ଗଡ଼ି ପଡ଼ି ନାହିଁ, ଏ ମେଘୁଆ ପାଗଟା ମୋତେ ଏଣିକି ଗଡ଼େଇ ପକେଇଲା । ସକାଳୁ ଉଠି ଦେଖେ ତ—ଏକାବେଳେ ମେଘ ମେଦୁର ଆକାଶ, ବାତାବରଣ ଏକବାରେ ଥଣ୍ଡା । ଭାବିଲି—ବର୍ତ୍ତମାନ ଦେହ-ମନ ପାଇଁ ଟିକିଏ ଉତ୍ତାପ ଦରକାର । ସାରା ଜୀବନଟା ତ ପୋଲିସ୍ ବିଭାଗରେ ଉତ୍ତାପ ଆବେଗ ମଧ୍ୟରେ କଟେଇ ଦେଇ ଆସିଲି, ବର୍ତ୍ତମାନ ତାହା

ମିଳିବ କେଉଁଠୁ ? ମିଳିବ କେବଳ ତମରମନଙ୍କ ପାଖରେ— ମାଇଁ ୟଙ୍ଗ୍ ଫ୍ରେଣ୍ଡସ୍ ।

ମଞ୍ଜୁ—ତାହେଲେ ଆଗେ ଆପଣଙ୍କ ପାଇଁ ବାଲ୍‌ଟିଏ ଗରମ ଗୁ ଦରକାର ନାଥ ଅଜା !

ନାଥ—ତା ବଦଳରେ ଡେକ୍‌ଚିଏ ଗରମ କଫି ହେଲେ ଭଲ । କିନ୍ତୁ ସେ ସବୁ ଗୌଣ କଥା । ବଡ଼ କଥା ହେଉଛି— ଆଜି ଏ ମଧୁର ପରିବେଶ ମଧ୍ୟରେ କୌଣସି ରକମ ଗୋଟାଏ ରୋମାନ୍‌ସ କି ଆଡ୍‌ଭେଞ୍ଚର !—ମେଜାଜ୍‌ଟାକୁ ରୋମାଣ୍ଟିକ୍ କରିବାକୁ ଦରକାର ପଡୁଛି କି ନା !

ଡାକ୍ତର—ତା ହେଲେ ଭଞ୍ଜଙ୍କ ଲବଣ୍ୟବତୀ କାବ୍ୟ ପଢ଼ାଯାଉ, ନୋହିଲେ କାନନ୍ ଡଏଲ୍‌ଙ୍କର କୌଣସି ଗୋଇନ୍ଦା ଗଳ୍ପ ।

ନାଥ—ଏ ଡାକ୍ତରଟା ବିଲକୁଲ୍ ବେରସିକ । ଆରେ, ଏ ଜାଗାରେ କିଏ ଗୋଟାଏ ବହି ଉପରେ ମୁହଁ ଗୁଞ୍ଜି ଅବୃତ୍ତି କରିବାକୁ ଯିବ ? ଏମିତି ଖାଲି ମୁହଁକୁ ମୁହଁ ଯୋଡ଼ି ଦେଇ ମଜା ଗପ, ନୋହିଲେ—

ମନୀଷା—(କଥା ଛଡ଼ାଇ ନେଇ) ବେଶ୍ ବେଶ୍, ତାହାହିଁ ହେଉ ! ଆପଣ ପ୍ରଥମେ ଅରମ୍ଭ କରନ୍ତୁ ନାଥ ଅଜା !

ମଞ୍ଜୁ—ଆଚ୍ଛା ନାଥ ଅଜା, ଆପଣ କାହାର 'ନାଥ'—ଆମକୁ ତ କହୁ ନାହାନ୍ତି !

ନାଥ—ଆଗୋ ସଖି ମଞ୍ଜୁଳିକା, ସେ ଏକ ବିରାଟ ପ୍ରଶ୍ନ—ଦୀର୍ଘ ପ୍ରହେଳିକା । ଜୀବନରେ ମୁଁ ଜଣେ ମାତ୍ର ନାରୀର ନାଥ ହୋଇ ଥିଲି—ଅବଶ୍ୟ ଟେଂପରାରି (Temporary

ଭାବରେ । କିନ୍ତୁ ହା ହତୋସ୍ମି, ଏ ଓଡ଼ିଆ ଜାତି ସେ କଥା ଜାଣି ପାରିଲା ନାହିଁ ।

ମନୀଷା—ଆପଣଙ୍କ ବ୍ୟକ୍ତିଗତ କଥା ଛାଡ଼ି ଓଡ଼ିଆ ଜାତିର ଲାଭ କଣ ନାଥ ଅଜା !

ନାଥ—କଟକର ବିଖ୍ୟାତ ରିଟାୟାର୍ଡ ପୋଲିସ୍ ଏସ୍: ପି: ଶ୍ରୀନାଥ ମହାପାତ୍ର ଖାଲି ଜଣେ ବ୍ୟକ୍ତି ନୁହେଁ ମନୀଷା, ସେ ଏ ଦେଶର ଏକ ଅନୁଷ୍ଠାନ । ତାହାର ଯାବତୀୟ ଖବର ଏ ଜାତି ନିଶ୍ଚୟ ରଖିବ । କିନ୍ତୁ ଏ ନିମକ୍‌ହାରାମ ଜାତି—

ଡାକ୍ତର—ଆମେ ଆପଣଙ୍କ ଜୀବନ ଚରିତ ଲେଖିବୁଁ ନାଥ ଅଜା, ଆପଣଙ୍କ ପ୍ରଣୟ କାହାଣୀ ସବୁ ଖୋଲି କହନ୍ତୁ !

ନାଥ—ସେ ପ୍ରଣୟ କାହାଣୀ ନୁହେଁ ବାପଧନ, ଖାଣ୍ଟିମତ ଏକ ଆଡ୍‌ଭେଞ୍ଚର୍ ! ଏବର ଟୋକା-ଟୋକୀ ସେପରି ଆଡ୍‌ଭେଞ୍ଚର କରି ପାରିବେ ? କାହା ଛାତିରେ ଏତେ ସାହସ ! କାହା ବାହୁରେ ଏତେ ବଳ !

ମଞ୍ଜୁ—କହନ୍ତୁ, କହନ୍ତୁ ସେ ଆଡ୍‌ଭେଞ୍ଚର୍ କଥା !

(ଏହି ସମୟରେ ଶ୍ରୀମତୀ ମହାପାତ୍ର ପହଞ୍ଚି କଥାରେ ବାଧା ଦେଲେ । ଶ୍ରୀମତୀ ମହାପାତ୍ର ପ୍ରୌଢ଼ା, କିନ୍ତୁ ଶରୀରର ସୌନ୍ଦର୍ଯ୍ୟ ଏବେ ବି ଅକ୍ଷୁଣ୍ଣ ରହିଛି । ବେଶଭୂଷା ସାଧାରଣ)

ଶ୍ରୀମତୀ ମହାପାତ୍ର—ଅରେ ମନି, ମଞ୍ଜୁ, ତମେ ପରା ସବୁ ଭୁବନେଶ୍ୱର ଯିବ ! ଆଉ ବସି ଗପୁଛ କଣ, ଯାଅ, ତେଣେ ତମ ବାପା ବାହାରିଲେଣି ଯେ—

ନାଥ—ମୁଁ ଜାଣେଁ, ଏଇ ସ୍ତ୍ରୀ ଜାତି ଯୋଗୁଁ ଜଗନ୍ନାଥ ମହାପ୍ରଭୁ ଖଣ୍ଡିଆ ! ଆଜି ସେଇ ଜାତି ଯୋଗୁଁ ଆମର ରୋମାଞ୍ଚକର କାହାଣୀଟା ବି ହେଲା ଖଣ୍ଡିଆ ।

ଶ୍ରୀମତୀ ମହାପାତ୍ର—ଓହୋ ଜକେଇ, ଆପଣଙ୍କ ଗଳ୍ପରେ ମୁଁ ବାଧା ଦେଲି ଟିକେ—

ମନୀଷା—ଥାଉ ନାଥ ଅଜା, ଆପଣଙ୍କ ଅଡ୍‌ଭେଞ୍ଚର୍ କଥା ଆଉ ଦିନେ ଶୁଣିବୁଁ । ଆଜି ସତକୁ ସତ ଆମେ ଗୋଟିଏ ଅଡ୍‌ଭେଞ୍ଚର୍ କରିବାକୁ ବାହାରୁଛୁଁ ।

ନାଥ—ଯାଃ...ଏତେ ବଡ଼ ଆସରଟା ବିଲ୍‌କୁଲ୍ ମାଟି ହୋଇଗଲା ।

ଶ୍ରୀମତୀ ମହାପାତ୍ର—ବାବା ବିଜୟ, ତମେ ବି ଯାଅ, ଏମାନଙ୍କ ସଙ୍ଗରେ ଭୁବନେଶ୍ୱର ବୁଲି ଆସିବ ।

ନାଥ—ଆଉ ମୁଁ ?

ଶ୍ରୀମତୀ ମହାପାତ୍ର—ତମେ ଏମାନଙ୍କ ସଙ୍ଗରେ ଚାଲିଗଲେ, ମୁଁ ଏଠି ଏକୁଟିଆ ପଡ଼ିଯିବି ଯେ ଜକେଇ ! ଏମାନେ ସବୁ ଫେରିବା ପର୍ଯ୍ୟନ୍ତ ତମକୁ ଏଠି ରହିବାକୁ ପଡ଼ିବ । (ଏତିକି ବେଳେ ଭିତରୁ ମୋଟର କାର୍ ହର୍ଣ୍ଣ୍ ଶୁଭିଲା) ହେଇ, ତମ ବାପା ପ୍ରସ୍ତୁତ ହୋଇ ଗଲେଣି । ଯାଅ, ଯାଅ, ତମେ ସବୁ ବାହାରି ପଡ଼ ।

(ସମସ୍ତେ ବାହାରିଲେ)

ମଞ୍ଜୁ—ନାଥ ଅଜାଙ୍କ ପାଇଁ କେଟ୍‌ଲିଏ କଫି କରି ଦେ ବୋଉ ! ସେ ଅଜା ଦିନସାରା ବସି ଏଠି ତୋ ସହିତ ଗପୁଥିବେ । ବାଇ —ବାଇ ନାଥ ଅଜା !

(ମନୀଷା, ମଞ୍ଜୁ ଓ ଡାକ୍ତର ଚାଲିଗଲା ବେଳେ ହାତ ହଲେଇ 'ଗୁଡ୍ ବାଇ' ଜଣାଇ ଗଲେ । ନାଥ ଅଜା ମଧ୍ୟ ହାତ ହଲେଇ ଟା—ହା—ଶବ୍ଦ କଲେ ।)

ଶ୍ରୀମତୀ ମହାପାତ୍ର—ତମକୁ ଆଜି ଏଠି ଅଟକେଇ ରଖିବାର ଆଉ ଏକ ଉଦ୍ଦେଶ୍ୟ ଅଛି ନନେଇ । ତମେ ଏକ ବାହାଘର ପ୍ରସଙ୍ଗ ଆମ ବିଜୟ ବାବୁ ଡାକ୍ତର ଆଗରେ ପକେଇବ—ମଞ୍ଜୁ ବାହାଘର ପ୍ରସଙ୍ଗ ।

ନାଥ—ଏଁ, ମନ୍ନି ବାହା ନ ହେଉଣୁ ମଞ୍ଜୁର ବାହାଘର ? ବଡ଼ ଝିଅ କଥା ଆଗେ ଠିକ୍ କର୍ ମା' । ମଞ୍ଜୁର ବୟସ କଣ ଗଡ଼ି ଯାଉଛି !

ଶ୍ରୀମତୀ ମହାପାତ୍ର—ନା ନନେଇ, ମନ୍ନି ବାହା ହେବନି । ତାହାର ଇଚ୍ଛା—ଲ' ପାଶ୍ କରି ପ୍ରାକ୍‌ଟିସ୍ କରିବ—ବୁଢ଼ା ବୟସରେ ଆମକୁ ପୋଷିବ । କାଲି ଏଇ ଶେଷ ସିଦ୍ଧାନ୍ତ ଆମକୁ ଜଣେଇ ଦେଇଛି ।

ନାଥ—ସାବ୍‌ବାସ୍ ! ମନ୍ନି ତୋ ଝିଅ ନୁହେଁ ରେ ମା, ବେଣ୍ଡିଆ ପୁଅ ଗୋଟାଏ ! ତୋର ପୁଅଟିଏ ଥିଲେ ଆଉ କଣ ବେଶି କରି ପକେଇଥାନ୍ତା ! ସେ ଠିକ୍ ବାଟ ଧରିଛି । ବାହା ନ ହେଲେ ଏବେ କ'ଣଟା ଭାସିଯିବ ! ମୁଁ ପୁଣି ବାହା ନ ହୋଇ ଇମିତି ଜୀବନଟା କଟେଇ ଦେଲି, ନା ଆଉ ରହିଲା ?

ଶ୍ରୀମତୀ ମହାପାତ୍ର—କିନ୍ତୁ ନନେଇ, ମୋର ଭୟ ହେଉଛି—ମନ୍ନି କଣ ସବୁଦିନେ ନିଜ ପ୍ରତିଜ୍ଞାରେ ଅଟଳ ରହି ପାରିବ ?

ନାଥ—କାହିଁକି ନ ପାରିବ ? ନିଶ୍ଚୟ ପାରିବ— ଅଲବତ୍ ପାରିବ, ବାଇ ଅଲ୍ ମିନ୍‌ସ୍ (By all means) ! ମୁଁ ଜାଣେ —ମନ୍ନିଟା ବଡ଼ ଜିଦ୍‌ଖୋର୍ । ସେ ଥରେ ଯାହା ଠିକ୍ କରିଥିବ, ବ୍ରହ୍ମା ବିଷ୍ଣୁ ଆସିଲେ ବି ସେଥିରୁ ତା'କୁ ଟଳେଇ ପାରିବେ ନାହିଁ ।

ଶ୍ରୀମତୀ ମହାପାତ୍ର—କିନ୍ତୁ ମାଇକିନିଆ ଝିଅ ଓକିଲାତିରେ କଣ ପାରି ଉଠିବ ?

ନାଥ—କାହିଁକି, ମାଇକିନିଆ ଝିଅ କଣ ଓକିଲାତି କରୁ ନାହାନ୍ତି ? କଟକ, ବ୍ରହ୍ମପୁର କୋର୍ଟରେ ଦେଖିବୁ ଯା—ଗଣ୍ଡା ଗଣ୍ଡା ! ତାପରେ ମନ ଆମର କହିଲା-ପୁଚ୍ଛିଲା ଝିଅ; ସେ ନିଶ୍ଚୟ ପାରି ଉଠିବ । ତୁ ଦିନେ ଦେଖିବୁ ମା, ଓକିଲାତିରେ ଠିକ୍ ତା' ବାପ ପରି ସେ ନାଁ କରିବ ।

ଶ୍ରୀମତୀ ମହାପାତ୍ର—ହଉ ହେଲା କରେଇ । ବର୍ତ୍ତମାନ ମଞ୍ଜୁ କଥା । ଦେଖୁଛି—ତାହାର ପଢ଼ାଶୁଣାରେ ମନ ନାହିଁ । ଏଥର ମେଟ୍ରିକ୍ ଦେଉଛି ସିନା, କିନ୍ତୁ ମୁଁ ଭଲ କରି ଜାଣେ ସେ ପାଶ୍ କରି ପାରିବ ନାହିଁ । ସବୁବେଳେ ନାଚ, ଗୀତ, ଖେଳ, କସରତ୍ ନେଇ ବ୍ୟସ୍ତ । ଆଉ ବାହା ହେବାକୁ ବି ମନା କରୁ ନାଇଁ । କାଲି ତା' ବାପା କହୁଥିଲେ—ଏଇ ନୂଆ ଡାକ୍ତର ସହିତ ତା'ର ଖୁବ୍ ମନ ମିଳୁଛି ।

ନାଥ—(ଅତି ଖୁସିରେ ଟେବୁଲରେ ହାତ ବାଡ଼େଇ) ତା ହେଲେ ତ ସୁବର୍ଣ୍ଣ ସୁଯୋଗ—ଗୋଲ୍ଡେନ ଚାନ୍ସ୍ ! ଡାକ୍ତର ଟୋକାଟା ବି ମନ୍ଦ ନୁହେଁ—ବେଶ୍ ସ୍ମାର୍ଟ୍ ଏଣ୍ଡ୍ ଜଲି ବଏ୍ (Smart and jolly boy), ଡାକ୍ତରିରେ ବି ପଇସା ମଧ୍ୟ କମଉଛି । ତୁ' ନିଶ୍ଚିନ୍ତ ରହ ମା, ମୁଁ କାଲି ଭିତରେ କଥାଟା ପକ୍କା କରି ନେଉଛି ।

ଶ୍ରୀମତୀ ମହାପାତ୍ର—ଦେଖନ୍ତୁ ! ଜଗନ୍ନାଥେ ଭରସା !

(ମଞ୍ଚ ଅନ୍ଧକାର ହୋଇଗଲା)

ଦ୍ୱିତୀୟ ଦୃଶ୍ୟ

(ଘର ଅଗଣାରେ ଅଗଣି ଦାସ ବସି ବଟୁଆ ଖୋଲି ପାନ ଭାଙ୍ଗି-ବାରେ ଲାଗିଛନ୍ତି । ପ୍ରୌଢ଼; ମଳିଆ ଲୁଗା ପିନ୍ଧିଛନ୍ତି । ପୋଷାକରୁ ଦାରିଦ୍ର୍ୟ ବାରି ହୋଇ ପଡ଼ୁଛି । ଏହିପରି ପାନ ଭାଙ୍ଗୁଥିବା ବେଳେ ରାଧା ଘୁଞ୍ଚୁଣି ହାତରେ ଅଗଣା ଓଳାଉଁ ଓଳାଉଁ ଆସି ପହଞ୍ଚିଲା ।)

ରାଧା —(ଘର ଖରକା ବନ୍ଦ କରି) ବାବା, ମୋର ଆଜି ବାବୁଘରୁ ଫେରିବାକୁ ଟିକିଏ ଡେରି ହେବ ।

ଅଗଣି—କାହିଁକି ଲୋ ମା' ?

ରାଧା—ବାବୁ, ବଡ ଦେଈ, ସାନ ଦେଈ ସବୁ ଭୁବନେଶ୍ୱର ଯାଇ-ଛନ୍ତି । ଘରେ ମା' ଏକା । ସେମାନେ ନ ଫେରିବାଯାଏଁ ମା' କଣ ମୋତେ ଛାଡ଼ିବେ ?

ଅଗଣି— ହଉ ମା, ରନ୍ଧାବଢ଼ା ପାଇଟି ସବୁ ଛାଡ଼ି ଯାଉଛୁ ତ ?

ରାଧା—ତରଅଣ ରନ୍ଧା ସରିଛି । ଭାତ ପାଣି ଚୁଲିରେ ବସିଛି । ଆଉ ଖାଲି ନଈରୁ ପାଣି କଳସୀଏ ଆଣି ଦେଇଯିବି ।

(ଏତିକି ବେଳେ ଭିତରୁ ଅଖେଇ ନାନୀର ପାଟି ଶୁଭିଲା । ଅଖେଇ ବାଳ-ବିଧବା ହୋଇ ବାପ ଘରେ ରହିଛନ୍ତି । ଦାରବୃତୀ, ବିଧବା ବେଶ, ବଡ଼ ଚତୁରା ସ୍ତ୍ରୀ ।)

ଅଖେଇ—(ଭିତରୁ) ରେ ଅଗଣି—ଆରେ ଅଗଣି ଅଛୁ ନା ରେ !

ଅଗଣି—ଅଲୋ ଅଖେଇ ନାନୀ ନା କଂ ! ଆ—ଆ—

(ରାଧା ପ୍ରତି) ଦେଉଛି ଲୋ ମା, ଏଠି ଚଟେଇ ଖଣ୍ଡେ ।

(ରାଧା ଭିତରୁ ଚଟେଇ ଖଣ୍ଡେ ଆଣି ବାପ ପାଖରେ ପକାଇଲା । ଅଖେଇର ପ୍ରବେଶ)

ଅଖେଇ—(ରାଧାକୁ ନିରେଖି ଚାହିଁ) ମୋ ମା' ରାଧା କି ଲୋ ! ଆଁ, ଏଡୁଟିଏ ହୋଇ ଗଲଣି ! ଗୋଟିଏ ଗୃହଲରେ ଗଢ଼ା ହୋଇଛୁ ଲୋ ଝିଅ—ଠିକ୍ ତୋ ମା' ପରି—ମା' ଗଢଣ ଗୋଟିପଟେ । ହା—ହା, ମା ଚଣ୍ଡାଳୁଣୀଟା ଯାହା ଏ ମୁଖଶିରୀ ଦେଖି ପାରିଲା ନାହିଁ ! ଅହ୍ୟ ସୁଲକ୍ଷଣୀ ହୋଇ ଥା ମା'—ଅହ୍ୟ ସୁଲକ୍ଷଣୀ ହୋଇ ଥା ! (ଅଗଣି ପ୍ରତି) ଆଉ ଡେରି କର୍ ନା ରେ ଅଗଣି ! ଭଲ ଘର ଭଲ ବର ଦେଖି ଏବେ ଝିଅଟିକି ଦୁ'ହାତ କରେଇ ଦେ !

ଅଗଣି—ମୁଁ ଚୁପ ହୋଇ ବସିଛି ନାନୀ, ଚେରେଷ୍ଟା କରୁଛି । (ଚାହିଁ ଦେଖିଲା—ରାଧା ପଛରେ ଅଛି) ତୁ ଠିଆ ହୋଇଚୁ କଣ ମା, ଯା—ଗୁଣ୍ଡେ ପାଣି କଳସୀଏ ନଇରୁ ଘେନି ଆ' ।

(ରାଧା ଚାଲିଗଲା)

ଅଗଣି—(କହି ଲାଗିଲା) ଅନେକ ଯାଗାରୁ ପ୍ରସଙ୍ଗ ଆସିଲାଣି, କିନ୍ତୁ କେଉଁଠି ମୁଁ ଯବାବ ଦେଇ ନାହିଁ । ମୋର ଏକାଟବେଳେ ଖାଣ୍ଟି କଥା—ପାଞ୍ଚ ଶ' ଟଙ୍କା କନ୍ୟା ସୁନା ଥୁଅ—ବସ୍, ନୋହିଲେ ଖସ । ଅଗଣି କଥା ତୁ ତ ଜାଣୁ ନାନୀ, ତା'ର ଗୋଟିଏ ବାପ—ଗୋଟିଏ କଥା !

ଅଖେଇ—ସେଇ ତ ପୁରୁଷପଣିଆରେ ଅଗଣି ! ଆମ ଜାତରେ ଝିମତ କନିଆଁ ପାରୀର ଅଭାବ, ସେଥିରେ ପାଞ୍ଚ ଶ' ଟଙ୍କା

ତ ମିଳୁଛି କଥା, ହଜାର ହଜାର ଢେଳା ପରା ପଛରେ ଗୋଡ଼େଇବେ ! ତେବେ ଆଉ ଗୋଟିଏ କଥା, ଡାକ ଫୁକାର କନ୍ୟା-ସୁନା ହାଙ୍କିବୁ ନାଇଁ ଟି, ଖବରଦାର ! ଷଡ଼ କାନ—ମନ୍ତ୍ର ଭେଦ ।

ଅଗଣି—ମୁଁ ଖୁବ୍ ହୁସିଆର ଅଛି ନାନା । ଦେବ ଜଣେ—ନେବ ଜଣେ, ଆଉ ପାଞ୍ଚ ପଚିଶ୍ ଲୋକ ଜାଣିବେ କାହିଁ ? କି ଦରକାର ?

ଅଖେଇ—ଏ ଗାଁ କଥା କଣ ତୁ ଜାଣିନୁ ରେ ! ଏଠି ପରା କାନ୍ଥ ବାଡ଼ର କାନ ଅଛି । ଆଖି ପିଛୁଳାକେ ତିଳକୁ ତାଳ କରି ଥୋଇଦେବେ—ସଜ ମାଛରେ ପୋକ ପକେଇ ଦେବେ । ପୁଣି ଗୋଟାଏ ପଞ୍ଚାୟତ କୋର୍ଟ ଅଛି । ଏ କଥାଟା ପଞ୍ଚାୟତ କାନରେ ପଡ଼ିଲେ, କେତେ କି ପେଞ୍ଚ କରିବେ—ଦେଖିବୁ ରହ ।

ଅଗଣି—(ବେଖାତିର୍ ଭାବରେ) ହୁଃ, ଅଗଣି ଦାସ ସେ ପେଞ୍ଚକୁ ଡରୁଛି ! କାହିଁକି, ଅଗଣି ଦାସ କଣ ଚୋରି କରୁଛି, ନା ଜିନାକାର କରୁଛି ଯେ ପଞ୍ଚାୟତ ପେଞ୍ଚକୁ ଡରିବ ? ତା' ଝିଅକୁ ସେ ଧର୍ମ ଦେଲା ବା ବିକି ଦେଲା, ସେଥିରେ ପଞ୍ଚାୟତ କୋର୍ଟର କଣ ଯାଏ ଆସେ ! (ଅଖେଇକୁ ପାନ ଭାଙ୍ଗି ଦେଲା)

ଅଖେଇ—ସେ ସତ କଥା ଅଗଣି । ତେବେ ଟଙ୍କା କଉଡ଼ି କାରବାର ଗୁପ୍‌ଚୁପ୍‌ରେ ହେବା ଭଲ । ଆଜିକାଲି କନ୍ୟାସୁନା କଥାଟାକୁ ଲୋକେ ଉପରେ ନାପସନ୍ଦ କଲେଣି, କିନ୍ତୁ ଭିତରେ ଭିତରେ ସବୁ ଚାଲିଛି । ହେଇ ପରା, ସେଦିନ ବଷିଆ ତେଲି ଭାଟପଡ଼ାରେ ଝିଅ ବାହା ଦେଲା; ନାଁ ହେଲା

—ଝିଅ ଧରି ବଦଉଛନ୍ତି । ଏଣେ ଭିତରେ ଶୁଣିଲା ବେଳକୁ
—ପାଞ୍ଚ ଶ' ଟଙ୍କା, ଅଉ ପାଞ୍ଚ ଭରଣ ଧାନ ! ତେଲି
ଟୋକା ତେଢ଼ ଗୁଲଗ୍—ପୋଖରୀକ ମାଛ ଖାଇବ,
ଦେହରେ କାଦୁଅ ଟିକିଏ ଲଗିବ ନାଇଁ ।

ଅଗଣି—ଅଖେଇ ନାନୀ, ଯୁଗ ହେଲା ଓଲଟା ! ଆମର ବାପ ଅଜା ତ
ପୁଣି ଏଇୟା କରୁଥିଲେ ! କି ପାପ ହେଉଥିଲା ତାଙ୍କର ?
ହେଃ—ଏତେ କଷ୍ଟ ସହି ଝିଅ ଜନମ କରିବୁଁ, ପନ୍ଦର
ଷୋଳ ବରଷ ଖୋଇ ପେଇ ବଢ଼େଇବୁଁ' ହାନି ଲାଭ
ଭଲ ମନ୍ଦ ସହିବୁଁ, କୋଡ଼ି କୋଡ଼ି ଟଙ୍କା ଖରଚ—ଏ
ସବୁ ଆସେ କୁଆଡ଼ୁ ଲୋ ?

ଅଖେଇ—ଶେଷକୁ ପୁଣି ବାହାଘର ଖର୍ଚ୍ଚ ରେ ଅଗଣି ! ବାହାଘର
ନୁହେଁ ଯେ—ବୁଢ଼ାଘର । କେତେ ଧନ ଦାନ ଗୋଟାକରେ
ବହିଯିବ, ଦେଖିବୁ ରହ !

ଅଗଣି—ଏଥିରେ କନ୍ୟା ସୁନା ନେଲେ ଦୋଷ ହୋଇଗଲା ! ଏ
ତ୍ରିସନ୍ଧ୍ୟା କାଳରେ ତୋ ଆଗରେ ମୁଁ ହଲପ୍ କରି
କହୁଛି ନାନୀ, ରାଧା ପାଇଁ ପାଞ୍ଚ ଶ' ଟଙ୍କାରୁ ପଇସାଏ
ଊଣା ହେଲେ ମୁଁ ଆଉ ନ ବସେଁ ।

ଅଖେଇ—ପାଞ୍ଚ ଶ' ଯାଗାରେ ସାତ ଶ' ଦେବାକୁ ଲୋକେ ରାଜି
ଅଛନ୍ତି । କହୁବୁ ତ, ଏହି ମାସ ଭିତରେ ମୁଁ କଥା ପକାଇ
ସବୁ ଠିକ୍ ଠାକ୍ କରି ଦେବ ।

ଅଗଣି—କେଉଁଠି—କେଉଁଠି ଅଖେଇ ନାନୀ ?

ଅଖେଇ—ଏଇ ମୋ ଶଶୁରଘର ଗାଁ କାଳିକାପୁର—ନିଧି ପଇଡ଼ା
ଘର । ତୁ' ଶୁଣିଥିବୁ—ବେଶ୍ ଥିଲାବାଲା । ଅଉଲ୍ ନମ୍ବର
ଜମି ହ' ବାଟି, ଗୋରୁ ମଇଁଷି ଗୁଡ଼ାଏ, ପୁଣି ପାଞ୍ଚଟି

ରୋଜଗାରଆ—କଲିକତା ସାହେବ ବାଡ଼ରେ ଗୃହକର ।

ଅଗଣି—ଏ କଥା ଆଉ ଛାଡ଼ିବାକୁ ଅଛି ନାନୀ ? ତୁ' ଲଗି ଯା—

ଅଖେଇ—ଦାନ ଖଇରାତ, ବନ୍ଧୁ ଚଣିଆରେ ନିଧି ପଇଡ଼ା ଚୋହାଏ କର୍ତ୍ତେ । ତୁ' ସେଇଟି ବସ୍ ଅଗଣି, ସବୁଆଡ଼ୁ ସୁବିଧା । ନିଧି ପଇଡ଼ା ରୋକ୍‌ଠୋକ୍ ପାଞ୍ଚ ଶ' ଟଙ୍କା କନ୍ୟାସୁନା ଗଣି ଦେବ । ସେଥିରେ ତୁ ତୁଳସୀ ପତ୍ର ପକେଇ ପେଡ଼ିରେ ଥୋଇବୁ । ବାକି ବାହାଘର ଖରଚ ବାବଦ ଦୁଇ ଶ' ଟଙ୍କା । ଆଉ ଅଭାବ କଣ ?

ଅଗଣି—ତୁ ଗୃହେ କାଳିକାପୁର ଖବର ପଠା ନାନୀ ! କଥା ଠିକ୍ ହେଲେ, ଏଇ ସାଲରେ ବାହା କାମଟା କଢ଼େଇ ଦେବା ।

ଅଖେଇ—ଆଉ କଣ କଥା ଠିକ୍ ହେବ ରେ ? ମୋର କଥା ତ ଏକବାର ଠିକଣା କଥା । ମୋ କଥାରୁ କଣ ନିଧି ପଇଡ଼ା ବାହାର ଯିବ ? ତୁ ଯଦି ରାଜି ଅଛୁ ତ—

ଅଗଣି—ଭଲ, ତୋ କଥାରେ ମୁଁ କଣ ଅବିଶ୍ୱାସ କରିବି ନାନୀ ? ତୁ' କଣ ଆମର ଅମଙ୍ଗଳ ପାଞ୍ଚିବୁ ? ତୋର ଯଦି ମନ ମାନୁଛି, ମୋର ଆଉ ଆପତ୍ତି କଣ ?

ଅଖେଇ—ପାଞ୍ଚ ହିସାବରେ ବଇଶଟୀଟି ଅମ ଗୁଧା ଲାଖି ଏକା । ବୟସ ପିନା ଟିକିଏ ବେଶି ହେଇ ଯାଉଛି, ଦେଖିବାକୁ ସାକ୍ଷାତ୍ କାର୍ତ୍ତିକ ରେ ଅଗଣି ! ବିଚାରର ଭାଗ୍ୟ ଖରାପ— ତେରସ୍ତା ବର୍ଷ ହଇଜାରେ ଭାର୍ଯ୍ୟାଟି ମାରି ପଡ଼ିଲା । ସେଇ ଦିନୁ ନିଧି ପଇଡ଼ା ମୋତେ ଲଗେଇଛି—

ଅଟଣି– ସବୁ କପାଳ କଥା ଜାଣି । ଯାହା ହାଣ୍ଡିରେ ଯିଏ ଗୁହଳ ଦେଉଛନ୍ତି ! ଆମେ ଏଣେ ମିଛରେ ଚମ୍ପୁ କୁଟି ହେଲେ ଲଭ କଣ ?

(ଏହି ସମୟରେ ପରଦା ପଡ଼ିଲା– ମଞ୍ଚ ଅନ୍ଧାର ହେଲା)

୩ୟ ଦୃଶ୍ୟ

(ନଈ କୂଳ ରାସ୍ତା । ସଂଜ ହେଲାଣି । କଳସୀ କାଖରେ ନଈରୁ ପାଣି ଆଣିବାକୁ ଯାଉଛି ରାଧା । ସେତିକିବେଳେ ତା'ହାର ପଛପଟ ଦଗରୁ ଆସିଛି ନବୀନା— ବୟସ ୨୦।୨୨ ହେବ । ଗାଁର ଯାତ୍ରା ଟୋକା, ଖଦଡ଼ ଓ କାମିଜ୍ ପିନ୍ଧିଛି, ଯାତ୍ରା ଟୋକାଙ୍କ ପରି ବେଶୀ ଚୁଳ ରଖିଛି, ବିଡ଼ି ଖାଉଁ ଖାଉଁ ଆସିଛି । ରାଧା ଓ ନବୀନା ପରସ୍ପରକୁ ମୁଖ ପାଆନ୍ତି ।)

ନବୀନା— (ରାଧାକୁ ଦେଖି ଖୁସିଠାଏ ହେଲା) କିଏ ରାଧା କି ଲୋ !
ଆହା—ହା – (ଗାଇଲା—)

ନହୁଲି ବୟସୀ ରାଧା, ନ ମାନଇ କିଛି ବାଧା,
ମୁହଁ ସଞ୍ଜ ବେଳେ କଳସୀ କାଖରେ
ନଦୀ କୂଳେ ଚାଲେ ସିଧା ରେ—ଏ—ଏ—ଏ—

ରାଧା— (ଛଳ କୋପ କରି) ନବୀନା, ଏ ସଞ୍ଜ ବେଳଟିରେ ମୋ ସାଙ୍ଗରେ ଲାଗ୍ ନା କହୁଛି । ଉଠ୍—ବାଟ ଛାଡ଼୍—ମୋ କାମରେ ମୁଁ ଯାଏଁ ।

ନବୀନା—ମୋ ବୋପା ଲୋ, ଆଜ କାହିଁକି ଭାରି ତେଜ ! କଣ ବାଟ ନ ଛାଡ଼ିଲେ, ମୋ ନାଁରେ ନାଲିସ୍ କରିବୁ ?

ରାଧା—(ମୁହଁ ତଳକୁ ପୋତି ନୀରବ ରହିଲା)

ନବୀନା— କିଲୋ, ତୁନି ହେଲୁ ଯେ ! (ପାଖକୁ ଲାଗି ଆସି) ରାଧା, ରାଧା ମ ! ଆଜ ତୋ' ମନରେ ସୁଖ ନାହିଁ ଦେଖୁଛି ।

କଣ ହେଇଚି କି ? (ରାଧା ମୁହଁକୁ ଚାହିଁ ଦେଖିଲା — ତା' ଆଖି ଯୋଡ଼ିକ ଲୁହ ଛଳ ଛଳ) ଏଁ—ତୁ' କାନ୍ଦୁଛୁ ? ରାଧା, ମୋ ରାଣ, ମୋତେ କହିବୁ ନି— କାହିଁକି କାନ୍ଦୁଛୁ ?

ରାଧା—(ସେମିତି ଠିଆ ହୋଇ ନୀରବରେ ପଣତ କାନିରେ ଲୁହ ପୋଛୁଥିଲା)

ନବୀନା— ରାଧା, ମୋ ସୁନାଟା ପରା ! ମୁଁ କଣ ତୋର କେହି ନୁହେଁ ? ମୋତେ କହିବୁ ନି' ତୋ ମନ କଥା ? କହ, ମୋ ରାଣ— ମୁଁ ମରେଁ ଟି, କହ ଭଲା !

ରାଧା—କହିବି ଆଉ କିଆଁ ନୁଲି ! ଘରେ ଅଖେଇ ନାନୀ, ବାବା ବସି ସଲାସୂତ୍ର କରୁଛନ୍ତି, ପାଞ୍ଚ ଶ' ଟଙ୍କା କନ୍ୟାସୁନାରେ ମୋତେ ଦୋବେହି ବୁଢ଼ା ବରରେ ବାହା ଦେବେ ।

ନବୀନା—କେଉଁଠି ଲୋ, କେଉଁଠି ?

ରାଧା— କାଳୀକାପୁର ନାଥୁ ପଇଡ଼ା ଘରେ ।

ନବୀନା—ଏଁ ! (ବିସ୍ମିତ ହତବାକ୍ ହୋଇ କିଛି ସମୟ ନୀରବ ରହିଲା । ରାଧା ସେମିତି ପଣତ କାନିରେ ଲୁହ ପୋଛୁଥାଏ) ଆଚ୍ଛା, କିଛି ଚିନ୍ତା ନାହିଁ । ତୁ ତୁନି ହ' ରାଧା ! ମୁଁ ସେ ପାଞ୍ଚ ଶ' ଟଙ୍କା କନ୍ୟାସୁନା ଯୋଗାଡ଼ କରି ଦେବି ।

ରାଧା—ଏତେଗୁଡ଼ା ଟଙ୍କା କେଉଁଠୁ ପାଇବୁ ?

ନବୀନା—ଜମି ବାଡ଼ି ଯାହା ଦି' ଗୁଣ୍ଠ ଅଛି, ସେ କଣ ହେବ ? ତୋର ଲାଗି ସିନା ମୋର ସେ ଜମି ବାଡ଼ି, ଧନ ସମ୍ପତ୍ତି ଲୋ ରାଧା !

ରାଧା—ଜମି ବାଡ଼ି ବିକଲେ, କି ବନ୍ଧକ ଦେଲେ, ଚଳାବୁ କିମିତ ?

କୃଷ୍ଣ—ସେ କଥା ତୁ' କର୍ ନା ନବୀନା !

ନବୀନା—ତୋ ଲାଗି ମୁଁ ସବୁ କରି ପାରେଁ ଲୋ—ସବୁ କରି ପାରେଁ । ଜମି ବାଡ଼ି ଗଲେ, ମୋ ବାହାରେ ତ ବଳ ଉଣା ହୋଇ ଯାଇ ନି ! ମୂଲ ଲାଗିବି । ନହେ ମହାନ୍ତି, କି ଭୂପତି ମହାପାତ୍ରଙ୍କ ଘରେ ମୂଲିଆ ହେବି ! ହଇହୋ ପେଟ ଆମର କଣ ଅପୋଷା ରହିବ ଲୋ ରାଧା ?

ରାଧା—(ଯେପରି ବଳ ଓ ସାନ୍ତ୍ୱନା ପାଇଲା ! କାନ୍ଦ ବନ୍ଦ ହୋଇଗଲା ! ଦୀର୍ଘ ନିଶ୍ୱାସ ପକାଇ କହିଲା) ଯାହା କରୁଛୁ କର !

ନବୀନା—ଯେତେ ଯାହା ହେଉ, ରାଧା କୃଷ୍ଣର ଲୋ—କୃଷ୍ଣ ରାଧାର । ହଜାରେ ଚନ୍ଦ୍ରସେଣା ଆସିଲେ, ରାଧା କୃଷ୍ଣଙ୍କୁ କଣ ଅଲଗା କରି ପାରିବେ ? ହଇଲୋ, କାଲି ରାତିରେ ତୁ ମହାଦେବ ପଡ଼ିଆକୁ ଯାତ୍ରା ଦେଖି ଯାଇଥିଲୁ ?

ରାଧା—ହଁ ରେ, କାଲି ଯାତ୍ରାରେ କୃଷ୍ଣ ବେଶ ତୋତେ ଭାରି ମାନିଥିଲା । ତୁ ଯେତେବେଳେ କଂସ ରଜାକୁ ମାରିଲୁ—ତା'ର ବୀରମାନଙ୍କୁ ଗୋଟି ଗୋଟି କରି ନିପାତ କଲୁ, ମୋ ଛାତି ଖାଲି ସେତେବେଳେ ଫୁଲି ଉଠୁଥାଏ । ଆଉ କଂସ ମଲାରୁ ତା' ରାଣୀମାନେ ଆସି ଯେତେବେଳେ ବାହୁନି କାନ୍ଦିଲେ, ସତରେ ନବୀନା, ମୋ ଆଖିରେ ଆଉ ଲୁହ ରହିଲା ନାହିଁ । ମନେ ମନେ ତୋତେ ମୁଁ ଭାରି ଗାଳି ଦେଲି । ତୋରି ଯୋଗୁଁ ସିନା ସେ ଭୁଆସୁଣି-ଗୁଡ଼ାଙ୍କର କପାଳ ବୁଡ଼ିଲା, ସେମାନେ ଅନାଥ ହେଲେ !

ନବୀନା—ସ୍ୱାମୀ ଦୋଷରୁ ସ୍ତ୍ରୀମାନଙ୍କର ଏ ଦଶା ! ସେଥିଲାଗି ଆଉ କିଏ କଣ କରିବ ? ହଁ, ଆଜ ପୁଣି ହେବ—ରୁକ୍ମଣୀ ପରିଣୟ । ତୁ' ଆଜ ନଷ୍ଟେ ନଷ୍ଟେ ପାଲା ଦେଖି ଯିବୁ ରାଧା ! ଦେଖିବୁ—ମୁଁ ଆଜ କୃଷ୍ଣ ସାଜ ଶିଶୁପାଳଙ୍କୁ ଙ୍କ ବାଗରେ ରୁକ୍ମଣୀ ହରଣ କରି ଘେନିଯିବ ।

ରାଧା—ହେଉ ଯିବ । (ପଛରୁ ନାଥ ଅଙ୍କା ଓ ଡାକ୍ତର ବାବୁଙ୍କ ପାଟି ଶୁଭିଲା) ଏହିଇ, କିଏ ଅସୁଛନ୍ତି । ହଟ୍ ହଟ୍—ମୁଁ ପଳେଇ ଯାଏଁ ।

ନବୀନା—ମଲା, ମୋ ଘର ମଣିଷ ସାଙ୍ଗରେ ମୁଁ କଥାଭାଷା କରୁଛି, ଲୋକ ଆସିଲେ କଣ ହୋଇଗଲା ?

ରାଧା—ପାଃ—ଅତି ବାଗରେ କଥା କହୁଛି ! (କହି ଆଡ଼େ ଚାଲିଗଲା)

ନବୀନା—ପୁଣି କାଲି ଏଇଠି, ଏଇ ବେଳକୁ ଦେଖା ! (ପଛରୁ ଡାକ ଶୁଭିଲା ଓ ରାଧାର ବିପରୀତ ଦିଗରେ ପ୍ରସ୍ଥାନ କଲା)

(ନବୀନା ଯେଉଁ ଦିଗରେ ପ୍ରସ୍ଥାନ କଲା, ସେହି ଦିଗରୁ କଥାବାର୍ତ୍ତା ହୋଇ ପ୍ରବେଶ କଲେ—ନାଥ ଅଙ୍କା ଓ ଡାକ୍ତର ବଙ୍କୁ ବାବୁ ।)

ନାଥ—ତହିଁରେ ବିସ୍ମିତ ହେବାର କିଛି ନାହିଁ ରେ ଡାକ୍ତର ! ଏ ଜୀବନଟା ଯାବତୀୟ ବସ୍ତୁର ଏକ ଯାଦୁଘର ।

ଡାକ୍ତର—କିନ୍ତୁ ମୋର ମନେ ହୁଏ, ମନୀଷା ଦେବୀଙ୍କର ଏ ପ୍ରତିଜ୍ଞା ବଡ଼ ଦୁର୍ବଳ ନାଥ ଅଙ୍କା । ଜୀବନରେ ସେ ବିବାହ ନ କରି ରହି ପାରିବେ ?

ନାଥ—ସମାଜରେ ଏ କଥାଟା ଯେତେବେଳେ ସମ୍ଭବ ହେଲାଣି, ମନୀଷା କାହିଁକି ନ ପାରିବ ? ଯାହାହେଉ, ସେ ପ୍ରଶ୍ନରେ ମଥା ଖେଳାଇ ଆମର କିଛି ଲାଭ ନାହିଁ ।

ଡାକ୍ତର—ମୁଁ ଆଶା କରିଥିଲି, ମନୀଷାଙ୍କର ବିବାହ ପ୍ରସ୍ତାବ ମୋ ଆଗରେ ଉପସ୍ଥାପିତ କରାଯିବ । ମୁଁ ବି ସେଥିପାଇଁ ପ୍ରସ୍ତୁତ ହେଉଥିଲି । କିନ୍ତୁ ବର୍ତ୍ତମାନ ଦେଖିଲା ବେଳକୁ—

ନାଥ—ମନୀଷା ଯାଗାରେ ମଞ୍ଜୁ—ଗୁଲ୍‌କୋଜ୍ ସ୍ଥାନରେ ସୁଗାର୍, କିଛି ତଫାତ୍ ନାହିଁ ରେ ଡାକ୍ତର । ମନୀଷା ଆଉ ମଞ୍ଜୁ— ଗୋଟିଏ ବୃନ୍ତରେ ଦୁଇଟି ଫୁଲ ।

ଡାକ୍ତର—ତଥାପି ନାଥ ଅଙ୍କଲ—

ନାଥ—ଆରେ ୟଙ୍ଗ ଫ୍ରେଣ୍ଡ୍, ମୁଁ ବୁଝୁଛି ସବୁ କଥା । ଟୁ ବି ଭେରି ଫ୍ରାଙ୍କ୍—(To be very frank) ମନୀଷାହିଁ ତୁମର ମାନସ ପ୍ରତିମା । କିନ୍ତୁ ସେ ପ୍ରତିମା କେବଳ ପ୍ରତିମା ମାତ୍ର —ହୁଏତ ପ୍ରସ୍ତର ପ୍ରତିମା, ମୃତ-ଜଡ଼ ପିଣ୍ଡ । ତା' ନିକଟରେ ପ୍ରୀତିର ଅର୍ଘ୍ୟ ନିବେଦନ କରି ତୁମେ ନିରାଶ ହେବ ଡାକ୍ତର—ନିଶ୍ଚୟ ନିରାଶ ହେବ, ମୁଁ ଆଗରୁ କହି ରଖୁଛି ।

ଡାକ୍ତର—ସେ ନିରାଶାରେ ଆନନ୍ଦ ଅଛି ନାଥ ଅଙ୍କଲ, ଗୌରବ ମଧ୍ୟ ।

ନାଥ—ଆଦୌ ନୁହେଁ । ଆନନ୍ଦ ଥାଆନ୍ତା, ଯଦି ତୁମର ପ୍ରୀତି ଅର୍ଘ୍ୟ ଗ୍ରହଣ କରିବାକୁ ତୁମ ଆଗରେ ଏକ ଜୀବନ୍ତ ପ୍ରତିମା ନ ଥାନ୍ତା ! ସେହି ଜୀବନ୍ତ ପ୍ରତିମା ଆଡ଼େ ଥରେ ଚାହିଁ ଦିଅ ଡାକ୍ତର, ସେ ତୁମର ପ୍ରୀତି ଅର୍ଘ୍ୟ ଗ୍ରହଣ କରି ତାର ପ୍ରତିଦାନ ଦେବାକୁ ମଧ୍ୟ ପ୍ରସ୍ତୁତ ରହିଛି ।

ଡାକ୍ତର—ମୋତେ ଉପାୟ ଚିନ୍ତା କରିବାକୁ ଟିକିଏ ସମୟ ଦିଅନ୍ତୁ ନାଥ ଅଜା !

ନାଥ—ହସେଇଲ ଡାକ୍ତର - ମୋତେ ତୁମେ ହସେଇଲ । ବୋଧ-ହୁଏ ତୃତୀୟ ବିଶ୍ବ-ଯୁଦ୍ଧର ସମସ୍ୟା ଆସି ପହଞ୍ଚିଛି, ଉପାୟ ଚିନ୍ତା କରିବାକୁ ସମୟ ଦରକାର ! ହେଃ—ହେଃ —ଚ୍ଚାଇଲଡ଼ିସ୍‌ନେସ୍ (Childishness)— ଯେତେ ସବୁ ପିଲାଳିଆ କଥା !

ଡାକ୍ତର—ପିଲାଳିଆ କଥା ନୁହେଁ ନାଥ ଅଜା ! ଯେଉଁ କଥା ଉପରେ ମୋର ସମଗ୍ର ଭବିଷ୍ୟତ ଜୀବନ ନିର୍ଭର କରୁଛି—

ନାଥ—ଓହୋ—ମୁଁ ବୁଝିଲି । ମଞ୍ଜୁ ହେବ ତୁମର ଉପଯୁକ୍ତ ଲାଇଫ୍ ମେଟ୍ (life-mate)—ବିଶ୍ବସ୍ତ ଜୀବନ-ସଙ୍ଗିନୀ ! ତା' ଭଳି ଏକମ୍‌ପ୍ଲିସ୍‌ଡ଼୍ ଗାର୍ଲ୍ (Accomplished girl) ମୁଁ ଏ ସହରରେ ଆଉ ଦେଖୁନି । ତୁମେ ନିଶ୍ଚିନ୍ତ ରହ ଡାକ୍ତର, ମଞ୍ଜୁ ସହିତ ତୁମର ଭବିଷ୍ୟତ ଜୀବନ ନିଶ୍ଚୟ ଉଜ୍ଜ୍ୱଳ ହେବ ।

ଡାକ୍ତର—(ଚିନ୍ତିତ ଭାବେ) ତା ହେଲେ—

ନାଥ—ତା ହେଲେ ଆଡ୍‌ଭୋକେଟ୍ ମହାପାତ୍ରଙ୍କୁ ମୁଁ ତୁମର ସମ୍ମତି ଜଣାଇ କଥାଟା ଏକାବେଳେ ପକ୍କା କରି ନିଏଁ । ଏଇ ବର୍ଷ ହିଁ ବାହାଘର; ଶୁଭସ୍ୟ ଶୀଘ୍ରମ୍ ।

ଡାକ୍ତର—କିନ୍ତୁ ମୋର ପରିବାରବର୍ଗଙ୍କର ମତାମତ ଟିକିଏ ଜାଣିବାକୁ ହେବ ନାଥ ଅଜା ।

ନାଥ—ଡ୍ୟାମ୍ ଇଟ୍ (Damn it) । ତୁମର ସମ୍ମତି ତ ମିଳିଲା ! ତୁମ ବାପ-ମା'ଙ୍କର ମତାମତ କଥା ଆମେ ବୁଝିବୁଁ ।

ଡାକ୍ତର—ମୁଁ ଯେତେ ଦୂର ଜାଣେଁ—ଉଚ୍ଚ ଶିକ୍ଷା ଉଦ୍ଦେଶ୍ୟରେ ମୋର ବିଲାତ ଯିବାଲାଗି ଦଶ-ବାର ହଜାର ଟଙ୍କା ବାପା ମୋ ଶ୍ୱଶୁର ଘରୁ ଚାହୁଁଛନ୍ତି । ଆଉ ମୋ ବୋଉ;—ସେ ଦଶ କୋ'ଡ଼ିଏ ଭରି ସୁନା ଗହଣା କନ୍ୟା ଦେହରେ ଦେଖିଲେ ସନ୍ତୁଷ୍ଟ ହୋ'ଇଯିବ ।

ନାଥ—(ବିବ୍ରତ ହୋଇ) ହୁଁ, ବୁଝିଲି ! ଡାଉରି—ଯୌତୁକ—

ଡାକ୍ତର—ସମାଜର ଚଳଣି ନାଥ ଅଜା । ମୋର ବାପ ମା' ସାଧାରଣ ଅର୍ଦ୍ଧଶିକ୍ଷିତ ଲୋକ । ସେମାନେ ଯାହା ଦେଖୁଛନ୍ତି—ଶୁଣୁଛନ୍ତି—

ନାଥ—ଅଚ୍ଛା ବେଶ୍ ! ସେ କଥା ମୁଁ ବିଚାର କରି ତୁମ ବାପ ମା'ଙ୍କୁ ଜଣାଇବି । ବର୍ତ୍ତମାନ ମଞ୍ଜୁ ବିଷୟରେ ତୁମର ସମ୍ମତି ଲାଭ କରି ମୁଁ ବଡ଼ ଖୁସି ହୋଇଛି । ବ୍ରାଭୋ—ବ୍ରାଭୋ ୟଙ୍ଗ୍ ବୟ୍ ! (Bravo ! Bravo ! Young boy !)

(ଆନନ୍ଦରେ ଡାକ୍ତରଙ୍କ ସହିତ କର-ମର୍ଦ୍ଦନ କଲେ)

ଡାକ୍ତର—ମୁଁ ବର୍ତ୍ତମାନ ତେବେ ଆସୁଛି ନାଥ ଅଜା । ସେଣେ ଘରେ ପେସେଣ୍ଟ୍ ଗୁଡ଼ା ମୋତେ ଚାହିଁ ବସିଥିବେ ।

ନାଥ—ହଁ, ଆଜିକାର ତମ ଆଡ୍‌ଭେଞ୍ଚର୍ କଥା ମୋତେ ତ କହିଲ ନି ଡାକ୍ତର ! ଆସ, ଅସ, ନଈ କୂଳେ ଟିକିଏ ବୁଲା ହେବ, ଆଉ ତମ ଆଡ୍‌ଭେଞ୍ଚର୍ କଥା ଶୁଣା ହେବ । ତା' ପରେ ଆଜି ତୁମର ଛୁଟି ।

(ଯେଉଁ ଦିଗରୁ ଆସିଥିଲେ, ତା'ର ବିପରୀତ ଦିଗରେ ଡାକ୍ତରଙ୍କ ହାତ ଧରି ଟାଣି ନେଇ ଚାଲିଗଲେ ।)

୪ର୍ଥ ଦୃଶ୍ୟ

(ଆଡ଼୍‌ଭୋକେଟ୍ ମହାପାତ୍ରଙ୍କର ଡ୍ରଇଂ ରୁମ୍ । ଆଧୁନିକ
ଆସବାବ୍‌ପତ୍ରରେ ସୁସଜ୍ଜିତ ହୋଇଛି । ଚେୟାରରେ ଧାଡ଼ି ଧ
ବସିଛନ୍ତି— ନାଥ ଅଜା, ଶ୍ରୀମତୀ ମହାପାତ୍ର ଓ ମନୀଷା । ଗୋଟିଏ
ଓଡ଼ିଶୀ ସଙ୍ଗୀତର ତାଳେ ତାଳେ ନୃତ୍ୟ କରିବାରେ ଲାଗିଛି ମଞ୍ଜୁ
ଲକ୍ଷ୍ୟ କରିବାର କଥା—ଆଜିର ଆସରରେ ଡାକ୍ତର ବାବୁ ଅନୁପସ୍ଥିତ
ରହିଛନ୍ତି ।)

ସଙ୍ଗୀତ—

(ପ୍ରାଣନାଥ ମୋର ବଂଶୀଧାରୀ—ରାଗିଣୀରେ)

(ଡାକୁ) ନାହିଁ ନାହିଁ କଲି ବାର ବାର ସଖି...
ଜଗର ତାର ସଖି ॥
ମୋ ଗ୍ରେସ୍ ପୀରତ ପାଇଁ ପାଗଳ ସେ ସଜନୀ
ନ ଛାଡ଼େ, ମୋ ପଛେ ବସେ ଛକି ।
ଜଗତେ ସୁନ୍ଦରୀ କେତେ ନାହାନ୍ତି ରେ ସଜନୀ
ମୋଠାରେ ଗଲା ତା ମନ ଲଖି ।
ଏଣେ କାମ-ବାଣ ତେଣେ କଳଙ୍କ ରେ ସଜନୀ
ଏ ବିପଦୁ ବଞ୍ଚା ମୋତେ ରଖି ।

(ନୃତ୍ୟ-ଗୀତ ପରେ ମଞ୍ଚ ଅନ୍ଧାର ହେଲା—ପରଦା ପଡ଼ିଲା)

୯ମ ଦୃଶ୍ୟ

(ଗ୍ରାମ ପଥ । ଗାଁର ସରପଞ୍ଚ ନଟ ମହାନ୍ତି କାଖରେ ଛତା ଜାକି, ହାତରେ ଖବର କାଗଜ ଖଣ୍ଡିଏ ଧରି ଚାଲିଛନ୍ତି । ପଛରେ ଅନୁସରଣ କରୁଛନ୍ତି ନବୀନା । ନଟ ମହାନ୍ତି ପ୍ରୌଢ଼, ଆଣ୍ଠୁଲୁଗା ଖଦି ଓ କାମିଜ୍ ପିନ୍ଧିଛନ୍ତି । ମୁହଁରୁ ଟାଉଟରି, କପଟତା ଯେପରି ଫୁଟି ପଡ଼ୁଛି)

ନବୀନା—ମୁଁ ମାଇଲିଏ ବାଟ ପଛରେ ଗୋଡ଼େଇଲିଣି । ମୋ କଥା ଟିକିଏ ଶୁଣ ଭଲା ନଟ ମାମୁଁ !

ନଟ—(ରାଗରେ) ଆବେ ଏ ଯାହା ଟୋକା, ତୁ' ପୁଣି ନଟମାମୁଁ—ନଟମାମୁଁ ଡାକ ହେଉଛୁ ! ଆବେ, ଆମେ ତ ଅଲଗ୍ କିସମର ଖଣ୍ଡାୟତ, ଆଉ ତୁ'ଟା ଜାତିରେ ଗଉଡ଼ । ସେଥିରେ ପୁଣି ମାମୁଁ-ଭଣଜା ସମ୍ପର୍କ କୁଆଡ଼ୁ ଆସିଲା ବେ ଛଉଡ଼ା ?

ନବୀନା—ମୋ ବୋଉ ପରା ମହାପ୍ରସାଦ ଦେଇ ତମକୁ ଧରମଭାଇ କରିଥିଲା—

ନଟ—ହ୍ୟାପ୍, କେଉଁ କାଳ କଥା ସେ ! ତୋ' ବୋଉ ମରି ମାଟିରେ ମିଶିଲାଣି, ଆଉ ପୁଣି କି ଧରମ ଭାଇ ! ଦେଖ୍ ନବୀନା, ସେ ଟୋକାଳିଆ ବୁଦ୍ଧି ଛାଡ୍ ! ଟିକିଏ ମାନ ମହତ ଶିଖ୍ ! କାହାକୁ କିମିତି ମଜୁରା କରିବାକୁ ହୁଏ, ଜାଣି ରଖ୍ ! ସେ କାଳ ପଖାଳ ବାସି ହେଲାଣି । ନଟ ମହାନ୍ତି ଆଜି ଏତେ ବଡ଼ ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ! ହୁଁ—ଇମିତି ସିମିତି ନୁହଁ ବାପଧନ !

ନବୀନା—ହଜ, ତେବେ କଣ ବୋଲି ଡାକିବ ?

ନଟ—କାହିଁକି, ଆଖପାଖ ଦଶ ଖଣ୍ଡ ମୌଜାରେ 'ନଟବର ବାବୁ' 'ନଟବର ବାବୁ' ଡକା ପଡ଼ୁଛି, ତୋ ପାଟିରେ କଣ ସେ ନାମଟା ପଶୁ ନି' ?

ନବୀନା—ହଉ ନଟମାମୁଁ—ନା, ନା ନଟବର ବାବୁ, ଏ ଗରିବ କଥ ଟିକିଏ କାନକୁ ନିଅ !

ନଟ—ଆରେ, ସେଇ ଗରିବ-ଗୁରୁବାଙ୍କ କଥା ଶୁଣିବା ପାଇଁ ତ ଆମେ ରହିଛୁଁ ! ଆମ ସ୍ୱାଧୀନ ସରକାର ମୁଠା ମୁଠା ଟଙ୍କା ଖର୍ଚ୍ଚ କରି ପଞ୍ଚାୟତ ଗଢିଛି । ତମମାନଙ୍କ ହାଉ-ଗୁହାର ନ ଶୁଣି ଆମର ଗତି ଅଛି ? ଏଇ ଦେଖୁ ନାହଁ, ସଞ୍ଜାଳୁ ଦାନ୍ତ ଘଷି ପାନ ଖଟଣ୍ଡ କଲରେ ଜାକ ବାହାରଥିଲି, ବର୍ତ୍ତମାନ ଆସି ବାରଟା ଟାଇମ୍ ହେଲାଣି, ଅଖିଆ ଅପିଆ ଘୂରୁଛି ଚର୍କି ଭଳି—ଗାଁକୁ ଗାଁ । କିଏ ବୁଝୁଛି ଆମ ଦୁଃଖ ?

ନବୀନା—ଜନ-ସେବା ନଟବର ବାବୁ, ଏ ବଡ଼ ପବିତ୍ର କାମ ! କେତେ ଜଣ ଏହା ପାରନ୍ତି ?

ନଟ—ଥିଲା ଗୋଟାଏ ପୁଅ ମହାତ୍ମା ଗାନ୍ଧୀ । ନିସ୍ୱାର୍ଥପର ଭାବରେ ଜନସେବା କିପରି କରିବାକୁ ହୁଏ, ସେଇ ଦେଖେଇ ଦେଇ ଯାଇଛି । ଆଉ ଆଜିକାଲି କିଏ ସିମିତ—

ନବୀନା - କାହିଁକି, ତମ ନିଜ କଥା କହୁନ' ! ତମ ଭଳି ନିସ୍ୱାର୍ଥପର ଜନସେବକ ଏ ଖଣ୍ଡ-ମଣ୍ଡଳରେ ମୁଁ ଆଉ ଦେଖୁ ନି' !

ନଟ—(ଖୁସି ହୋଇ) ଘଡ଼୍ ଘଡ଼୍, ମୋ କଥାଟା ଆଉ କଣ ଧରୁଛ ରେ ନବୀନା ! ଦେଶ ସେବା କରି କରି ଅଧା ଜୀବନ

କହିଦେଲ । ମୋର ସାଙ୍ଗର ନବ ମହାପାତ୍ର ଆଜି ହୋଇଛନ୍ତି ଉପମନ୍ତ୍ରୀ । ମୁଁ କିନ୍ତୁ ଏ ଗାଁ ମାଟିର ମୋହ—ଏ ଜନସେବାର ଲୋଭ ଛାଡ଼ି ପାରିଲି ନାହିଁ । ଗତ ନିର୍ବାଚନ ବେଳେ ମୋତେ ପାର୍ଟି ଟିକେଟ୍ ମିଳିଲା—ଆସେମ୍ବିଲିକୁ ଯିବା ପାଇଁ । ମୁଁ ସିଧା ସିଧା ମନା କରି ଦେଲି—ମୋର ସେ ଏମ୍: ଏଲ୍: ଏ: ପଦ ଦର୍କାର ନାହିଁ । ମୋ ଗୋବିନ୍ଦ-ପୁର ଭଲ ତ ମୁଁ ଭଲ । ଇମିତ ତ ଦେଶ ସେବା କରୁଛି ଆଉ ଆସେମ୍ବିଲି ମେମ୍ବରଟାଏ ହେଲେ ଅଧିକ କଣ ହେବ ?

ନବୀନା—ଭଲ କହୁଛ ନଟ ମାମୁଁ—ନା, ନା, ନଟବର ବାବୁ !

ନଟ—କିନ୍ତୁ ମୋତେ କଣ ଏ ନେତାମାନେ ଛାଡ଼ିଲେ ରେ ନବୀନା ? ଗତ ବର୍ଷ ଉପମନ୍ତ୍ରୀ ନବ ମହାପାତ୍ର ଆସି କେତେ ନେହୁରା ହେଲେ—ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ତୁମକୁ ନିଶ୍ଚୟ ହେବାକୁ ପଡ଼ିବ ନଟବର ବାବୁ । ମୋର ଆଉ ଗୁରି କଣ ? ବାଧ୍ୟ ହୋଇ ହଁ ଭରିଲି ।

ନବୀନା—ତମ ଛଡ଼ା ଏ ଅଞ୍ଚଳରେ ସରପଞ୍ଚ ହେବାକୁ ଆଉ ଲୋକ କିଏ ନଟବର ବାବୁ ? ତମେ ଯିମିତି ଗରିବ-ଗୁରୁବାଙ୍କର ହାନି ଲାଭ ବୁଝୁଛ—

ନଟ—ସେ କଥା ବୁଝୁଛି କିଏ ରେ ବାପ ? ଏ ଯୁଗ ହେଲା ଓଲଟା । ଲୋକଙ୍କର ଉପକାର କରିବ, ଏଣେ ପଛରେ ହେବ ଦୁର୍ନାମ । ଛି—ଛି—

ନବୀନା—ତମର ପୁଣି ଦୁର୍ନାମ କରିବ କିଏ ? କାହା ଜିଭରେ ହାଡ଼ ।

ନଟ—ସେପରି ଲୋକର ଅଭାବ ନାହିଁ ରେ ନବୀନା । ଏଇ ସ୍କୁଲ କଲେଜର ବାଇଗା ଟୋକାଗୁଡ଼ାଙ୍କୁ ଦେଖୁନୁ ? କହୁଛି ତ

କାମ ନାହିଁ, ବାପ ମା'ଙ୍କ ଉପରେ ଖାଇଲେ, ଆଉ କଣ କରିବେ ? ତେଣିକି ପରନିନ୍ଦା—ପର ଚର୍ଚ୍ଚା । ଛାଡ଼୍ ସେ କଥା ! ବେଳ ହୋଇ ଯାଉଛି, ଏବେ ତୋ କଥାଟା କଣ ଶୁଣିବା ।

ନବୀନା—କହିଲି ପରା ! ମୋତେ ଏ ବିପଦରୁ ଉଦ୍ଧାର କର ନଟବର ବାବୁ ! ତମେ ଥରେ ନ ଚାହିଁଲେ—

ନଟ—ବୁଝିଲି ବାପ ! କିନ୍ତୁ ଏତେ ଗୁଡ଼ା ଟଙ୍କା ତୋର କି ଦରକାର ମୋତେ ତ କହିଲୁ ନାହିଁ ରେ ନବୀନା । ତୁ ତ ଏକୁଟିଆ ମଣିଷ, ମଠରେ ଖାଇ ଖଟରେ ଶୋଉଛୁ, ତୋର ପୁଣି ପାଞ୍ଚ୍ ଦଶ୍ ନୁହେଁ, ଏକାବେଳେ ପାଞ୍ଚ ଶ' ଟଙ୍କା !

ନବୀନା—ହଁ ଭାରି ଦରକାର ! ନ ହେଲେ ଚଳିବ ନାହିଁ ନଟବର ବାବୁ । ମୋର ଜମି-ବାଡ଼ିତକ ରଖି ଯିମିତି ହେଉ –

ନଟ—ଓହୋ, ଫେର୍ ସେଇ ଟୋକାଳିଆ ବୁଦ୍ଧି ! କି ରେ, ଜମି-ବାଡ଼ି ଗୁଡ଼ାକ ତୋତେ ପିତା ଲାଗୁଛି କି ? ତୋ ବୋଉ ସୀତାମ୍ବା କଥା କଥାକେ ପରା କୋଡ଼ି କୋଡ଼ି ଟଙ୍କା ମୋଠାରୁ ହାତ ଉଧାର ନେଇ ଆସିଛି; ପୁଣି ତୋ ବାପ ବିନା ସୁଧରେ ଛେଳାକୁ ଛେଳ ଧାନ କରଜ ଆଣିଛି । ସେ ଲୋକ ସିନା ମରି ହଜି ଗଲେଣି, କଥାଟା କାଲି କାଲକୁ ରହିଛି । ତୁ ଏ ସବୁ ଜାଣିବୁ କିମିତିରେ ? ବାପ, ନ ହେଲା ମାମୁଁ ମଉଳା । ତୋ ବିପଦ ଆପଦକୁ ମୁଁ ନ ଚାହିଁବି ତ, ଚାହିଁବ ଆଉ କିଏ ?

ନବୀନା—ହଁ, ତମେ ମୋ ବାପ ବଦଳି ବାପ ନଟମାମୁଁ । ମୋତେ ଏ ବିପଦରୁ ରକ୍ଷା କର । ଅଗଣି ଦାସ ଝିଅ ରାଧା

ସାଙ୍ଗରେ ମୋ ମନ ମିଳିଛି, ଆମର ବାହାଘର ହେବ ।
କିନ୍ତୁ ଅଗଣି ଦାସ କନ୍ୟାଚୁନା ଭିଡ଼ୁଛି ପାଞ୍ଚ ଶ' ଟଙ୍କା ।

ନଟ—ଗାନ୍ଧୀ ମହାତ୍ମା, ରକ୍ଷା କର—ରକ୍ଷା କର ! ଅରେ ସେଇ ରାଧା ଟୋକୀଟା—ଭୂପତି ମହାପାତ୍ର ଓକିଲଙ୍କ ଚାକରାଣୀ, ନା ଅଛି ରୂପ, ନା ଅଛି ଗୁଣ । ବାରବୁଲି, ଅଣ୍ଡିରାଚଣ୍ଡି ଟୋକୀଟା । ସେଥିରେ ପୁଣି କନ୍ୟାସୁନା ପାଞ୍ଚ ଶହ । କାହିଁକି ରେ ନବୀନା, ତୋତେ କ'ଣ କନିଆଁ ଅଭାବ ହେଇଛି କି ରେ ?

ନବୀନା—ନା ନଟମାମୁଁ, ସେ କଥା ମୋତେ କହନା ! ଅଗଣି ଦାସଙ୍କୁ କୌଣସି ପ୍ରକାରେ ବୁଝାଇ ଶୁଝାଇ ସେଇଠି ମୋ ବାହାଘରଟା କରେଇ ଦିଅ । ତମର ବହୁତ ଧର୍ମ ହେବ ନଟମାମୁଁ । ତମ ଋଣ ମୁଁ ଶୁଝି ପାରିବି ନାହିଁ । ମୋତେ ଯାହା କହିବ, ସାରା ଜୀବନ ମୁଁ ତାହା ତମର କରିବି ପଛେ ।

ନଟ—ଓହୋ, ଏ ତ ବଡ଼ ମୁସ୍କିଲ୍ କଥା ! ହଉ, ମୁଁ ଚେଷ୍ଟା କରେଁ । ଅଚ୍ଛା, ତୁ' ଆମ ପଞ୍ଚାୟତ ଫଣ୍ଡ୍‌କୁ କେତେ ଦେବୁ କହିଲୁ ଆଗେ ।

ନବୀନା—ପଞ୍ଚାୟତ ଫଣ୍ଡ୍‌କୁ ମୁଁ କିଛି ଦେଇ ପାରିବି ନାହିଁ ନଟବର ବାବୁ, ମୋତେ ମାଫ୍ କର ! ହେଲେ, ତମକୁ ପଛେ ପକେଟ ଖର୍ଚ୍ଚା ବାବଦ—

ନଟ—(ରାଗରେ) ଚୁପ୍ ଚୁପ୍ ! ତୋର ତ ଭାରି ସାହସରେ ଛତରା ଟୋକା ! ଦେଶସେବୀ ସରପଞ୍ଚ ନଟବର ମହାନ୍ତିଙ୍କି ତୁ ପୁଣି ଦେବୁ ପକେଟ୍ ଖର୍ଚ୍ଚା—ଲାଞ୍ଚ—ଘୁଷ୍ ! ରକ୍ଷା କର୍ ଗାନ୍ଧୀ ମହାତ୍ମା, ରକ୍ଷା କର !

ନବୀନା—ଭୁଲ୍ କରିଛି ନଟମାମୁଁ, ମୋ ପିଲା ପାଟିରୁ ଏଣୁ ତେଣୁ ପଦେ ବାହାରି ପଡ଼ିଛି, ମୋତେ କ୍ଷମା କର ! (ବିକଳ ହୋଇ ହାତ ଯୋଡ଼ିଲା)

ନଟ—ହେଲା, ହେଲା । ତେବେ ଆମ ପଞ୍ଚାୟତ ଫଣ୍ଡ୍‌କୁ ଅତି କମ୍‌ରେ ଶହେଟି ଟଙ୍କା ଦେଲେ ମୁଁ ସବୁ ଠିକଣା କରି ଦେବି । ବୁଝିଲୁ ନବୀନା ? ଯା, ସଞ୍ଜବେଳକୁ ମୋ ଘରେ ଯାଇ ଦେଖା କରିବୁ । ଆଉ ଖବରଦାର୍, ଏ କଥା ଯିମିତି ଚୁଉ କାନରୁ ଛ' କାନ ନ ହୁଏ ! ବୁଝି ସାବଧାନ ।

(କହୁଁ କହୁଁ ଚାଲିଗଲା—ନବୀନା କାନମୁଣ୍ଡା ଆଉଁସୁ ଆଉଁସୁ ତା'ର ବିପରୀତ ଦିଗରେ ପ୍ରସ୍ଥାନ କଲା)

୬ଷ୍ଠ ଦୃଶ୍ୟ

[ଭୂପତି ମହାପାତ୍ରଙ୍କ ଘର । ଗୋଟିଏ ପ୍ରଶସ୍ତ ପ୍ରକୋଷ୍ଠରେ ମଞ୍ଜୁ ଚେୟାର ଉପରେ ବସି ଟେବୁଲ୍‌ରେ ମଥା ଥୋଇ ଭଇଁ ଭଇଁ ହୋଇ କାନ୍ଦୁଛନ୍ତି ଓ ପଣତରେ ଲୁହ ପୋଛୁଛନ୍ତି । ଏତିକିବେଳେ ପଛରୁ ଘର ଭିତରେ ନୀରବରେ ପ୍ରବେଶ କରନ୍ତି ମନୀଷା ।]

ମନୀଷା—(ମଞ୍ଜୁ କାନ୍ଧରେ ହାତ ପକାଇ ଆଦର କରି) ମୁଁ ସବୁ ଶୁଣିଛି ଲୋ ମଞ୍ଜୁ, ସବୁ ଶୁଣିଛି । ହଁ, ସେଇଥିପାଇଁ ତୁ କାନ୍ଦୁଛୁ ?

ମଞ୍ଜୁ—(ହଠାତ୍ ଏକ ଖିଆଲରେ କାନ୍ଦ ବନ୍ଦ କରି ଚେୟାରରୁ ଉଠି ପଡ଼ିଲା) ତୁ' ବାପା-ବୋଉଙ୍କୁ କହି ଦେ ଅପା—ମୁଁ ବି ବାହା ହେବ ନାଇଁ !

ମନୀଷା—କାଇଁକି ଲୋ ? କଣ ହେଲା ତୋର ?

ମଞ୍ଜୁ—ନା, ନା, ମୁଁ ଆଦୌ ବାହା ହେବ ନି' । ତୁ ମୋତେ ବାଧ କର ନା' ଅପା ।

ମନୀଷା—ଆରେ ପାଗଲୀ, ଡାକ୍ତର ବାବୁଙ୍କ ଭଳି ବରପାତ୍ର କେଇ ଜଣଙ୍କୁ ମିଳେ ?

ମଞ୍ଜୁ—(ସ୍ୱଗତରେ) ଡାକ୍ତରବାବୁ ଠକ, ଭଣ୍ଡ, ଗୁଣ୍ଡା, ବଦମାସ୍ । ତାଙ୍କ କଥା—

ମନୀଷା—(ଶୁଣିପାରି ନାହିଁ) ହଁ, ଚୁପ୍ ହ ! କଣ ଗୁଣ୍ଡା ବାଙ୍କେ କଥା ବକୁଛୁ ଲୋ ! ତୋ ମୁଣ୍ଡ ବୋଧହୁଏ ବିଗିଡ଼ି ଯାଉଛି । ଡାକ୍ତର ବାବୁଙ୍କୁ ଡାକେଁ—ସଜାଡ଼ି ଦେବେ ।

ମଞ୍ଜୁ—ମୋ ମୁଣ୍ଡ ଠିକ୍ ଅଛି ଅପା ! ମୁଁ ସେ ସଇତାନ୍‌ଟାକୁ କଦାପି ବାହା ହେବ ନି !

ମନୀଷା—କାହିଁକି ? ଦଶ ହଜାର ଟଙ୍କା, ଆଉ ଦଶ ତୋଳିଏ ଭରି ସୁନା ସେ ଯୌତୁକ ଦାବୀ କଲେ ବୋଲି ? ସେଥିରେ ଆଉ ଖରାପଟା କ'ଣ ହେଇଗଲା ?

ମଞ୍ଜୁ—ତୁ' କଣ ଶୁଣିନୁ' ଅପା ?—ମୋର ବେଳକୁ ଯୌତୁକ ପ୍ରଶ୍ନ ଉଠୁଛି, କିନ୍ତୁ ତୋ ବେଳକୁ—(ଅଧିକ କହି ପାରିଲା ନାହିଁ । ମୁହଁରେ ପଣତ ଜାକି ଧରି ପୁଣି ଫୁଲ୍ ଫୁଲ୍ କାନ୍ଦି ଉଠିଲା । କିଛିକ୍ଷଣ ପରେ କାନ୍ଦ କମାଇ କହିଲା) ମୁଁ ସ୍ୱାସ୍ଥ୍ୟହୀନା, ଅସୁନ୍ଦରୀ, ଅଳ୍ପ ପଢ଼ିଛି, ମୋତେ କିଏଟା ବାହା ହେବାକୁ ରାଜି ହେବ ଲୋ ?

ମନୀଷା—କିନ୍ତୁ ଡାକ୍ତରବାବୁ ତୋତେ ଭଲ ପାଆନ୍ତି ମଞ୍ଜୁ !

ମଞ୍ଜୁ—ମୋ ଅପେକ୍ଷା ବେଶି ଭଲ ପାଆନ୍ତି ତୋତେ । ସେଇଥି ପାଇଁ ତ ତୋ ବେଳକୁ ଯୌତୁକ କଥା ଉଠୁ ନାହିଁ ।

ମନୀଷା—ଛି, ଛି, ତୁ ଏ ସବୁ ବାଜେ କଥାଗୁଡ଼ା ଭାବୁଛୁ କାହିଁକି ମଞ୍ଜୁ ! ତୁ ତ ଜାଣୁ—ମୁଁ ମୂଳରୁ ବାହା ହେବାକୁ ମନା କରି ଦେଇଛି । ଆମେ ଦି'ଜଣଯାକ ବାହା ହେଇ ପର ଘରକୁ ଚାଲିଗଲେ, ବାପା ବୋଉଙ୍କୁ ବୁଢ଼ା ବୟସରେ ଦେଖାଶୁଣା କରିବ କିଏ ? ମୋର ଏ ମଡ-ଟାଡ ଦେଖି ମୋତେ କିଏ କାହିଁକି ଭଲ ପାଇବାକୁ ଯିବ ଲୋ ?

ମଞ୍ଜୁ—ମୁଁ ବି ତୋରି ଭଳି ବାହା ନ ହେଇ ଘରେ ରହିବି ଅପା । ଚାକିରି କରି ବାପା-ବୋଉଙ୍କୁ ସାହାଯ୍ୟ କରିବି !

ମନୀଷା—ତା ହେଲେ, ଆମ ପରେ ଏ ବଂଶରେ ପାଣି ଢାଳିବାକୁ କିଏ କେହି ରହିବା ତ ଦରକାର ! ସେଥିପାଇଁ ବାପା

ବୋଉ ଗୃହାନ୍ତ୍ର—ବୁଢ଼ା କାଳେ ନାତି ନାତୁଣୀ ଦେଖି—ଟିକିଏ ଶାନ୍ତି ପାଇବେ । ତୁ' ଆଉ ଅଝଟ କର୍‌ନା ମଞ୍ଜୁ ମୋ ସୁନା ଭଉଣୀଟା ପରି; ତୁ ବାହା ହୋଇ ଘର ସଂସାର କଲେ, ଆମେ ସବୁ କେଡ଼େ ସୁଖୀ ନ ହେବୁଁ ?

ମଞ୍ଜୁ—କିନ୍ତୁ ମୁଁ ତ ସୁଖୀ ହୋଇ ପାରିବ ନି ଅପା !

ମନୀଷା—କାହିଁକି ଲୋ ଝୋଟ୍ଟି ? ଡାକ୍ତର ବାବୁଙ୍କୁ ତୋର କଣ ପସନ୍ଦ ହେଉ ନି' ?

ମଞ୍ଜୁ—ନା ! ସେ ବଡ଼ ନିଷ୍ଠୁର—ହୃଦୟହୀନ ! ସେ ତ ମୋତେ ବାହା ହେବାକୁ ଗୃହାନ୍ତ୍ର ନି' ! ଗୃହାନ୍ତ୍ର—ମୋ ବାପର ଟଙ୍କା-ସୁନାକୁ ବାହା ହେବାଲଗି ।

ମନୀଷା—ପାଗଲୀଟା ! ଟଙ୍କା ସୁନା ହେଲା ଉପଲକ୍ଷ୍ୟ, ଆଉ ଲକ୍ଷ୍ୟ ହେଲୁ ତୁ' ! (ମଞ୍ଜୁର ଚିବୁକ ଧରି) ଜାଣେ ଲୋ ମଞ୍ଜୁ, ତୁ ଡାକ୍ତର ବାବୁଙ୍କୁ କେତେ ଭଲ ପାଉ, ମୁଁ ସବୁ ଜାଣେ । ତୁ ନିଶ୍ଚେ ଜୀବନରେ ସୁଖୀ ହେବୁ ।

ମଞ୍ଜୁ—(ଲାଜରେ ତଳକୁ ମୁହଁ ପୋତି ନୀରବ ରହିଲା ।)

ମନୀଷା—ଅଉ ଯୌତୁକ କଥାଟାକୁ ତୁ ଇମିତି ଧରି ବସିଛୁ କାହିଁକି, ମୁଁ ଜମା ବୁଝି ପାରୁ ନାହିଁ ! ବାପା ବୋଉ ଡାକ୍ତର ବାବୁଙ୍କୁ ଝିଅ ଦେଇ ପୁଅ କରିବେ । ଧରି ନେ'— ସେ ଦଶ ହଜାର ଟଙ୍କା ତାଙ୍କ ପୁଅର ପଢ଼ା ଖର୍ଚ୍ଚ ! କାଲି ଯେତେବେଳେ ଡାକ୍ତରବାବୁ ଏଫ୍ ଆର୍ ସି ପି, (F. R. C. P.) କିମ୍ବା ଏଫ୍ ଆର୍ ସି ଏସ୍ (F. R. C. S.) ହୋଇ ବିଲାତରୁ ଫେରିବେ, ସେତେବେଳେ ଆମ ଗୁଡ଼ି ଗର୍ବରେ କଣ ଫୁଲି ଉଠିବ

ନାଇଁ ? ଆଉ ତୁ—ତୁ ସେତେବେଳେ ତୋ ଅପାକୁ ଆଉ କଣ ଟିକାଏ ପଚାରିବୁ ଲୋ ମଞ୍ଜୁ !

ମଞ୍ଜୁ— (ଖୁସି ହୋଇ) ଧେତ୍ ! ଅପା, ତୁ' ବଡ଼ ଇଏ—

ମନୀଷା—(ହସି ହସି) ମୁଁ 'ଇଏ' ହୁଏଁ ପଛେ, ତୁ' ଭଏ କର ! ଏ ବୁଢ଼ୀ ବୟସରେ ତୋ ଫୁଲନୋଳ ଟିକାଏ ମୁଁ ଦେଖେଁ । ଆଉ ଏ ଯୌତୁକ ପ୍ରଥା ତୁ' ବନ୍ଦ କରି ପାରିବୁ ନାଇଁ ଲୋ ମଞ୍ଜୁ ! ଆଜିକାଲି ସମାଜର ଶିରା ପ୍ରଶିରାରେ ଏ ରୋଗ ସଂକ୍ରମିତ ହେଲାଣି । ଏହା ସହଜରେ ବନ୍ଦ ହେବାର ନୁହେଁ । ଆଧୁନିକ ଶିକ୍ଷିତ ସମାଜରେ ଏ ଯୌତୁକ ପ୍ରଥା; ପୁଣି ଗରିବ, ଅପାଠୁଆ, ଗାଉଁଲି ସମାଜରେ କନ୍ୟାସୁନା ପ୍ରଥା । ଏଟି କନ୍ୟା ପକ୍ଷର ଦାୟ ତ, ସେଟି ବର ପକ୍ଷର ଦାୟ ।

ମଞ୍ଜୁ—କନ୍ୟାସୁନା ! କନ୍ୟାସୁନା ପୁଣି କଣ ?

ମନୀଷା—ଝିଅ ବିକା ଟଙ୍କା ଲୋ—ଝିଅ ବିକା ଟଙ୍କା ! ଗୋରୁ ଗାଈ ବିକୀ କଲା ଭଳି ବାପ ଝିଅକୁ ବିକି ବର-ଘରୁ ଟଙ୍କା ଆଣିବ । ଏଇ ଆମ ରାଧା କଥା ଶୁଣିଚୁ ? ତା' ବାପ ଧରି ବସିଚି—ପାଞ୍ଚଶ ଟଙ୍କା ଯେ କନ୍ୟାସୁନା ଦେବ, ସେ ବୁଢ଼ା-ହଡ଼ା ହେଉ—କଣା କୁଜା ହେଉ, ରାଧାକୁ ବାହା ହେବ ।

ମଞ୍ଜୁ—(ବିସ୍ମୟରେ) ଏଁ, ପାଞ୍ଚଶ' ଟଙ୍କାରେ ଝିଅ ବିକୀ !

ମନୀଷା—ହଁ ଲୋ, ଏଥିରେ ଆଉ ଆଶ୍ଚର୍ଯ୍ୟ ହେବାର ଅଛି କଣ ? କାଲି ରାତି କଥା ଶୁଣିନୁ' ପରା ! ରାଧା କାଲି ରାତିରୁ ତାଙ୍କ ଘରକୁ ଯାଇନି' । ଆଉ ରାତସାରା ସେ ମୋତେ କଣ

ଶୋଇ ଦେଉଛୁ ? ଏକାବେଳେ କାନ୍ଦକାଟି ଅସ୍ଥିର;— ବଡ଼ ଦେଈ, ମୋତେ ଭରସା ଦିଅ, ନଇଲେ ମୁଁ ବିଷ ଖାଇ ମରିବ ।

ମଞ୍ଜୁ—କାଇଁକି ଲୋ, ମରିବ କାହିଁ ?

ମନୀଷା—ରାଧା ତାଙ୍କ ସାହିର ନବୀନା ବୋଲି ଜଣେ ଟୋକାକୁ ସୁଖ ପାଏ । ନବୀନା ବିଚରା ବଡ଼ ଗରିବ, ପୁଣି ବାପ ମା—ଛେଉଣ୍ଡ । ସେ ପାଞ୍ଚଶ ଟଙ୍କା କନ୍ୟାସୁନା ଯୋଗାଡ଼ କରି ପାରିବ, ନା ରାଧାକୁ ବାହା ହେବ !

ମଞ୍ଜୁ—ଆହା, ରାଧା ବିଚାରି ବଡ଼ ବିପଦରେ ପଡ଼ିଛି ।

ମନୀଷା—ଆମକୁ ସେ ବିପଦରୁ ତାକୁ ଉଦ୍ଧାର କରିବାକୁ ହେବ ମଞ୍ଜୁ । ନୋହିଲେ ପାଗଳୀଟା କେତେବେଳେ କଣ କରି ବସିବ, ସେଥିପାଇଁ ଆମେ ହିଁ ଏଠି ଦାୟୀ ହେବା । ମୁଁ ଆଜି ସକାଳୁ ନବୀନାକୁ ଡକେଇ ପଠେଇଛି । ଆଉ ସେ—

(ଏତିକିବେଳେ ରାଧା ଆସି ପହଞ୍ଚିଗଲା)

ରାଧା—ସାନ ଦେଈ, ମା' ଡାକୁଛନ୍ତି !

ମଞ୍ଜୁ—ଅଲୋ, ଏଇଟାର କେତେ ଆୟୁଷ ଲୋ ! ତୋର କଥା ପଡ଼ୁଛି, ତୁ' ଅସି ହାଜର ! ବୋଉ କାହିଁକି ଡାକୁଛି ?

ରାଧା—ମଲା, ସକାଳ ପହରୁ କିଛି ଖାଇ ନ'—ମନ ଊଣା କରି ବସିଛ । ମା ତମ ପେଇଁ ଭାରି ବ୍ୟସ୍ତ ହେଉଛନ୍ତି !

ମନୀଷା—ତୁ ସକାଳୁ ଜଳଖିଆ ଖାଇନୁ' ମଞ୍ଜୁ ? ଓ-ହୋ, ଅଖିଆ-ଅପିଆ ଏଠି ବସି କାନ୍ଦଣା ଗୁଳୁଥିଲା ! ଯା, ଯା, ଖାଇ ଆ' ଯା' ! (ମଞ୍ଜୁ ପ୍ରସ୍ଥାନ କଲା)

ନବୀନା ଅସିଲାଣି ଲୋ ରାଧା !

ରାଧା—ହଁ ବଡ଼ ଦେଈ, ମୁଁ ତାକୁ ସେଇ ବଗିଚା ଘରେ ବସେଇ

ଦେଇ ଆସିଛି !

ମନୀଷା—ତାଙ୍କୁ ଖାଇବା ପିଇବାକୁ ଦେଲୁଣି ? ଆଉ ମୁଁ ଯାହା କହିଥିଲି, ସବୁ କଥା ତାଙ୍କୁ ଶୁଣେଇ ଦେଇଛୁ ତ ?

ରାଧା—ହଁ, ସେ ତୁମକୁ ଟିକିଏ ଦେଖାକରି କଣ କହିବ ବଡ଼ଦେଈ !

ମନୀଷା—ସବୁ କଥାରେ ସେ ରାଜି ଅଛି ତ, ଆଉ କଣ କହିବ ? ହଉ, ତୁ ଯା' ! ମୁଁ ଆଜି ଭିତରେ ସବୁ କଥା ସମାଧାନ କରି ଦେଉଛି । (ରାଧା ଚାଲି ଯାଉଥିବା ବେଳେ ଡାକ୍ତର ବାବୁ ଆସି ପହଞ୍ଚିଲେ) ଆରେ, ଡାକ୍ତରବାବୁ ଯେ ! ନମସ୍କାର ! ଆସନ୍ତୁ, ଆସନ୍ତୁ ! (ରାଧାକୁ ଜୋର୍‌ରେ ଡାକି କହିଦେଲା) ଆଲୋ ରାଧା, ମଞ୍ଜୁକୁ କହ—ଡାକ୍ତର ବାବୁଙ୍କ ପାଇଁ ଚାହା ନେଇ ଆସିବ !

ଡାକ୍ତର—ଧନ୍ୟବାଦ ମନୀଷା ଦେବୀ ! ଏ ପ୍ରଚଣ୍ଡ ଗରମରେ ଚାହା ବଦଳରେ ଗ୍ଲାସେ ବରଫ ସରବତ୍ ହେଲେ ବରଂ ମୁଁ ଆପ୍ୟାୟିତ ହେବି ।

ମନୀଷା—ନା, ନା, ଡାକ୍ତର ବାବୁ, ଆପଣଙ୍କ ପାଇଁ ବର୍ତ୍ତମାନ କେବଳ ଗରମ ଗରମ ଚା' ଦରକାର—ଆପଣଙ୍କ ଦେହ ଆଉ ମନ ଲାଗି ଏକ୍ଷଣି ଟିକିଏ ଉତ୍ତାପ ଆବଶ୍ୟକ !

ଡାକ୍ତର—ତାହିଁ କି ? ମୋତେ ତ ଇନ୍‌ଫ୍ଲୁଏଞ୍ଜା ଧରି ନି' !

ମନୀଷା—ଇନ୍‌ଫ୍ଲୁଏଞ୍ଜା ନୁହେଁ । ଅପଣଙ୍କର ବିବାହ, କନ୍ୟାଲାଭ, ଧନଲାଭ, ପୁଣି ବିଳାତ ଯାତ୍ରା—ଏ ସବୁ ପରିସ୍ଥିତି ଭିତରେ ବର୍ତ୍ତମାନ ଦେହ-ମନକୁ କେହି ଥଣ୍ଡା ରଖି ପାରେ ?

ଡାକ୍ତର—ମୋତେ ଥଟ୍ଟା କରୁ ନାହାନ୍ତି ତ ମନୀଷା ଦେବୀ ?

ମନୀଷା—ଥଟ୍ଟା କରିବାର ଅପଣ ଯୋଗ୍ୟ ନୁହନ୍ତି ଡାକ୍ତର ବାବୁ, ଆପଣ କେବଳ ଘୃଣାର ପାତ୍ର ।

ଡାକ୍ତର—(ବିସ୍ମିତ ଓ ଆଘାତ-ପ୍ରାପ୍ତ ହେଲେ, ଏହାର ମାନେ ?

ମନୀଷା—ମାନେ ଅତି ସହଜ । ଯେଉଁ ଲୋକ ବିବାହ କରିବାକୁ ଯାଇ ପ୍ରେମ-ପ୍ରୀତି ଅପେକ୍ଷା ଦୈହିକ ରୂପକୁ ବଡ଼ ମନେ କରେ—ଆଉ କାମିନୀ-କାଞ୍ଚନ ଲୋଭରେ ଲାଳାୟିତ ହୁଏ, ସେ ଘୃଣାର ପାତ୍ର ନ ହୋଇ ଆଉ କଣ ହୋଇପାରେ ଡାକ୍ତରବାବୁ ?

ଡାକ୍ତର—(ଲଜ୍ଜା ଓ ଅପମାନରେ ମୁଖର ଭଙ୍ଗୀ ବଦଳି ଗଲା) ଆପଣ କାହାକୁ କଣ କହୁଛନ୍ତି ମନୀଷା ଦେବୀ ? ବୁଝି ବିଚାରି କହନ୍ତୁ !

ମନୀଷା—ମୁଁ ଆପଣଙ୍କ ଭଳି ନିର୍ବୋଧ ଭାବରେ କଥା କହୁ ନାହିଁ ଡାକ୍ତରବାବୁ ! ଭାବିଥିଲି—ଆପଣ ଅତି ଭଦ୍ର ଏବଂ ମହତ୍ । କିନ୍ତୁ ଏବେ ଦେଖୁଛି—ଆପଣଙ୍କ ଭିତରେ ପୂରି ରହିଛି ଛଳନା, ଭଣ୍ଡାମି, କ୍ଷୁଦ୍ରତା, ମିନ୍‌ନେସ୍ (mean-ness)—

ଡାକ୍ତର—(ରାଗ ଓ ଅପମାନରେ) ମନୀଷା ଦେବୀ—

ମନୀଷା—ଆପଣ ଭାବିଥିଲେ, ମୁଁ ଆପଣଙ୍କ ଦୁର୍ବାର ଲାଳସାର ଖୋରାକ ହେବି ! କିନ୍ତୁ ତା' ନ ହୋଇ ଯେତେବେଳେ ମଞ୍ଜୁର ବିବାହ ପ୍ରସ୍ତାବ ଆପଣଙ୍କଠାରେ ଉପସ୍ଥାପିତ ହେଲା, ଆପଣ ଖୋଜିଲେ ଟଙ୍କା, ସୁନା, ଡାଉରି ! ଏଇ ଆପଣଙ୍କର ଶିକ୍ଷିତ ମାର୍ଜିତ ମନର ପରିଚୟ ? ଛି—ଛି—

ଡାକ୍ତର—ଆପଣ ବେଶ ଦୂର ଆଗେଇ ଯାଉଛନ୍ତି ମନୀଷା ଦେବୀ ! ପ୍ରଥମେ ମୋର ଦୋଷଟା କଣ ନ ଦେଖି—

ମନୀଷା—ଆପଣଙ୍କର ହୀନ ମନୋବୃତ୍ତି କଥା ମୁଁ କହୁଛି ଡାକ୍ତର ବାବୁ ! ଆପଣ ଜାଣନ୍ତି – ଅନ୍ୟ ବାପାଙ୍କର ପୂର୍ବ-ସନ୍ତାନ

ନାହିଁ । ମଞ୍ଜୁକୁ ବିବାହ କଲେ, ଆପଣ ହିଁ ହେବେ ତାଙ୍କର ପୁତ୍ର; ଆଉ ଆମର ସମସ୍ତ ଧନ-ସଂପତ୍ତି ବଳେ ବଳେ ଆପଣ ପାଇବେ । ତଥାପି ଏ ସବୁ ଜାଣି ଶୁଣି କଣ କଲେ ଆପଣ ? ମୋତେ ଯେତେବେଳେ ସ୍ତ୍ରୀ ରୂପେ ପାଇ ପାରିବେ ନାହିଁ ବୋଲି ଦେଖିଲେ, ସେଇଠୁ ଦୁଃଖ ଓ ନିରାଶାରେ ମଞ୍ଜୁ ପାଙ୍କୁ ଦାବୀ କରି ବସିଲେ—ଦଶ ହଜାର ଟଙ୍କା, ଆଉ ଦଶ ଭରି ସୁନା ! ମୋର ରୂପ ଓ ସୌନ୍ଦର୍ଯ୍ୟ ବାବଦକୁ ଏତକ କ୍ଷତିପୂରଣ; ନୁହେଁ ?

ଡାକ୍ତର—ଆପଣଙ୍କର ମଥା ବୋଧହୁଏ ଆଜି ଠିକ୍ ନାହିଁ ମନୀଷା ଦେବୀ !

ମନୀଷା—ମଥା ଠିକ୍ ଅଛି । ମୁଁ ଜାଣେ ଡାକ୍ତର ବାବୁ, ମଞ୍ଜୁ ଆପଣଙ୍କୁ କେତେ ଭଲ ପାଏ ! ଆଉ ଆପଣ ବି ତାକୁ କମ୍ ସ୍ନେହ କରନ୍ତି ନାହିଁ । କିନ୍ତୁ ଏଇ କଣ ସେ ଭଲ ପାଇବାର ମୂଲ୍ୟ ? ଆପଣ ଶୁଣିଲେଣି—ମଞ୍ଜୁ ବର୍ତ୍ତମାନ ଜିଦ୍ ଧରି ବସିଛି—ଆପଣଙ୍କୁ ବିବାହ କରିବ ନାହିଁ ।

ଡାକ୍ତର—(ଅତ୍ୟୁଗ୍ର ବିସ୍ମିତ ଓ ମର୍ମାହତ ହେଲେ) ସତେ ? ବେଶ୍ ଭଲ କଥା !

ମନୀଷା—ଆପଣ ଖାଲି ଦେହର ଚିକିତ୍ସା କରି କରି ମଣିଷ ଦେହ ଭିତରେ ଯେ ଗୋଟାଏ ହୃଦୟ ଅଛି—ସେ କଥା ପାଶୋରି ଦେଲେଣି ଡାକ୍ତରବାବୁ ! ଆପଣ ମଞ୍ଜୁର ସରଳ ସୁକୁମାର ହୃଦୟକୁ ଚିହ୍ନି ପାରି ନାହାନ୍ତି । ମଞ୍ଜୁକୁ ଆଜି ମୁଁ ବହୁତ ବୁଝେଇଛି । ଶେଷରେ ସେ—

(ଏତିକିବେଳେ ମଞ୍ଜୁ ସରବତ ଗ୍ଳାସେ ଧରି ପହଞ୍ଚି ଗଲାରୁ କଥା ଅଧୁରା ରହିଗଲା)

ଆରେ, ତୋତେ ତ ମୁଁ ସରବତ୍ ଆଣିବାକୁ କହି ନ ଥିଲି ମଞ୍ଜୁ! (ହସି ହସି) ଦେଖନ୍ତୁ ଡାକ୍ତରବାବୁ, ମଞ୍ଜୁ ଆପଣଙ୍କ ମନ କଥା ଠିକ୍ ଜାଣେ ।

(ମଞ୍ଜୁ ଟେବୁଲ୍ ଉପରେ ସରବତ୍ ଗ୍ଲାସ ଥୋଇ ବିଷଣ୍ଣ ବଦନରେ ଠିଆ ହୋଇ ରହିଲା)

ଡାକ୍ତର—କିନ୍ତୁ ଆପଣ ମୋ ମନ କଥା ଠିକ୍ ଜାଣିପାରି ନାହାନ୍ତି ମନୀଷା ଦେବୀ; ନୋହିଲେ ମୋ ବିରୁଦ୍ଧରେ ଆଜି ଏପରି ଅସାର ଅଭିଯୋଗ ଆଣି ନ ଥାନ୍ତେ ।

ମନୀଷା—ଆପଣଙ୍କ ମନରେ କଷ୍ଟଦେଇଛି ଡାକ୍ତରବାବୁ, ମୋତେ ମାଫ୍ କରିବେ । ବାସ୍ତବିକ୍, ଆପଣ ଯେପରି ଆମ ସେଣ୍ଟିମେଣ୍ଟ୍ (Sentiment)କୁ ଆଘାତ କରିଛନ୍ତି—ଛାଡ଼ନ୍ତୁ ସେ କଥା ! (ମଞ୍ଜୁକୁ ଲକ୍ଷ୍ୟ କରି) କି ଲୋ, ତୁ ଇମିତି ମୁହଁ ପୋତି ଠିଆ ହୋଇ ରହିଲୁ କଣ ? ଡାକ୍ତରବାବୁଙ୍କ ହାତରେ ସରବତ୍ ନେଇ ଦେ' ! (ଟିକିଏ ଭାବିଲେ) ଓ ହୋ, ରାଗ—ଅଭିମାନ ! ଦେଖନ୍ତୁ ଡାକ୍ତରବାବୁ, ପିଲା ବୋଲି ବକନ୍ତେ, ସେଥିରେ ପୁଣି ରାଗ-ଅଭିମାନରୁ ବୋଝାଏ ଧରି ବସିଛି । (ମଞ୍ଜୁ ହାତ ଧରି ଡାକ୍ତରବାବୁଙ୍କ ପାଖକୁ ଟାଣି ନେଇଗଲେ) ଯା, ଡାକ୍ତରବାବୁଙ୍କୁ ନମସ୍କାର କର୍ ! ହଁ, ଏକାବେଳେ ପାଦଧୂଳି ନେ' ! ଅତି ଦୁଷ୍ଟାମି—

ଡାକ୍ତର—ଠିକ୍ ଅଛି ମନୀଷା ଦେବୀ ! (ଟେବୁଲ୍ ଉପରୁ ସରବତ୍ ନିଜେ ଉଠାଇ ନେଲେ) ମୁଁ କିନ୍ତୁ ଦିନେ ଏ ରାଗର ପ୍ରତିଶୋଧ ନେବି !

ମନୀଷା—ନିଶ୍ଚୟ ନେବେ, କିନ୍ତୁ ବାହାଘର ପରେ !"

(ଏତିକିବେଳେ ପହଞ୍ଚିଲେ ଶ୍ରୀମତୀ ମହାପାତ୍ର, ତାଙ୍କ ପଛରେ ଅଗଣି ଦାସ)

ଶ୍ରୀମତୀ ମହାପାତ୍ର—ମା' ମନି, ତୁ ଏସବୁ କି ଗୋଳମାଳ ଲଗେଇଛୁ କହତ ? ରାଧାକୁ କାଲିଠାରୁ ଏଠି ଅଟକେଇ ରଖିଛୁ; ତା' ବାପ ଆସି ଏଣେ ମୋ ଆଗରେ କନ୍ଦାକଟା ଲଗେଇଛନ୍ତି ।

ଅଗଣି—ମୋ ଝିଅକୁ କେଉଁଠି ରଖିଚ, ଦିଅ ବାହାରେଇ !

ମନୀଷା—(ଅଗଣି ପ୍ରତି) ରାଧା ତମର ଝିଅ ? ନା, ନା, ସେ ତମ ଝିଅ ନୁହେଁ, କି ତମେ ତା' ବାପ ନୁହଁ !

ଅଗଣି—ଏଁ—ରାଧା ମୋ ଝିଅ ନୁହେଁ ! ମୋ ଭେକାଳ ବୁଡ଼ିଲା ମା' ! (ମଥାରେ ହାତ ଦେଇ ବସି ପଡ଼ିଲ ତଳେ)

ମନୀଷା—ରାଧା ତମ ଝିଅ ହୋଇଥିଲେ, ତମେ ତାକୁ ଗୋରୁ-ଗାଈ ଭଳି ଶହ ଶହ ଟଙ୍କାରେ ବିକି କରନ୍ତି ! ତମେ ତା'ର ଜନ୍ମଦାତା ବାପ ହୋଇଥିଲେ, ତାକୁ ଗୋଟାଏ ଦୋବେହି ବୁଢ଼ା ବର ହାତରେ ଠେଲି ଦିଅନ୍ତି !

ଅଗଣି—(ଆଶ୍ଚର୍ଯ୍ୟ ହୋଇ) ବୁଢ଼ା ବର ? ପୁଣି ଶହ ଶହ ଟଙ୍କାରେ ବିକି ?

ମନୀଷା—ହଁ, ରାଧା କଣ ମୋତେ ମିଛ କହନ୍ତା ? ଏଠି ଆସି ସେ କାନ୍ଦ କାଟି ଗଡ଼ୁଛନ୍ତି । କେହି ସାହା ଭରସା ନ ହେଲେ, କହୁଛନ୍ତି— ଜୀବନ ହରେଇ ଦେବ !

ଅଗଣି—(ରାଧା ଉଦ୍ଦେଶ୍ୟରେ) ବଜ୍ଜାତ୍ ଟୋକୀ ! କୁଆଡ଼େ ଗଲା ସେ ? ଖୁଆଇ ପିଆଇ କୋଡ଼ପୋଛି କରି ଏତେ କାଳ ବଢ଼େଇ ଆଣିଲିକୁ ଏଥଣି ଦମାକ୍ ବାହାରୁଛି !

ଶ୍ରୀମତୀ ମହାପାତ୍ର—ମନି, ତୁ ଏ କେଳେଙ୍କାରି ଭିତରେ ପଶ୍ ନା କହୁଛି ! ରାଧାକୁ ତା ବାପ ସାଙ୍ଗରେ ବର୍ତ୍ତମାନ ବିଦା କରି ଦେ' !

ମନୀଷା—ମୁଁ କଣ ତାକୁ ଏଠି ଅଟକେଇ ରଖିଛି ବୋଉ, କହୁଛୁ—ପଠେଇ ଦେବି ? ସେ ଆପେ ଡରି ମରି ଏଠି ରହିଛି । ତାକୁ ଏଠୁ ତଡ଼ି ଦେଲେ, କେଉଁ ପୋଖରୀ-ଗଡ଼ିଆରେ ଯାଇ ପଡ଼ିବ, କି ରେଳରେ ଦଉଡ଼ି ଦେବ, ତା'ର କଣ ଠିକ୍ ଠିକଣା ଅଛି ?

ଅଗସ୍ତି—ମୋ ଝିଅ କଥା ମୁଁ ବୁଝିବି ବଡ଼ଦେଈ । ସେ କେଉଁଠି ଅଛି କୁହ !

ମନୀଷା—ଝିଅ କଥା ବୁଝିବ ବୋଲି, ଯେଉଁଠୁ ମୋଟା ଟଙ୍କା ପାଇବ, ସେଇଠି ଜବରଦସ୍ତି ତାକୁ ବାହା ଦେବ । ଏଇୟା ତ ?

ଅଗସ୍ତି—ଟଙ୍କା ଆଣି କୋଠା ପିଟିବି, ନା ମୁଁ ତୀର୍ଥ କରି ଯିବି ? ତାହାରି ବାହାଘର-ଖର୍ଚ୍ଚ ଲାଗି ଅଳପ କିଛି ନ ହେଲେ—

ମନୀଷା—କାହିଁକି ! ତମ ପୁଅ ସୁର ପରା କଲିକତାରେ ମାସକୁ କୋଡ଼ି କୋଡ଼ି ଟଙ୍କା ରୋଜଗାର କରୁଛି ! ମୁଁ ଆଜି ତାକୁ ଚିଠି ଲେଖୁଛି—ସେ ରାଧା ବାହାଘର ଖର୍ଚ୍ଚ ତୁଲେଇବ । ଆଉ ତମର ବର ପକ୍ଷରୁ ଟଙ୍କା ଆଣିବା କି ଦର୍କାର ?

ଅଗସ୍ତି—(ରାଗ ଓ ବିରକ୍ତିରେ) ଭଲ କଥା, ତମେ ଯାହା କରୁଛ କର । ହ୍ୟାପ୍, ମୁଁ ବାପ ହେଇ ତନି ପାଞ୍ଚିରୁ ଗଲି ।

ମନୀଷା—ନା, ନା, ତମେଇ ତମ ଝିଅ ବାହାଘର କରିବ । କିନ୍ତୁ ବାହାଘର ହେବ ଏଇଠି—ଆମରି ଘରେ ! ବୁଝିଲେ

ଡାକ୍ତରବାବୁ, ଶୁଣୁଛୁ ବୋଉ, ତାଙ୍କ ସାହିର ଜଣେ ଟୋକା ନବୀନା ସାଙ୍ଗରେ ସୁଧାର ମନ ମିଳିଛି । ଦୁହେଁ ବାହା ହେବେ ।

ଅଗଣି—ଏଁ, ସେ ଛତର ବାରବୁଲା ଯାଜା ଟୋକାକୁ ମୁଁ ଝିଅ ଦେବ ! ତମେ ମୋତେ ସଂସାରରୁ ଉଠେଇଲ ବଡ଼ ଦେଇ ।

ମନୀଷା—ହଁ, ନବୀନା ଛତର, ବାରବୁଲା । କାରଣ ସେ ମୋଟା ରକମ କନ୍ୟାସୁନା ଦେଇ ପାରିବ ନାହିଁ । ଦେଖ, ପୁଅ ଝିଅଙ୍କର ଯେଉଁଠି ମନ ମିଳିଛି, ସେଠି ତମେ ବାପ ହୋଇ ବି ବାଧା ଦେଇ ପାରିବ ନାହିଁ । ମୁଁ ସଫା ସଫା କହି ଦେଉଛି—ବାଧା ଦେଲେ ତମେ ବିପଦରେ ପଡ଼ିବ । ସାବଧାନ୍ !

ଡାକ୍ତର—ହଁ ଠିକ୍ କଥା ! ତମେ ବାବୁ ସେ ପଙ୍କରେ ପଶ ନା, କି ଗୋଡ଼ ଧୁଅ ନା । ଉପରେ ଉପରେ ଯେତେବେଳେ ଝିଅ ବାହାଘର ହୋଇ ଯାଉଛି, ତମର ତ ଲାଭ ଛଡ଼ା କ୍ଷତି ନାହିଁ । ଆଉ ଆପତ୍ତି କରୁଛ କାହିଁକି ?

ଶ୍ରୀମତୀ ମହାପାତ୍ର—ହଁ ହାସେ, ତମେ ଆପତ୍ତି କର ନା । ଝିଅକୁ ତମେ ଜନମ କରିଛ ସିନା, କରମ ତ ଆଉ ଦେଇ ନା' ! ତା' କରମ ତା'ର । ଯାହା ହାଣ୍ଡିରେ ସେ ଚାଉଳ ପକେଇଛି, ତା' ଘରକୁ ସେ ନିଶ୍ଚେ ଯିବ ! ତମେ ଖାଲି ତାକୁ ଆଶୀର୍ବାଦ କର—ସେ ସୁଖରେ ଘର ସଂସାର କରୁ ।

ମନୀଷା—ମଞ୍ଜୁ, ଯା' ତ, ଆମ ବଗିଚା ଦରୁ ସୁଧା ଆଉ ନବୀନାକୁ ଡାକି ଆଣ୍ । (ମଞ୍ଜୁ ଚାଲିଗଲା) ବୁଝିଲ ମଉସା, ଝିଅ-ଙ୍କ ଠିକ୍ୱାରେ କେହି ସୁଖୀ ହୋଇ ପାରେ ନା; କିମ୍ବା

କାହାର ଅଭାବ ତାହିଁରେ ମେଣ୍ଟେ ନା । ବରଂ ଶଶୁର ଘରେ ଝିଅ ସୁଖୀ ହେଲେ, ସେଇ ସୁଖରେ ବାପ ମା ସୁଖୀ । (ଦୂରକୁ ଚାହିଁ) ଏଇତ, ସେମାନେ ଆସିଲେଣି । ଦେଖ, ଦେଖ ମଞ୍ଜୁଷା, ରାଧା ଆଉ ନବୀନା କେଡ଼େ ସୁନ୍ଦର ମାନୁଛନ୍ତି । ଦୁହେଁ ଦୁହିଁଙ୍କ ଲାଗି ଏକା ।

(ରାଧା, ନବୀନା ଓ ମଞ୍ଜୁ ଆସି ପହଞ୍ଚିଲେ).

ମଞ୍ଜୁଷା—(ରାଧା ଓ ନବୀନା ପ୍ରତି) ତମେ ଦୁହେଁ ବାପଙ୍କୁ ଜୁହାର କର ରାଧା । ବାପର ପଦଧୂଳି ନିଅ । (ରାଧା ଓ ନବୀନା ଆଣ୍ଠୁ ମାଡ଼ି ଅଗଣି ଦାସଙ୍କୁ ଜୁହାର ହେଲେ)

ଅଗଣି—(ଦୁହିଁଙ୍କୁ ତଳୁ ଉଠାଇ ଉଠାଇଁ) ଉଠ୍ ଉଠ୍ ମା' । ଉଠ୍ ବାବା ନବୀନା । (କହୁଁ କହୁଁ ଆଖିରେ ଲୁହ ଭରିଗଲା । ଗାମୁଛା କାନିରେ ଲୁହ ପୋଛିଲା) ଏ ଶୋଭା ଦେଖିବା ଲାଗି ତୋ ବୋଉ ଯାହା ରହିଲା ନାହିଁରେ ମା । ଆଉ ସେ ଚଗଲା ସୁରଥା; ଏତେବେଳେ ବି ସେ ଯାଇ ରହିଲା କଲିକତାରେ ।

ଶ୍ରୀମତୀ ମହାପାତ୍ର— ସେଥିପାଇଁ ଚିନ୍ତା କର ନା ଦାସେ । ଆଜି ଟେଲିଗ୍ରାମ୍‌ଟାଏ କରିଦେଲେ, କାଆଲି ସୁର କଲିକତାରୁ ଡାଁ କରି ଆସି ପହଞ୍ଚି ଯିବ ।

[ଏହି ସମୟରେ ନାଥ ଅଙ୍କା ଆସି ପହଞ୍ଚି ଗଲେ]

ନାଥ—ମୁଁ ଜାଣେ, ଟୋକା ଟୋକୀ ଯେଉଁଠି ଥିବେ, ସେଠି କିଛି ନା କିଛି ରୋମାନ୍ସ ବା ଆଡ୍‌ଭେଞ୍ଚର୍—

ମଞ୍ଜୁଷା—ଏଠି ଏକାବାର ଡବଲ ରୋମାନ୍ସ ନାଥ ଅଙ୍କା । ଏଇ ଦେଖନ୍ତୁ—ମଞ୍ଜୁ ପ୍ଲସ୍ ଡାକ୍ତରବାବୁ, ରାଧା ପ୍ଲସ୍ ନବୀନା ।

ନାଥ—କିନ୍ତୁ ଏ ଶ୍ରୀନାଥ ମହାପାତ୍ର ବରାବର ରହିଲା ମାଇନସ୍ ।

ମନୀଷା—କାହିଁକି, ଆପଣ ତ ଚୈମ୍ପରାର ଭୁବରେ ଜଣକର ନାଥ ହୋଇଥିଲେ ।

ନାଥ—କିନ୍ତୁ ଏ ପରମାନେଣ୍ଟ୍ ନାଥମାନଙ୍କ ଆଗରେ ଚୈମ୍ପରାର ନାଥର ସ୍ଥାନ କାହିଁ ? ହାୟ ହାୟରେ ଜିନ୍ଦଗୀ !

[ସମସ୍ତେ ଉଚ୍ଚହାସ୍ୟ କରି ଉଠିଲେ]

ମାଣିକ ମାତା

(ମାଣିକ ମାତା ପ୍ରବେଶ କଲେ—ହାତରେ ଝୁଲିମାଳି, ଆଖି ଯୋଡ଼ିକ ଦରମୁଜା, ମୁହଁରେ 'କୃଷ୍ଣ' 'କୃଷ୍ଣ' ନାମ ଜପ କରୁଛନ୍ତି—କପାଳ, ନାକ, ଗଲା ଓ ବାହୁ ପ୍ରଭୃତି ଅଙ୍ଗ ପ୍ରତ୍ୟଙ୍ଗରେ ତିଳକ ଚିତା—ଗୈରିକ ବସନ ପିନ୍ଧିଛନ୍ତି । ମାଣିକ ମାତାଙ୍କ ପଛରେ ଅନୁସରଣ କରୁଛନ୍ତି ଦୁଇଜଣ ଶିଷ୍ୟା—ହାତ ଯୋଡ଼ି ନଇଁ ନଇଁ ପଛରେ ଚାଲିଛନ୍ତି ।)

ପ୍ରଥମା ଶିଷ୍ୟା—ଓ ହୋ, ଏ ଗାଁ-ଲୋକେ ଆଉ ରଖେଇ ଥୋଇ ଦେବେ ନି ! ସେଇଠି—ଏଠି ମାଣିକ ମାତା, ଏଇ ନିରୋଳା ଜାଗାରେ ବସି ଟିକିଏ ନିଶ୍ୱାସ ମାରନ୍ତୁ ! ଏଠିକି ଆଉ କେଇ ଗୋଳମାଳ କରିବାକୁ ଆସିବେ ନି ।

ଦ୍ୱିତୀୟା ଶିଷ୍ୟା—ଗାଁ ଲୋକଙ୍କର ଆଉ ଦୋଷ କଣ ? ଏ ସବୁ ମାଣିକ ମାତାଙ୍କର ଲୀଳା । ଦ୍ୱାପର ଯୁଗର ରାଧା ଠାକୁରାଣୀ ଏ କଳି ଯୁଗରେ ନର କଳେବର ଧରି ଯେତେବେଳେ ଅବତାର ହେଇଛନ୍ତି ! ଆହା, ଲୋକମାନଙ୍କର ମାତାଙ୍କ ପ୍ରତି କି ଅଚଳା ଭକ୍ତି !

ମାଣିକ ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ ! (ଭଲ ଭାବରେ ଆଖି ମେଲି) ଆଜି କେତେ ହେଲା ?

୧ମା—ଛତିଶ ଟଙ୍କା ବାରଅଣା ।

ମାତା—ଏଁ, ଦେ ଛଟେ ଛତିଶ ଟଙ୍କା ବାରଣା ! ସେ ମହାଜନ ସାହୁର ଘରଣୀ କେତେ ଦେଲା କି ?

୧ମା—ମୋତେ ଦୁଇଟା ଟଙ୍କା । ଗୁହ ଝିଅ ଜନମ କଲା ପରେ ଏଥର ପୁଅ ପାଇବ ବୋଲି ହୁକୁମ୍ ପାଇଲା, କିନ୍ତୁ ଏତେ ବଡ଼ ହୁକୁମ୍‌ଟାଏ ପାଇଁ ତୁଚ୍ଛା ଟଙ୍କା ଦୁଇଟା । ବଡ଼ ହାତଭିଡ଼ ମାଇପିଟା । ହାତରୁ ଖସିବ ନାଇଁ ଧନ, ଏଣେ ପୁଅ ପାଇବାକୁ ମନ !

୨ୟା—ସବୁ ମାତାଙ୍କ ହାତର କଥା ! ମାତା ଯଦି ଟିକିଏ କୋପଦୃଷ୍ଟି ପକାଇ ଦେବେ, ତା ହେଲେ ଏଥର ବି ହେବ ସେଇ ଝିଅ, ତେଣିକି ସାହୁଆଣୀ ବୁଝି ପାରିବ ଯେ—

ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ ! ଆଣ, ଆଣ, ସେ ଟଙ୍କା ଆଣ ! ତମ ପାଖରେ ରହିଲେ, ତମର ପାପ ପ୍ରବୃତ୍ତି ବଢ଼ିବ— ସଂସାରର କାମନା-ବାସନାରେ ଘାଣ୍ଟି ହେବ । ଅର୍ଥ ନୁହେଁ, ଏ ଅନର୍ଥ—ଅନର୍ଥ !

୧ମା—(ଅଣ୍ଟିରୁ କାଢ଼ି ମାତାଙ୍କୁ ଟଙ୍କା ଗଣି ଦେଲା) ଏଇ, ଛତିଶ ଟଙ୍କା ବାରଣା ।

ମାତା—(ଟଙ୍କା ନେଇ ଝୁଲିରେ ରଖିଲା) ସଂସାରର ସବୁ ଅନର୍ଥର ମୂଳ ଏଇ ଅର୍ଥ । ଏହା କବଳରେ ଥରେ ପଡ଼ିଲେ ତମର ଇହକାଳ, ପରକାଳ ସବୁ ନଷ୍ଟ । କୃଷ୍ଣ, କୃଷ୍ଣ, ହା କୃଷ୍ଣ ! ଦ୍ୱାପର ଯୁଗର ଅଙ୍ଗେ ନିଭେଇଥିବା କଥା ମନେ ପଡ଼ୁଛି—ନିତ୍ୟ ବୃନ୍ଦାବନରେ ଶ୍ରୀକୃଷ୍ଣ ରାସ-ଲୀଳାରେ ମତ୍ତ ଥାଆନ୍ତି । ଆହା, କି ମଧୁର ରସଲୀଳା ସେ ! ସେତେବେଳେ ଭଣ୍ଡାର ଘର ଚାବି ଥାଏ ମୋର ହାତରେ ।

୨ଯ୍ୱା—କେତେ ବର୍ଷ ତଳର କଥା ମା' ?

ମାତା—ଛପନ ଗଣ୍ଡା ଯୁଗ ତଳର କଥା ସେ, ସବୁ ପରିଷ୍କାର ଭାବରେ ମୋର ମନେ ଅଛି—ପ୍ରଭୁଙ୍କର ଡହବଲ ବାକ୍ସ ମୁହିଁ କାରବାର କରୁଥାଏଁ । ସେଥିପାଇଁ ଆଉ କେତେକ ଗୋପୀଙ୍କ ମନରେ ଯେଉଁ ରାଗ—ଈର୍ଷା, ଓହୋ, ମା ଗୋ, ପଚ୍ଚିଶ ବର୍ଷ ଧରି ଚାଲିଲା ଟୋଲମାଲ—ଏକ ପକ୍ଷରେ ମୁଁ ଏକା, ଅପର ପକ୍ଷରେ ଆଉ ସବୁ ଗୋପୀ । ଶେଷରେ ମହାପ୍ରଭୁ ସମସ୍ତଙ୍କ ଆଗରେ ମୋର ପଣତରେ ଚାବି ନେଇ ବାନ୍ଧି ଦେବାରୁ କଳିର ମୀମାଂସା ହେଲା । କୃଷ୍ଣ, କୃଷ୍ଣ, ହା କୃଷ୍ଣ !

୧ମା—ମହାପ୍ରଭୁ ଶ୍ରୀକୃଷ୍ଣ ଆପଣଙ୍କୁ ସବୁଠାରୁ'ବେଶି ଭଲ ପାଉଥିଲେ ବୋଲି ସିନା—

ମାତା—ଆହା-ହା—କୃଷ୍ଣପ୍ରେମ । ସେ ଯେ କି ମଧୁର ! ଅନୁଭବୀ ଏକା ଜାଣେ । (ଭାବ-ବହ୍ୱଳ ହୋ'ଇ ଆଖି ମୁଦି) କୃଷ୍ଣ, କୃଷ୍ଣ, ହା କୃଷ୍ଣ ! ଦ୍ୱାପର ଯୁଗ ଶେଷ ହୋଇ ଆସୁଛି, ଦିନେ କୃଷ୍ଣ ମୋତେ ଏକୁଟିଆ ଡାକି କହିଲେ—କଳି ଯୁଗରେ ଏକା ତୁମେ ହିଁ କୃଷ୍ଣପ୍ରେମ ପ୍ରଚାର କରି ପାରିବ । ମୁଁ ତୁମକୁ ସେହି ଦାୟିତ୍ୱ ଦେଉଛି ।

୨ଯ୍ୱା—ମହାପ୍ରଭୁ ଠିକ୍ ବାଛିଛନ୍ତି । ଏ ଘୋର କଳିକାଳରେ ଆପଣ କୃଷ୍ଣପ୍ରେମ ପ୍ରଚାର ନ କରୁଥିଲେ ଜଗତ କଣ ଥାଆନ୍ତା ! କେଉଁ ଦିନରୁ ରସାତଳଗାମୀ ହୋଇ ସାରନ୍ତାଣି ।

ମାତା—ତମେ ଦୁଇଜଣ ମୋର ଉପଯୁକ୍ତ ଶିଷ୍ୟା । ତମେ ସାହାଯ୍ୟ କରୁ ନ ଥିଲେ ମୁଁ କଣ ଏତେ ବଡ଼ କାମଟା ନେଇ ଅଣି ହୋଇ ପାରନ୍ତି ? ସବୁ ସେଇ ମହାପ୍ରଭୁଙ୍କ ଦୟା ।

କୃଷ୍ଣ, କୃଷ୍ଣ, ହା କୃଷ୍ଣ !

୧ମା—(ଦୂରକୁ ଚାହିଁ କଣ ଦେଖିଲା) ମାଣିକମାତା, ହେଇ ଏଠିକି ପୁଣି ଭକ୍ତମାନେ ଧାଡ଼ି ଛୁଟିଲେଣି । ଆଜ ରକ୍ଷା ନାହିଁ ।

(ମାଣିକମାତା ଦୂରକୁ ଚାହିଁ ଦେଖିଲେ—ଜଣେ ସ୍ତ୍ରୀଲୋକ ଆସୁଛି । ସଙ୍ଗେ ସଙ୍ଗେ ସେ ବସି ପଡ଼ି ଆଖି ମୁଦି 'କୃଷ୍ଣ' 'କୃଷ୍ଣ' ଜପ କଲେ । ଶିଷ୍ୟା ଦୁଇ ଜଣ ପାଖରେ ହାତ ଯୋଡ଼ି ବସିଗଲେ । ସ୍ତ୍ରୀ ଲୋକଟି ପ୍ରବେଶ କରି ମାଣିକ ମାତାଙ୍କ ପାଦ ତଳେ ପଡ଼ିଗଲେ)

ସ୍ତ୍ରୀ ଲୋକ—ମୋ ଗୁହାରି ଥରେ ଶୁଣନ୍ତୁ ମା' ଠାକୁରାଣୀ ।

ମାତା—(ଆଖି ଖୋଲି) କିଏ ? କୃଷ୍ଣ, କୃଷ୍ଣ, ହା କୃଷ୍ଣ !

୧ମା ଶିଷ୍ୟା—ଉଠ, ଉଠ ! ମାତା ତମ ପ୍ରତି ପ୍ରସନ୍ନ ହୋଇଛନ୍ତି ।

ସ୍ତ୍ରୀ ଲୋକ—(ଭୂଇଁରୁ ଉଠି ବସିଲା) ମୁଁ କେତେ ଆଡ଼ ଖୋଜି ଖୋଜି ଶ୍ରୀଚରଣ ଦର୍ଶନ ଲାଗି ଧାଇଁ ଆସିଛି ମା' । ମୋତେ ଦୟାକର ।

୨ୟା ଶିଷ୍ୟା—ତମର ଗୁହାରି କଣ ଏବେ ମାତାଙ୍କୁ ଜଣାଅ !

ସ୍ତ୍ରୀ ଲୋକ—ଜୀବନରେ ମୁଁ ବଡ଼ ଦୁଃଖୀ ମା' ଠାକୁରାଣୀ । ସ୍ତ୍ରୀ ଜନମ ପାଇଥିଲି, ସବୁ ମୋର ପୂର୍ଣ୍ଣ ହୋଇଛି, କେବଳ—

ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ ! ମୁଁ ତମର ମନ କଥା ଜାଣେ । ତମେ ପୁତ୍ ନାମକ ନରକରୁ ଉଦ୍ଧାର ପାଇବାକୁ ଚାହଁ !

ସ୍ତ୍ରୀ ଲୋକ—ଆପଣ ସର୍ବଜ୍ଞ ମା' ଠାକୁରାଣୀ । (ପୁଣି ପାଦ ତଳେ ପଡ଼ିଗଲା) ଆପଣ ସମସ୍ତଙ୍କ ଅନ୍ତର କଥା ଜାଣି ପାରନ୍ତି ।

୧ମା ଶିଷ୍ୟା—କେବଳ ମଣିଷ ନୁହେଁ; ପଶୁ ପକ୍ଷୀ, କୀଟ ପତଙ୍ଗ ସମସ୍ତଙ୍କ ପେଟର କଥା ମାଣିକ ମାତାଙ୍କୁ ଜଣା । ରାଧା ଠାକୁରାଣୀଙ୍କର ସାକ୍ଷାତ ଅବତାର !

୨ୟା ଶିଷ୍ୟା—ନ ହେଲେ କି ଏ ସଂସାରର କୋଟି କୋଟି ପାପୀ-
ତାପୀଙ୍କୁ ଉଦ୍ଧାର କରି ପାରୁ ଥାଆନ୍ତେ !
ସ୍ତ୍ରୀ ଲୋକ—ମୁଁ ବଡ଼ ପାପୀ ମା' ଠାକୁରାଣୀ । ମୋତେ ଦୟା
କରନ୍ତୁ !
ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ ! ତମର ସ୍ୱାମୀ କଣ କରନ୍ତି ?
ସ୍ତ୍ରୀ ଲୋକ—ପୋଲିସ୍ ବିଭାଗରେ ଚାକିରି କରନ୍ତି ।
ମାତା—ଏଁ ପୋଲିସ୍ ! କୃଷ୍ଣ, କୃଷ୍ଣ, ହା କୃଷ୍ଣ ! ପୋଲିସ୍‌ବାଲାଙ୍କର
ତ ଧର୍ମ-କର୍ମ ଉପରେ ବିଶ୍ୱାସ ନାହିଁ ! ଆମକୁ ଦେଖି ଠାଟ୍ଟା
ଥାପରା କରିବେ । ଏଥିରେ ଆଉ ବଂଶ ରକ୍ଷା ହେବ
କେମିତି ?
ସ୍ତ୍ରୀ ଲୋକ—ତାଙ୍କ ଦୋଷ କ୍ଷମା କରନ୍ତୁ ମା ! ସେ ପାପୀ, ଅଧମ ।
ତାଙ୍କୁ ନ କହି ମୁଁ ଆପଣଙ୍କ ଶ୍ରୀଚରଣ ତଳକୁ ଧାଇଁ
ଆସିଛି ।
ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ ! (ଆଖି ମୁଦି କେତେ କ୍ଷଣ ଧ୍ୟାନ
କଲେ) ହଁ, ଆସନ୍ତା ଅମାବାସ୍ୟା ରାତି ବାରଟାରେ ତୁମକୁ
ପୁତ୍ରେଷ୍ଟି ଯଜ୍ଞ କରିବାକୁ ହେବ । ସେହି ଚନ୍ଦ୍ରାମୃତ ସେବନ
କଲେ, ତମର ଅଭିଷ୍ଟ ଫଳ ଲାଭ ହେବ ।
ସ୍ତ୍ରୀ ଲୋକ—ପୁତ୍ରେଷ୍ଟି ଯଜ୍ଞ କିପରି କରିବାକୁ ହେବ ମା ?
ମାତା—ତାହାର ସମସ୍ତ ବିଧି-ବିଧାନ ମୋର ଏଇ ଶିଷ୍ୟାମାନେ ବତାଇ
ଦେବେ । କୃଷ୍ଣ, କୃଷ୍ଣ, ହା କୃଷ୍ଣ !
୧ମା ଶିଷ୍ୟା—ବେଶି କିଛି ଖର୍ଚ୍ଚ ହେବ ନାହିଁ । ମୋଟେ ୧୦୮
ନଡ଼ିଆ, ୧୦୮ ଗୁଆ, ଆଉ ୧୦୮ଟା ଟଙ୍କା । ୧୦୮ ଛଟାଙ୍କି
ନଳୁଆ ଗୁଆ ଘିଅ ହୋମରେ ଲାଗିବ । ଅମାବାସ୍ୟା ରାତି
ଅଧରେ ନିର୍ଜନ ସ୍ଥାନରେ ଯଜ୍ଞ କରିବାକୁ ହେବ, କେହି

ଜାଣିବେ ନାହିଁ କି ଦେଖିବେ ନାହିଁ ।

୨ୟା ଶିଷ୍ୟା—ଆମର ମଠ ଖୁବ୍ ନିର୍ଜନ ଜାଗା । ସେଇଠିକି ଯଜ୍ଞ ଜିନିସ ସବୁ ପଠେଇ ଦେବ । ଆଜି ନିଚେ ଗାଧୋଇ ପାଧୋଇ ଶୁଦ୍ଧ-ପୂତ ହୋଇ ଘରୁ ଏକୁଟିଆ ବାହାରି ଆସିବ ।

୧ମା ଶିଷ୍ୟା—ହଁ, ସେଦିନ ତୁମର ନିର୍ଜଳା ଉପବାସ । ଏଥିରେ ଘରୁ ଯେତେବେଳେ ବାହାରିବ, ଏରୁଣ୍ଡି ବନ୍ଧ ଡେଇଁ ପ୍ରଥମେ ଯେଉଁ ଜିନିଷ ଦେଖିବ, ତାକୁ ନିର୍ମଳ ମନରେ ଆହାର କରିବ ।

୨ୟା ଶିଷ୍ୟା—ସେଦିନ ଜଣେ ଭକ୍ତକୁ ଠିକ୍ ଏଇପରି ହୁକୁମ ହୋଇଥିଲା । ସେ ଏରୁଣ୍ଡି ବନ୍ଧ ଡେଇଁ ଦେଖିଲା ବେଳକୁ ତାଙ୍କର ପୋଷା କୁକୁର ମଳତ୍ୟାଗ କରୁଛି । ସେ ନିର୍ବିକାର ଚିତ୍ତରେ ସେହି କୁକୁର-ଗୁହ ଖାଇବା ଲାଗି ଯେମିତି ଟେକି ନେଇଛି, କୁକୁର ଗୁହ ପାଲଟିଗଲା ପାଚିଲା କଦଳୀ । ସବୁ ମାଣିକ ମାତାଙ୍କର ଦୟା ।

ସ୍ତ୍ରୀ ଲୋକ—ମୁଁ ସବୁ କରିବାକୁ ରାଜି ଅଛି ମା' । ମୋ ମନ କାମନା ପୂରଣ କର ।(ସ୍ତ୍ରୀଲୋକଟି ପୁଣି ମାଣିକମାତାଙ୍କର ଗୋଡ ତଳେ ପଡ଼ିଗଲା । ଏତିକିବେଳେ ଜଣେ ବୁଢୀ ଅସ୍ତବ୍ୟସ୍ତ ହୋଇ କାନ୍ଦି କାନ୍ଦି ଆସି ମାଣିକମାତା ପାଦ ତଳେ ଗଡ଼ିଗଲା ।)

ବୁଢୀ—ମୋ ଭେଲା ବୁଡ଼ିଗଲା ମା'—ମୋର ସବୁ ସରିଗଲା । ମୋତେ ରକ୍ଷା କର—ରକ୍ଷା କର ।

ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ ! କି ଦୁଃଖ ତମର ? ଉଠ, ଉଠ !

୧ମା ଶିଷ୍ୟା—ଉଠି ବସ ! ମାତା ପ୍ରସନ୍ନ ହେଲେଣି ।

(ବୁଢୀ ଉଠି ବସିଲା)

ବୁଢ଼ୀ—ମୋର ପୁଅ ବୋହୂ ଦୁ'ଜଣ ଯାକ ଭୂଇଁରେ ଗଡ଼ୁଛନ୍ତି ମା'। ଦୁଇ ମୁହଁ ଦେଇ ଝାଡ଼ା ବାନ୍ତି ଛୁଟିଛି। ଆଉ କଣ ସତେ ରକ୍ଷା ହେବ ମା ଠାକୁରାଣୀ! ଗ୍ରାମଆଡ଼େ ହଇଜା, ଝାଡ଼ାବାନ୍ତି। ଦିନକୁ ଗଣ୍ଡା ଗଣ୍ଡା ମୁଣ୍ଡ ମଶାଣି ପଦାକୁ ଘୋଷରା ହେଉଛି।

ମାତା—କଲେରା, ଘୋର କଲେରା। କୃଷ୍ଣ, କୃଷ୍ଣ, ହା କୃଷ୍ଣ!

ବୁଢ଼ୀ—(କାନ୍ଦି କାନ୍ଦି) ହଁ ମା', ଘର କଲରା। ଘର କଲରା। ପୁଣି ଆମ ଗାଁର ଯେ ଗ୍ରାମ-ସେବକ, ଡାକ୍ତରଣୀଙ୍କ ସାଙ୍ଗରେ ଧରି ଘର ଘର ବୁଲି କହୁଛନ୍ତି—ଫୁଟା ପାଣି ଖାଅ, କଲରା ଇଞ୍ଜେକ୍‌ସନ୍ ନିଅ! ମା ଲୋ ମା, ଯେତେବେଳେ ସାତ ସମୁଦ୍ର ଉଚ୍ଛୁଳିଛି, ସେତେବେଳେ ଏ ବନ୍ଧବାନ୍ଧ କଣ ରହିବ?

ମାତା—ମୂର୍ଖତା, ଭଣ୍ଡାମି। ପାପୀ ଅଧର୍ମୀମାନଙ୍କର ଧର୍ମକୁ ଏ ସବୁ ଅତ୍ୟାଚାର। ବୁଝିଲ? ଏ ଘୋର କଳିକାଳ, ପୃଥିବୀ ମାତା ଆଉ ଏତେ ପାପ ଭାର ସହ୍ୟ କରି ପାରିବ ନାହିଁ। ଆଉ ବେଶି ଡେରି ନାହିଁ—ଧ୍ୱଂସ ହେବ—ପ୍ରଳୟ ହେବ —ପୃଥିବୀ ରସାତଳଗାମୀ ହେବ—

ସମସ୍ତେ—ରକ୍ଷା କର ମା', ରକ୍ଷା କର! (କହୁଁ କହୁଁ ସମସ୍ତେ ଗୋଡ଼ତଳେ ପଡ଼ିଲେ)

ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ! ରକ୍ଷା ହେବ—ରକ୍ଷା ହେବ। ରକ୍ଷା କରିବ ମାଣିକ ମାତାର ଏ ଫୁଲ-ମାଳ। ଧର୍ମର ଜୟ, ପାପର କ୍ଷୟ। ଓଁ ଶାନ୍ତି, ଶାନ୍ତି, ଶାନ୍ତି!

(ସମସ୍ତେ ମାତାଙ୍କ ପାଦ ଧୂଳି ନେଇ ଉଠି ବସିଲେ)

ବୁଢ଼ୀ—ହେ ପ୍ରଭୁ ଝୁଲ୍‌ମାଳି, ମୋ ପୁଅ-ବୋହୂଙ୍କୁ ବଞ୍ଚାଅ । ମୋତେ ରକ୍ଷା କର ମହାପ୍ରଭୁ !

୧ମା ଶିଷ୍ୟା—ଅହା, ପ୍ରଭୁ ଝୁଲ୍-ମାଳିଙ୍କର କି ଅଭୁତ ମହିମା ! ସେଦିନ ଜଣେ କୁଷ୍ଠରୋଗୀ ଆସି ସପ୍ତପୂଜାରେ ପ୍ରଭୁଙ୍କୁ ବନ୍ଦନା କଲା । ସଙ୍ଗେ ସଙ୍ଗେ ତାହାର ରୋଗ କୁଆଡ଼େ ଛାଡ଼ି ପଳେଇଲା । ଏଯାଣି ସେ ଭଲ ମଣିଷ ।

ବୁଢ଼ୀ—ହେ ପ୍ରଭୁ ଝୁଲ୍-ମାଳି, ହେ ମାଣିକ ମାଡ଼ା-ଠାକୁରାଣୀ, ମୋତେ ବୁଦ୍ଧି ଦିଅ—ଉପାୟ ବତାଅ ମହାପ୍ରଭୁ !

ମାଡ଼ା—ସପ୍ତପୂଜା, ସପ୍ତପୂଜା ! କୃଷ୍ଣ, କୃଷ୍ଣ, ହା କୃଷ୍ଣ !

୨ୟା ଶିଷ୍ୟା—ସପ୍ତ ଆଲତ, ସପ୍ତ ଅର୍ଘ୍ୟ ଆଉ ସାତଟି ମାତ୍ର ଟଙ୍କା । ଏଯାଣି ପୂଜା ସରଞ୍ଜାମ ବ୍ୟବସ୍ଥା କରି ପକାଅ । ପୂଜା ସରିଲା ବେଳକୁ ଝାଡ଼ାବାନ୍ତି ଛାଡ଼ି ପଳାଇ ଥିବ ।

ବୁଢ଼ୀ—ପୂଜା ସାମଗ୍ରୀ ମୁଁ ଏଯାଣି ଯୋଗାଡ଼ କରି ଆଣୁଛି ମା । (ଯିବାକୁ ଉଦ୍ୟତ ହେଉଛି, ଏତିକି ବେଳେ ଦୂରରୁ କଣ ଦେଖି ଅଟକି ଛିଡ଼ା ହେଲା) ହେଇ ଲୋ ମା, ସେ ଗ୍ରାମସେବିକା ଏଠିକି ପୁଣି ଆସିଲାଣି, ସଙ୍ଗରେ ସେଇ ଡାକ୍ତରାଣୀଟା ।

[ଡାକ୍ତରାଣୀ ଓ ଗ୍ରାମ-ସେବିକା ପ୍ରବେଶ କଲେ]

ମାଡ଼ା—(ଆଖି ମୁଦି ଧ୍ୟାନରେ ବସି) କୃଷ୍ଣ, କୃଷ୍ଣ, ହା କୃଷ୍ଣ !

ସେବିକା—(ଡାକ୍ତରାଣୀ ପ୍ରତି) ଏଇ ସେହି ମାଣିକମାଡ଼ା ।

ଲେଡି ଡାକ୍ତର—(ମୁରୁକି ହସି) ମାଣିକମାଡ଼ା, ଦୟାକରି ଟିକିଏ ଆଖି ଖୋଲି ଚାହାଁନ୍ତୁ । ଆପଣ କୁଆଡ଼େ କୁଷ୍ଠ, କଲେରା ପ୍ରଭୃତି ରୋଗ ଭଲ କରି ଦେଉଛନ୍ତି । ବର୍ତ୍ତମାନ ଆପଣଙ୍କ ରୋଗଟା ଆମେ ଭଲ-କରିବା ଲାଗି ଆସିଛୁଁ ।

ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ !

ସ୍ତ୍ରୀ ଲୋକ—ମାଣିକ ମାତାଙ୍କର ପୁଣି କି ରୋଗ ?

ସେବିକା—ଆରେ ଶାନ୍ତ ଦେବୀ, ଆପଣ ଏଠି କାହିଁକି ? ଓ ହୋ —ବୁଝିଲି ! ମାଣିକ ମାତା ପରା ଯୁବ-ବର ଦେଉଛନ୍ତି !

ଲେଡି ଡାକ୍ତର—ଯୁବ-ବର ? ନନ୍‌ସେନସ୍ (Nonsense) !

ମାତା—ଏ ପାପୀ-ତାପୀ ଜନଙ୍କୁ ଉଦ୍ଧାର କରନ୍ତୁ ପ୍ରଭୁ ! କୃଷ୍ଣ, କୃଷ୍ଣ, ହା କୃଷ୍ଣ !

ଲେଡି ଡାକ୍ତର—ଏଁ, କଣ କହିଲ ? ଆମେ ପାପୀ ? ଆଉ ଏ ପୃଥିବୀରେ ତୁମେ ହିଁ ଏକା ଧର୍ମିକା ! କେଉଁଠି ଅଛି ତୁମର ଧର୍ମ ? ଏଇ ଝୁଲି ମାଳ ଭିତରେ ?

ମାତା—କୃଷ୍ଣ, କୃଷ୍ଣ, ହା କୃଷ୍ଣ ?

ଲେଡି ଡାକ୍ତର—ଡ୍ୟାମ୍ ୟୋର କୃଷ୍ଣ (Damn your Krushna) ! (ସେବିକା ପ୍ରତି) ତମେ ପୋଲିସ୍ ଏସ୍: ଆଇ:ଙ୍କୁ ଖବର ଦେଇଛ ତ ?

ସେବିକା—ସେ ଆମ ପଛେ ପଛେ ଆସୁଛନ୍ତି !

ମାତା ଓ ଶିଷ୍ୟାବୃନ୍ଦ—(ଏକ ସ୍ୱରରେ) ଏଁ, ପୋଲିସ୍ !
(ସମସ୍ତେ ଭୀତ-ତ୍ରସ୍ତ ହୋଇ ଉଠି ଛିଡ଼ା ହେଲେ)

ସେବିକା—ଦେଖି ମାଣିକ ମାତା, ତମ ଝୁଲି ଭିତରେ କେତେ ଧର୍ମ ଅଛି !

(ମାତା ହାତରୁ ଝୁଲି ଛଡ଼ାଇ ଆଣି ତା ଭିତରୁ ପ୍ରାୟ ୧୦୦୦ଙ୍କା ବାହାର କଲା)

ଲେଡି ଡାକ୍ତର—ହୁଁ, ଏଇ ହେଉଛି ତୁମର ଧର୍ମ ! ଏହାର ବଦଳରେ ତୁମେ ବନ୍ଧ୍ୟାକୁ ପୁଅ ଦାନ କରୁଛ, ଦୁଷ୍ଟ ସ୍ୱାମୀକୁ ସ୍ତ୍ରୀର ବଶ କରୁଛ, କୁଷ୍ଠ-କଲେରା ଭଲ କରୁଛ ! ଛି—ଛି ! ସରଳ ଗାଉଁଲି ମାଇପିମାନଙ୍କର କୁସଂସ୍କାର, ଅନ୍ଧବିଶ୍ୱାସର ସୁଯୋଗ ନେଇ ବେଶ୍ ଭଣ୍ଡ ମାତା ସାଜିଛ ଦେଖୁଛି ।

ସେବିକା—(ଶିଷ୍ୟା ଦୁହିଁଙ୍କୁ ଦେଖାଇ) ଆଉ ଏ ଦୁ'ଜଣ ହେଉଛନ୍ତି ଶୁଣ୍ଡୀର ସାକ୍ଷୀ—ମାଣିକ ମାତାଙ୍କର ଆଜ୍ଞାଧୀନା ଶିଷ୍ୟା ।

ମାତା ଓ ଶିଷ୍ୟାବୃନ୍ଦ—(ଯୋଡ଼ହସ୍ତ ହୋଇ) ଆମ ଦୋଷ କ୍ଷମା କରନ୍ତୁ ଆଜ୍ଞା ।

ଲେଡି ଡାକ୍ତର—କ୍ଷମା ? ଚାଲ, ସେଇ ପୋଲିସ୍ ହାଜତରେ କ୍ଷମା ଦିଆଯିବ ।

ମାତା ଓ ଶିଷ୍ୟାବୃନ୍ଦ—(ଲେଡି ଡାକ୍ତର ଗୋଡ଼ ଧରିଲେ) ନା, ନା, ଆପଣ ଆମର ମା' ବାପ । ଆମକୁ ରକ୍ଷା କରନ୍ତୁ !

ଲେଡି ଡାକ୍ତର—ସେଇ କୃଷ୍ଣ ତମକୁ ରକ୍ଷା କରିବେ । ଚାଲ, ଚାଲ ।

(ନିଷ୍କ୍ରାନ୍ତ) *

---

* ଫକୀରମୋହନଙ୍କ 'ଧୂଳିଆ ବାବା' ଗଳ୍ପ ଦ୍ୱାରା ଅନୁପ୍ରାଣିତ ହୋଇ ଏ ପ୍ରହସନଟି ରଚନା କରିଛି—ଲେଖକ

ନଷ୍ଟ ନୀଡ଼

ପ୍ରଥମ ଦୃଶ୍ୟ

(ପାଣୁଆର ଗୃହ ପ୍ରାଙ୍ଗଣ—ପାଣୁଆ ମା ଖଞ୍ଜୁଣ୍ରୀ ହସ୍ତରେ ଘର ଖରକୁଛନ୍ତି ଏବଂ ମନକୁ ମନ ବହୁ ବିଷୟରେ ବକର ବକର ହେଉଛନ୍ତି ।)

ମା—ତୁ' ଯେତେ ମାଠେଇବୁ ମାଠ୍—ମୁଁ ସେଇ ଦରପୋଡ଼ା କାଠ୍ । ମା ଲୋ ମା, କି ମାଇକିନିଆଟାଏ ଏଇଟା ! ବଳ ଅଛି—ବଅସ ଅଛି, ଘର ପାଇଟି ଭରବରରେ ନେଇ ଆଣି ଥୋଇ ଦେବୁ—ନା, ସବୁ କାମରେ ଅଲସ ! ତୁ ତ ସେଇ ଧାତୁରେ ଗଢ଼ା ମୋ ମା, ତୋତେ କଣ ମୋ ଚଉଦ ପୁରୁଷ ବଦଳେଇ ପାରିବ ? ଖାଲି ମୋ ଭାଗ୍ୟରେ ଥିଲା—ତୋର ଭଳି ବହୂ ଖଣ୍ଡେ ପାଇଲି ।

(ଘର ଖରଡ଼ା ବନ୍ଦ କରି ବାହାରକୁ ଚାହିଁଲା, ଦେଖିଲା—କନକ ଗାଧୋଇ ସାରି ଫେରୁଛି ।)

ଓ ହୋ, ସାଆନ୍ତାଣିଙ୍କର ବେଳ ହେଲା ଫେରି ! ଆଉରି ଅସ୍ତେ ଅସ୍ତେ ପାଦ ପକା ଲେ—ଆଉରି ଅସ୍ତେ ଅସ୍ତେ ।

(କନକ ପହଞ୍ଚିଲା, କାଖରେ ପାଣି କଳସୀ, ଡାହାଣ ହାତରେ ପାଲଟା ଓଦାଲୁଗା) ଧିକ୍ ତୋ ମଣିଷ ଜନମ ! ବାପ ମା' କଣ ଖାଇ

ତୋତେ କନମ କରଥିଲେ ଲୋ ମଠେଇ, ଅଲସେଇ । ଉଠିବୁ ବେଲ ଘଡ଼କରେ, ଦାନ୍ତ ଘଷିବୁ ଦ ଘଡ଼ ! ପୁଣି ଗୁଡ଼ାଖୁ ନ ହେଲେ ସର୍ଗିଙ୍କର ଦାନ୍ତଘଷା ବନ୍ଦ । ଗାଧୋଉଁ ଗାଧୋଉଁ ଦ' ପହର । ଅଜ ଏଣେ ଘରର ବାସି ପାଇଟି ସବୁ ହବ କେତେବେଳେ— ରନ୍ଧାବଢ଼ା ହବ କେତେବେଳେ ?

କନିକ—ଗାଇଁକି ମୋ ଉପରେ ଚୁଚ୍ଛାଚ୍ଛାରେ ରଡ଼େଇ ଖଡ଼େଇ ହେଉଚ ? ମୁ କଲି କଣ ?

ମା— ଅହା—ହା—ହା, ସୁନା ମୁଣ୍ଡାଟାଏ ଲୋ ! ଟିକିଏ ଲଜ ସରମ ନାହିଁ ସେ ମୁହଁକୁ ! କହୁଚୁ—କଲି କଣ ? କଣ କରଚୁ— ନିଜମନକୁ ପଚୁର ! ତେତେଣ ବାଲରେ ଲକ୍ଷ୍ମୀ ଭଣ୍ଡାର ଉଜୁଡ଼ି ଯାଉଚୁ, ସକାଳୁ ପଖାଳ ପାଣି ମୁହଁଏ ତୁଣ୍ଡରେ ଦେଇ ଚାଲି ଯାଇଥିଲେ, ଅବକା କେତେ କାମ କରି ଯାଉନ୍ତିଣି ।

କନକ—ଚାଲିଗଲ ନାହିଁ, କିଏ ଅଟକଉ ଥିଲା କି ?

ମା—ଏଣେ ଘରେ ସବୁ ବାସି ପାଇଟି କରଥାନ୍ତା କିଏ ଲୋ ଅଲକ୍ଷଣି ? ତୁ ତ କୁଳ ଭୁଆସୁଣିଟା, ମାଣ୍ଡୁ ଅନ୍ଧାରୁ ଉଠି ବାସି କାମ ସାରି—ପାଣି କାଢ଼ି ଆଣି ସାଉ ଚଉଠ କରି ଥୋଇ ଦଅନୁ—

କନକ—ମୁଁ ସାଉ ଚଉଠ କରୁ ନାହିଁ ତ ଅଉ କରୁଚି କିଏ ?

ମା— କହ ନା ଲୋ ସେ କଥା—ଆଉ କହନା । କାମ କରିବା ଲୋକ ଅଲଗା । ତୋ ଦେଇ କଣ ଶାଗ ଛିଣ୍ଡିବ, ନା ମୁଗ ସିଝିବ ?

କନକ—ଏ ଘରେ ଯାହା ଦେଇ ଶାଗ ସିଝୁଚି, ସେଇ କେବଳ ରହୁ ! ଅମେ ଏଠୁ ଚାଲି ଯାଉଚୁଁ ।

ମା—ବେଶ୍ ତ ବଢ଼ି ବଢ଼ି କଥା କହୁଚୁ ଲୋ ଖୁଣ୍ଟେଇ ! ତୁ ଆଗେ କହିଲୁ—ସକାଳ ପହରୁ ନଈକି ଯାଇଁ ସେଠେଣେ କି ନାଚ କରୁଥିଲୁ !

କନକ— ନାଚ କରୁଥିଲି ? ମଣିଷ ବି ଟିକିଏ ଭଲରେ ଗାଧୋଇବ ନାଇଁ ?

ମା—ଆହା—ହା—ହା, ଏ ସୁଖ ଶରଧାକୁ ବାପ ମା' ମାହା ତୋତେ ରଙ୍ଗା ଘରେ ବାହା ନ ଦେଲେ ଲୋ ପୋଡ଼ାମୁହିଁ !

(ବିରକ୍ତିରେ ଧରିଥିବା ଘୁଞ୍ଚୁଣିଟା କାନ୍ଥ ପାଖକୁ ଫୋପାଡ଼ି ଦେଇ) ହଉ, ଯା କରୁଚୁ କର ! ଆଜି ତୋ ସାଙ୍ଗରେ ମୁଁ ଗୋଳେଇ ଘାଣ୍ଟି ହେଇ ପାରିବି ନି ! ମୁଁ ଯାଏଁ ବିଲକୁ—ମୋର ଧାନଗଣ୍ଡାକ ସେଠେଣେ ଗଲା। (ଯିବାକୁ ଉଦ୍ୟତ ହୋଇ ପୁଣି ଠିଆ ହୋଇଗଲା) ସେଠି ଖୁଣ୍ଟାଟା ଭଳି ଠିଆ ହୋଇ ରହିଲୁ କାହିଁକି ଲୋ ? ଯା —ରନ୍ଧାବଢ଼ା କର !

କନକ—ମୁଁ ଆଜି ରନ୍ଧାବଢ଼ା କରି ପାରିବି ନାଇଁ ।

ମା—କଣ କହିଲୁ ?—କରି ପାରିବୁ ନାଇଁ ? ଆଜି ଭାତ ଖାଇ ପାରିବୁ ନା ?

କନକ—କଣ ତମ ରୋଜଗାରରୁ ମୁଁ ଖାଉଛି କି ?

ମା—ଚୁପ୍ ଚୁପ୍—ଜୁନି ହ ! କା ମୁହଁ ପାଇ ଇମିତି କଥା କହୁଚୁ ଲୋ ଅଲକ୍ଷଣୀ ଟୋକି ? ଅଚ୍ଛା ହଉ, ଦେଖିବୁ ଲୋ—ମୋତେ ଚହ୍ଲିବୁ । ତୋର ଏ ଅପାଣିଆ ମୁହଁ ଯଦି ନ ଭାଙ୍ଗିଛି, ମୁଁ ଗାଣ୍ଡୁ ପଇଡ଼ା ଝିଅ ନୁହେଁ—ଜାଣି ଥା ! (କହୁଁ କହୁଁ ଚାଲିଗଲା)

କନକ—ଆଜ ତମର ଏ ଖେଟଣ୍ଟେଇ ପଣ ଯଦି ନ ଛଡ଼େଇଚ, ମୁଁ ସାମ ବାରିକ୍ ଝିଅ ନୁହେଁ । ହଇ ଲୋ, ଧନେ ନୁହେଁ—ଅଧେ ନୁହେଁ, ସବୁବେଳେ ଭଲ ମନ୍ଦରେ ଗାଳି ଗୁଲଜ—ଛି ଛାକର ! ମଣିଷ ପୁଣି ଏତେ ଗଞ୍ଜଣା, ଏତେ ଅପମାନ ସହିବ ? ହାଇରେ, ମୋ କପାଳରେ ଏଇଯା ଥିଲା !

(କହୁଁ କହୁଁ ଘର ଭିତରକୁ ପ୍ରସ୍ଥାନ କଲା)

ଦ୍ୱିତୀୟ ଦୃଶ୍ୟ

(ପଞ୍ଚାୟତ ଅଫିସ୍ କକ୍ଷ—ବଂଶୀବାବୁ ଠାଏ ବସି କଣ ହିସାବ-ପତ୍ର କରୁଛନ୍ତି—ନବବାବୁ ଆଉ ଠାଏ ବସି ଖବରକାଗଜ ପଢ଼ୁଛନ୍ତି—ଏତିକିବେଳେ ଅଫିସ୍ ଦୁଆର ମୁହଁରେ କିଏ ଜଣେ ନବବାବୁଙ୍କ ଦୃଷ୍ଟି ଆକର୍ଷଣ କଲା)

ନବ—ଆଲୋ କନ ନା କିଏ ? ତୁ କୁଆଡ଼େ ? ତୋର ପୁଣି ପଞ୍ଚାୟତ ଅଫିସ୍‌ରେ କି କାମ ?

କନକ—(ଅଭ୍ୟନ୍ତରରୁ) ହଁ, ଗୋଟାଏ କାମ ଅଛି ।

ନବ—କାମ ଥିଲା ତ, ମୋତେ କା ହାତରେ ଡକେଇ ପଠେଇଲୁ ନାଇଁ ! ମୁଁ ତମ ଘରକୁ ଭଲ ମନ୍ଦରେ କେବେ ନ ଯାଉଛି କହ ! ହଉ—ହଉ, ଆ— ଭିତରକୁ ଚାଲି ଆ !

କନକ—(ଆସିଲା ନାହିଁ)

ନବ—କି ଲୋ, ଠିଆ ହେଇ ରହିଲୁ ଯେ ! ଓ ହୋ, ମୋ ସାଙ୍ଗରେ କଣ ଏକୁଟିଆ କଥାଭାଷା ଅଛି ପରା ! ଆଚ୍ଛା, ବଂଶୀଧର, ତମେ ଟିକିଏ ବାହାରକୁ ଗଲ !

ବଂଶୀ—ଅଜ୍ଞ ଡାକରେ ଏ ହିସାବଟା ବ: ଓ: ଓ: ଅଫିସ୍‌କୁ ଯିବ ପରା ଆଜ୍ଞା ।

ନବ—ଓ ହୋ, ରଖ ତମର ବ: ଓ: ଓ: ଅଫିସ୍ । ମୁଁ ଯାହା କହୁଛି, ଆଗେ କର ! (ବଂଶୀ ଚାଲିଗଲା ପରେ କନକକୁ ଡାକିଲା) ଏବେ ଆ ଭିତରକୁ !

କନକ—(ବିରସ ବଦନରେ ପ୍ରବେଶ କଲା)

ନବ—କଣ କହ ତୋ କଥା ! (କନକ ମୁହଁକୁ ଚାହିଁ) ଏଁ, ତୋ ମୁହଁଟା ଇମିତି ଶୁଖିଲା ଦିଶୁଚି କାଇଁକି ? ଆଖି ଦୁଇଟା ଲାଲ୍—ପୁଣି ଲୁହ ଛଳ ଛଳ । କଣ ହୋଇଚି କି ଲୋ ? (କନକ ଆଖିରେ ଲୁଗା ଦେଇ ହୁଁ ହୁଁ ହୋଇ କାନ୍ଦିବାକୁ ଲାଗିଲା) ଏଁ, ତୁ କାନ୍ଦୁଚୁ କାଇଁକି ଲୋ କନ ? ତୋର ହେଲା କଣ ? (ଚେୟାରରୁ ଉଠି କନକ ପାଖକୁ ଗଲେ) ଛିଃ, କାନ୍ଦନା ! କଥାଟା କଣ କହ ! ପ୍ରାଣବନ୍ଧୁ ସିନା କଲିକତା ଯାଇଚି, ତୋ ନବ ଭାଇ ତ ତୋର ପାଖେ ପାଖେ ଅଛି । ଦୁଃଖ କାଇଁକି ? ଶୁନି ହ !

(କନକ ଆଖିରୁ ଲୁହ ପୋଛୁଦେଲା ବେଳେ ଅକସ୍ମାତ୍ ବଂଶୀର ପ୍ରବେଶ । ନବ ଚମକି ପଡ଼ି କନକ ପାଖରୁ ଦୂରେଇ ଗଲେ)

ବଂଶୀ—ଆଜ୍ଞା, କେମାଦେଈପୁରରୁ ଦି' ଜଣ ଲୋକ ଆପଣଙ୍କୁ ଖୋଜୁଛନ୍ତି ।

ନବ—(ରାଗ ଓ ବିରକ୍ତିରେ) ଆଉ ତମେ ଅସି ଏଠି କାହାକୁ ଖୋଜୁଚ ?

ବଂଶୀ—(ସଭୟେ) ଆପଣଙ୍କୁ ଖବରଟା—

ନବ—ଚୁପ୍ କର ! ଆଗେ ବାହାରକୁ ଯାଅ କହୁଚି ।

(କନକକୁ କଣେଇ କଣେଇ ଗୃହ୍ନିଁ ଗୃହ୍ନିଁ ବଂଶୀର ପ୍ରସ୍ଥାନ)

କନ, କି ଲୋ ଲାଜ କରୁଚୁ କାହାକୁ ? ନବ ଭାଇ ଆଗରେ ତୋର ପୁଣି ଲାଜ ? ଛି, ଛି, ଛି, ଦୁ' ପୁରୁଷ ହେଲା ଆମ ଘର ସହିତ ତମ ଘରର ସୁର୍ଖୀ-ମଇତ୍ର ସଂପର୍କ—ଭାର ବେଭାର, ଦିଆନିଆ, କେତେ କଣ ! ଏବେ ଯିନା ତୋ ବାପ ସମମାମୁଁ ମରିଗଲା ପରେ ଟିକିଏ ଛାଡ଼ବାଡ଼ ହେଇ ଯାଇଛି । ହେଲେ, କନକଠାରେ ନବ ଭାଇର ସ୍ନେହ ଶରଧା ତ କେବେ ଊଣା ହେଇନି ! ତୁ ମୋତେ ପର ବୋଲି ଭାବୁଚୁ କାଇଁକି କନ, ମୁଁ କିଛି ବୁଝି ପାରୁ ନାହିଁ ।

କନକ—ନା, ନବଭାଇ—

ନବ—ଏଇ ସେଦିନ କଥା ମୋର ମନେ ପଡୁଚି ଲୋ—ପ୍ରାଣବନ୍ଧୁ ସହିତ ତୋର ଯେତେବେଳେ ବିବାହ ପ୍ରସ୍ତାବ ପଡ଼ିଲା, ମୁଁ କେତେ ଖୁସି ହେଇଚି । ଭାବିଲି—ଯା ହେଉ, ଭଉଣୀଟି ମୋର ସତ୍ପାତ୍ରରେ ପଡ଼ିଲା । ହେଲେ, ପ୍ରାଣବନ୍ଧୁଟା ଟିକିଏ ଜିଦ୍‌ଖୋର୍—ଯାହା ବୁଝିଥିବ ସେଇଯା । କହେ ବାବା, ବାହା ହେଲ—ଘର ସଂସାର କର; ଗାଁରେ ଗୃହବାସ କର—ସୁଖରେ ରହ ! ନା, ଆମେ କଲିକତା ଯିବୁଁ । ସେଠି ଘିଅ-ମହୁ ବରଷୁଚି । ହଉ ବାବା, ଗଲ ତ ଗଲ, ମୋତେ ପୁଣି କାଇଁକି ତମ ବଲେଇରେ ପୂରଉଚ ? ବୁଝିଲୁ କନ, ଗତ ବର୍ଷ ପ୍ରାଣବନ୍ଧୁ କଲିକତା ଗଲାବେଳେ ମୋତେ କହିଗଲା—ମୁଁ ଚାଲିଲି ନବ ଭାଇ, ମୋ ଘରସଂସାରକୁ ଟିକିଏ ଦୃଷ୍ଟି ଦେଇଥିବ ।

କନକ—ହଁ ନବ ଭାଇ, ତମ ଛଡ଼ା ଆମର ଆଉ ଆପଣାର ଲୋକ କିଏ ଅଛି ?

ନବ—ଆହା, ସେ କଥା ମୁଁ ବୁଝିଲି ଯେ ! ହେଲେ ମୋତେ ନିଶ୍ୱାସ ମାରିବାକୁ ଡର କାହିଁ କହିଲୁ ଭଉଣୀ ? ନିଜ ଘର-ସଂସାର ଏକାବେଳେ ତେଣ୍ୟା କରିଚ ଜାଣ୍ । ସକାଳୁ ରାତ ଅଧ ଯାଏଁ ଖାଲି ପର କାମ, ଜନ-ସେବା । ଏ ସରପଞ୍ଚଗିରି ବଡ଼ ପରପଞ୍ଚ କାମ । ଦଶ ପନ୍ଦର ଖଣ୍ଡ ମୌଜାର ହାଲ୍ ହକିକତ, ହାରି ଗୁହାରି ବୁଝିବା ପାଇଁ ଜଣେ ଲୋକର ଶକ୍ତି ଅଛି, ନା ସମୟ ଅଛି । ତା' ଉପରେ ପୁଣି ତମ ଘରର ଦାୟିତ୍ୱ—ବୋଝ ଉପରେ ନଳିତା ବିଡ଼ା । ହଉ ହେଲା, ମୋର ସେ ନଳିତା ବିଡ଼ା ଲାଗି ଆପତ୍ତି ନାହିଁ । ମୋ ନିଜ ଭଉଣୀ ଜାନକୀ, ନ ହେଲେ କନକ—

କନକ—ଆମ ଘର କଥା ତମେ ଟିକିଏ ବୁଝୁଥିଲେ, ମୁଁ କାହିଁକି ଆଜି ଇମିତି ଦହଗଞ୍ଜ ହେଉଥାଆନ୍ତି !

ନବ—କଣ କହିଲୁ ? ତୁ ଦହଗଞ୍ଜ ହେଉଚୁ ? କାହିଁକି ଲୋ ?

କନକ—ମୋ ଶାଶୁ ବୁଢ଼ୀ କଥା କଣ ତମେ ଜାଣ ନାହିଁ ନବ ଭାଇ ? ସେ ଯେମିତି—

ନବ—ଓ ହୋ, ବୁଝିଲି । ତୋ ଶାଶୁଟି ? ସେ ତ ମଣିଷ ନୁହେଁ—ଗୋଟାଏ ଜନ୍ତୁ ! ସାକ୍ଷାତ ମା' ଚଣ୍ଡୀ ! ଖାଇଲା ବେଳକୁ ଆଗ, ଅଉ କଜିଆ କଲା ବେଳକୁ ବାଘ । ମୁଁ ଜାଣେଁ—ସେ ତୋତେ କଷ୍ଟ ଦେଉଥିବ—ବେଶୀ ଖଟଉଥିବ ।

କନକ—ଖାଲି କଣ ସେତିକି !

ନବ—ସେ ସବୁ କଥା ମୁଁ ଜାଣେ ଲୋ କନ, ସବୁ ଜାଣେ । ତୋର ଆଉ ଫେଡ଼ି କହିବା ଲୋଡ଼ା ନାହିଁ । ହୁଁ—ଏ ନବଘନ

ମହାନ୍ତିଟି ! ଏ ପଞ୍ଚାୟତ ଭିତରେ କା' ଘରେ ଜାବଟିଏ ଫୁଟିଲେ ଆସି ଯ୍ୱା କାନରେ ବାଜିବ । ତୋ ଶାଶୁଙ୍କୁ ମୁଁ ହାଡ଼େ ହାଡ଼େ ଚିହ୍ନେ ! ଗଲା ସନ ତାଙ୍କୁ କହିଲି—ମାଉସୀ, ପ୍ରାଣବନ୍ଧୁ ତ କଲିକତା ଗଲା, ଆଉ ତୁ' ତ ବୁଢ଼ୀ ମଣିଷ, କମିତିକ କଣ ତୁ' ନିଜ ହାତରେ ଗୃଷ କରି ପାରିବୁ ? ମୋତେ ବଖରା ଦେଇ ଦେ ! ବୁଢ଼ୀର ଏତେ ସାହସ—ସଫା ସଫା ମନା କରି ଦେଲା । ହଉ, ମନା କରି ନିଜ ହାତରେ ଗୃଷ କଲା ଯେ କଣଟା ପାଇଲା ? ମୂଳରୁ ବଢ଼ନ ଗଣ୍ଡାକ ନ ମିଳିଲେ ଗଲା ।

କନକ—ସେ ନାଆଁ ଲଗା ଗୃଷରେ ପୁଣି କୋଡ଼ିଏ କୋଡ଼ିଏ ଟଙ୍କା ଖରଚ । ମଗୁଶିର ମାସ କଲିକତାରୁ ସେ ଦି'କୋଡ଼ି ଟଙ୍କା ପଠାଇଥିଲେ ନବ ଭାଇ—

ନବ—ମୁଁ ଜାଣେ, ସେଥିରୁ ଗୋଟିଏ ଅଧଲା ସେ ତୋତେ ଦେଇ ନ ଥିବ । କହିଥିବ—ସବୁ ମୂଲ-ମଜୁରିରେ ଗଲା । ଆଉ ତୁ ତ ସରଳ ନିରୀହ ଝିଅଟିଏ, ବୁଢ଼ୀର ସବୁ କଥା ବିଶ୍ୱାସ କରି ଯାଉଥିବୁ । କିନ୍ତୁ ଅସଲ କଥାଟା ଜାଣୁ ? ଆଗଲା, ସେଇ ଟଙ୍କାରେ ବୁଢ଼ୀ ମହାଜନ କାରବାର କରୁଛି ।

କନକ—(ବିସ୍ମୟ-ବିସ୍ଫାରିତ ନେତ୍ରରେ) ସତେ ?

ନବ—ଏଇ ବର୍ଷକ ଭିତରେ ବୁଢ଼ୀ ପାଖରେ ବେଶ୍ ଦି'ପଇସା ହୋଇ ଗଲାଣି ।

କନକ—ଓ ହୋ, ସେଇଥି ପାଇଁ ମୋ ଉପରେ ଏ ତେଜ-ଗର୍ଜନ !

ନବ—ଆଉ ମୁଁ ଜାଣେ, ତୁ ବିଗୁର ଏତେ ଉହାଳ ଚଞ୍ଚଳ ହୋଇ

ମନୁଥିବୁ । ଚିଲା ମନ, ଯାଚ ହ'ପଟ କିଣିବାକୁ ଇଚ୍ଛା
ହେଉଥିବ—ଚିନାବାଦାମଟିଏ ଖାଇବାଲାଗି ପାଟି ଛାକୁ ଛାକୁ,
ହେଉଥିବ— କି ଭଲ ଶାଢ଼ୀ ଖଣ୍ଡେ ପିନ୍ଧିବାକୁ ମନ ଡାକୁଥିବ ।
କିନ୍ତୁ ଉପାୟ କଣ କହ ? ସେ ପାଣୁଆଟା ହେଲେ ତୋ
ମନ କଥା ଟିକିଏ ବୁଝନ୍ତା ! ପର ଝିଅଟାକୁ ଘରକୁ ଆଣି ସେ
କଲିକତାରେ ଯାଇ ବେଶ୍ ନିଶ୍ଚିନ୍ତରେ ବସିଛି ।

କନକ—ତାଙ୍କର ଲଗା ଅଛି, ନା ପଘା ଅଛି । ମୋ ଉପରେ ଟିକିଏ
ମୁଆଁସ ଥିଲେ—

ନବ— ହଉ, ସେଥିଲାଗି ତୁ ମନଦୁଃଖ କର୍ ନା କନା । ତୋ ନବ
ଭାଇ ତ ତୋତେ ଘୁଡ଼ କୁଆଡ଼େ ଗୁଳି ଯାଇ ନାହିଁ !
(ପକେଟରୁ ଦଶଟଙ୍କିଆ ନୋଟ୍ ଖଣ୍ଡିଏ ବାହାର କଲେ)
ଏଇ ନେ, ଭଲ ମନ୍ଦରେ ଖରଚ କରିବୁ !

(କନକ ହାତରେ ଟଙ୍କା ଦେଉଥିବା ବେଳେ ବଂଶୀଧର ପ୍ରବେଶ
କଲାରୁ ନବବାବୁ ଟଙ୍କା ଲୁଚାଇବାର ଚେଷ୍ଟା କଲେ)

ବଂଶୀ—ଆଜ୍ଞା, ଡାକ ଯିବା ବେଳ ହେଇ ଗଲାଣି ।

ନବ—(ରାଗ ଓ ବିରକ୍ତିରେ) ତା ନୁହେଁ ବଂଶୀ, ଏ ପଞ୍ଚାମୃତ
ସେଟେଟେର ପଦରୁ ଜମେଇ ଯିବା ବେଳ ହେଇ ଗଲାଣି ।
ଇଡିଅଟ୍— ରାଇସ୍କେଲ୍—ଗେଟାଉଟ୍— ଭାଗ ଇହାଁସେ !

(ସଭୟେ ବଂଶୀର ସବେଗ ପ୍ରସ୍ଥାନ)

ନବ—(ପୁଣି ଟଙ୍କା କାଢ଼ି) ଆଜ୍ଞା ଏତକ ନେଇ ଥା ! ଦରକାର
ହେଲେ ମୋତେ ଆଉ ମାଗିବୁ ।

କନକ—ଥାଉ ନବଭାଇ, ଟଙ୍କା ମୋର କଣ ହେବ ? ଅସଲ୍
କଥାଟା—

ନବ—(କନକ ଗାଲରେ ଚୋଟାଏ ସରୁ ଗୁପୁଡ଼ା ମାରି ତା'ହାତରେ ଟଙ୍କା ଗୁଞ୍ଜିଦେଲା) ହୁଣ୍ଡିଟା, ନେ ଧର ! ଅସଲ କଥାଟା ବୁଝି ବିଚାର କରିବା । ତୁ କାଲି ନବୋଲା ବେଳ ଦେଖି ଆମ ଘରକୁ ଠିକେ ଆସିବୁ, ବୁଝିଲୁ ? (କନକ ବାଘ ଗ୍ଲାନୀଟି ଭଳି ମୁଣ୍ଡ ଚୁଙ୍ଗାଲେ, ମଞ୍ଚ ଅନ୍ଧକାର ହୋଇଗଲା)

୩ୟ ଦୃଶ୍ୟ

(କଲିକତାର ରାଜପଥ । ପାଣୁଆ ବେଶ-ଭୂଷା ହୋଇ ବୁଲି ବାହାରିଛି, ମ୍ଳାନ୍ଷିକ୍ ପାନିଆଁଟିରେ ମୁଣ୍ଡ କୁଣ୍ଡାଇ ବାଟ ଚାଲିଛି; ପଛରୁ ଆସି ଡାକିଛି ଧନିଆଁ, ମୁହଁରେ ତାର ବଡ଼—ହାତରେ ଖଣ୍ଡିଏ ଚିଠି)

ଧନିଆଁ—ହୋ କନକ ଦେଈଙ୍କର ପ୍ରାଣବନ୍ଧୁ ! ସଞ୍ଜିବେଳେ କଣ ହାଓ୍ୱା ଖାଇ ବାହାରିଲେ ?

ପାଣୁ—ଆରେ ଧନିଆଁ, ଆ, ସାଙ୍ଗରେ ଯିବା ! ସଞ୍ଜବେଳେ ଠିକେ ଧର୍ମତାଲା-ବହୁବଜାର ଆଡ଼େ ଘୁରି ନ ଆସିଲେ, ମନ ଥୟ ହେଉ ନାହିଁ ।

ଧନି—ଆରେ, ତେଣେ କନକଦେଈଙ୍କ ମନ ବି ଥୟ ହେଉ ନାହିଁ। ଏଇ ନେ' ବେରିଂ ଚିଠି—(ଚିଠି ବଢାଇ ଦେଲା)

ପାଣୁ—(ବିସ୍ମୟ ଓ ଅଶଙ୍କାରେ) ବେରିଂ ଚିଠି ? ପହରିଦିନ ତ ମା ପାଖରୁ ଚିଠି ପାଇଛି । ପୁଣି ବେରିଂ ଚିଠି ହଠାତ୍ କାହିଁକି ରେ ? ଘରେ କଣ କିଛି…………

ଧନିଆଁ—ଆରେ ଚିଠିଟା ଖୋଲି ଆଗେ ଦେଖ୍—କଣ ଲେଖା ଅଛି ! ନଇ ନ ଦେଖୁଣୁ ଏକବାରେ ଲଙ୍ଗଳା !

ପାଣ୍ଡୁ—ପଢ଼୍ ତୁ ଚିଠିଟା । ମୁଁ ତ ଦରପାଠୁଆ ।

ଧନି—(ଚିଠିଟା ଖୋଲି ପଢ଼ିବାକୁ ଲାଗିଲା—)

ଓଁ ଶ୍ରୀ ଶ୍ରୀ ଗଙ୍ଗାକାଳୀ ଚରଣେ ଶରଣଃ—

ଲେଖିବାର କାରଣ ଏହି କି ଯେ ତୁମେ ବରଷେ ହେବ ବିଦେଶ କରି ଗଲଣି, ଥରେ ଘରକୁ ଆସିବା ଲାଗି କଣ ମନ ବଳୁ ନାହିଁ ? ତମ ମନରେ ଯଦି ଏତେ କଥା ଥିଲା, ତାହାହେଲେ କାହିଁକି ପରଝିଅକୁ ଘରକୁ ଆଣିଲ ? ଆମେ ଏଣେ ମଲୁଁ କି ଗଲୁଁ, ସେ ଖବର ଟିକେ ନେଲ ନାହିଁ । ଆମେ ଆଉ ଦିନରାତି ଏତେ ଶାଶୁ-ଗଞ୍ଜଣା ସହି ପାରୁନୁଁ ନାହିଁ, କି ଏ ଘରେ ରହି ପାରିବୁଁ ନାହିଁ । ଆମେ କାହାର ଶହେ ଷାଠିଏ ଖାଉଁ ପିଉଁ ଧାଉଁ ? ଆମକୁ କାହିଁକି ତୁମ ମା' ବାର କଥା କାଟିବ ? ପୁଣି ମୁଣ୍ଡି ଝାଞ୍ଜିଣୀରେ ପିଟିବ ? ଆମ ଜୀବନ ଧିକ୍ ହେଲା । ଆମେ ଦୁଇଦିନ ହେଲା ଉପାସ ରହିଛୁଁ ବୋଲି ଜାଣିବ । ତୁମେ ଶୀଘ୍ରେ ଘରକୁ ଆସି ଏ କଥା ବିଚାର କର । ନୋହିଲେ ଅମ କଥା ଅମର, ତମ କଥା ତମର । ଇତି

ପାଣ୍ଡୁଭାଇ ! ଏ ତ ବଡ଼ ଦୁଃଖର କଥା । ନୂଆବୋଉଟା ତେଣେ ଏତେ ହଇରାଣ ହେଉଛି, ଅଉ ତୁ ତ ଏଣେ ବେଶ୍ ଆରାମରେ ବସି ଯାଇଛୁ !

ପାଣ୍ଡୁ—ନା ରେ ଧନିଆ, ଏଥିରେ କିଛି ରହସ୍ୟ ଥିଲା ଭଳି ମୋତେ ଲାଗୁଛି ।

ଧନି—ଛେନାଗୁଡ଼ ରହସ୍ୟ ! କଞ୍ଚା ବୟସ, ଗଜା ଟୋକୀ, ନୂଆ ମନ, ଅକୁହା ପୀରତି—ଏଇତ ସଫା ସଫା କଥା ।

ପାଣ୍ଡୁ—ତା ସତ, ପୁଣି ଶାଶୁ-ବହୂ ଭିତରେ—

ଧନି—ଘର କହିଥିଲେ ସେ କଥା କଣ ହୁଏନା ? ଦେଖୁନାହୁଁ, ଆଜକାଲି ଘରେ ଘରେ ଏଇ ଶାଶୁ-ବହୂ କଳି ।

ପାଣୁ—ଏ ପରା କଳିଯୁଗରେ ଧନି—ଘୋର କଳିକାଳ ।

ଧନି—ପାଣୁଭାଇ ! କଥାଟା ତୁ ଭଲକରି ସମଝ୍, ପେଟକୁ ନେ । ବହୂ ହୋଇ ଆସିବ ପରଘର ଝିଅ—ନୂଆ ଯଉବନର କେତେ ଆଶା— କେତେ କଳପଣା ଧେନି—

ପାଣୁ— ଥାଉ, ଥାଉ ତୋର ସେ ଉପନ୍ୟାସ କଥା—

ଧନି—ତୁ ତ ଖାଲି ମୋ କଥା ହସି ଉଡ଼ାଇ ଦେବୁ । ମୁଁ ଆଉ କହିବି କଣ ? ଉପନ୍ୟାସ କଥାରେ ବି କାରଣ ସତ ଥାଏ । ଶୁଣ୍—ଯେ ପରଘର ଝିଅ, ତା'ର ଚାଲି ଚଳଣି, ଆଚାର ବ୍ୟବହାର, ସବୁ ଅଲଗା । ସେ ଶଶୁର ଘରକୁ ଆସି ଦେଖେ ଏଠି ସବୁ କଥା ନୂଆ । ସେ ହଠାତ୍ ଏ ନୂଆ ସଂସାର ଭିତରେ ନିଜକୁ ମିଳେଇ ନେଇ ପାରେନା । ତେଣୁ ପ୍ରଥମେ ପ୍ରଥମେ ଶାଶୁ ଶ୍ୱଶୁର ଏପରିକି ସ୍ୱାମୀ ପର୍ଯ୍ୟନ୍ତ ତାର ମନ ଜାଗି ଚଳିବା କଥା । କିନ୍ତୁ ଆମ ଦେଶର ଗାଉଁଲି ଅଶିକ୍ଷିତ ଶାଶୁ ଶ୍ୱଶୁର-ଗୁଡ଼ାକ ବହୂଟିଏ ପାଇଲକ୍ଷଣି ତା ଉପରେ ଏକାବେଳେକେ ମୁରବୀଗିରି ଜାହିର କରି ବସନ୍ତି—କୁଜୀ ଅସରପାକୁ ଟିକ୍ କାଣୀ ବରଡ଼ ।

ପାଣୁ—ଆଉ ତୋ ନୂଆବୋଉଟା କଣ ଗୋଟିପଣେ ତୁଳସୀ ବୋଲି ତୁ ଭାବୁଚୁ ?

ଧନି—ମୋ ନୂଆବୋଉଟି ସାକ୍ଷାତ କନକ— ଖାଣ୍ଟି ସୁନା । ଯିମିତି ରୂପରେ, ସିମିତି ଗୁଣରେ । ଏକା ଗାଁର ଝିଅ ତ । ପିଲାଦିନରୁ ତାକୁ ଦେଖିଆସିଛି । ତୁ ତ ପୁଣି ସେଇ ରୂପ-ଗୁଣରେ ଭୁଲି

ଗତ ବର୍ଷ ଏତେ କାଣ୍ଡ କଲ୍ ! ଖାଲି ପ୍ରସ୍ତାବଟା ପକାଇବା ଲାଗି ମୋତେ ତୁ କମ୍ ଲାଞ୍ଚ ଦେଇଛୁ ! ପୁଣି ଲୁଚି ଲୁଚି ଯାଇ —

ପାଣ୍ଡୁ—ଥାଉ ସେ କଥା ଧନା । ବର୍ତ୍ତିମାନ ଉପାୟ କଣ କରିବା କହ ।

ଧନା—ଉପାୟ ? ଉପାୟ —ମାନଭଞ୍ଜନ, ବିଷଝଡ଼ା ମନ୍ତ୍ର—ଦେହି ପଦପଲ୍ଲବ ମୁଦାରଂ —

ପାଣ୍ଡୁ—ହେଇତ୍, ସବୁ କଥାରେ ତୋର ଢଙ୍ଗ । ମୋ ମଥା କିନ୍ତୁ ଗୋଳମାଳ ହୋଇଯାଉଛି ଧନା ।

ଧନା—ଆରେ ଗୋଳମାଳ ହେଲେ ସିନା ଗୋଟାଏ ଥଳକୂଳ ପାଇବୁ । ଚାଲ୍—ବସାକୁ ଫେରିଚାଲ୍, ତୋତେ ଥଳକୂଳ ଦେଖାଇ ଦେଉଛି ।

(ଯେଉଁ ବାଟରୁ ଆସିଥିଲେ, ସେଇ ବାଟକୁ ଫେରିଗଲେ)

୪ର୍ଥ ଦୃଶ୍ୟ

(କନକର ଗୃହ-ସମ୍ମୁଖ ବାଟ—ବଂଶୀ ଓ ଚୌକିଦାର ମୁକ୍ତା ଜେନା କଥାବାର୍ତ୍ତା ହୋଇ ପହଞ୍ଚିଲେ)

ମୁକ୍ତା—ମୁଁ ପରା ନିଜ ଆଖିରେ ଦେଖିଛି ଆଜ୍ଞା—ଦା' ଖଣ୍ଡେ ହାତରେ ଧରି ବୁଢ଼ୀଟା ଗୋହିର ବାଟରେ ସକାଳୁ ସକାଳୁ ବିଲକୁ ସପଟି ଥିଲା । ଦି' ପହର ନ ହେଲେ ସେ କଣ ଆଉ ଘରକୁ ଫେରୁଛି ?

ବଂଶୀ—ଦେଖ ମୁକ୍ତା ଜେନା, ତୋ କଥାରେ ମୁଁ ବିଶ୍ୱାସ କରି ପାରୁନି । ବୁଢ଼ୀ ଯଦି ଘର ଭିତରେ ଥାଏ, ତା ହେଲେ ତୋ ଚୌକିଦାର-ପଣିଆଟା ଏକାବେଳେ ଛଡ଼େଇ ଦେବି !

ମୁକ୍ତା—ଆଜି ବୁଢ଼ୀ ଯଦି ଘରେ ନ ଥାଏ—

ବଂଶୀ—ତା ହେଲେ ତୋର ଭାଗ୍ୟ ଭଲ ! ପକେଟ୍‌ଭର୍ତ୍ତି ବକ୍‌ସିସ୍ । ହଉ, ବ୍ୟାଗ୍‌ଟା ଦେଲୁ ।

ମୁକ୍ତା—(ବ୍ୟାଗ୍‌ଟା ବଢ଼ାଇ ଦେଲା)
ଦୁଇଜଣଙ୍କର ଯଦି ମନ ମିଳୁଛି ସେ ବୁଢ଼ୀଟାକୁ ଡରିବେ ଓର କାହିଁକି ଆଜ୍ଞା । ତୋର ମୋର ରାଜି, କ୍ୟା କରେଗା କାଜୀ ?

ବଂଶୀ—(ବ୍ୟାଗ୍‌ରୁ ନୂଆ ଶାଢ଼ୀ ଖଣ୍ଡିଏ କାଢ଼ୁ କାଢ଼ୁ)
ଏ ସବୁ ନବକୃଷ୍ଣଙ୍କ ଲୀଳା, ତାଙ୍କଠାରୁ କଳ ଆଣିଥିଲେ ସିନା ତୁ ଏହାକୁ ଭେଦ କରିବୁ ! ଆରେ, ଯେ ଦଳ ଛଡ଼ାଏ, ସେ କଣ ସବୁ ସମୟରେ କଳ ଖାଇପାରେ ! (ଶାଢ଼ୀଟି ଦେଖାଇ) କଳ ଧରିବା ପାଇଁ ଏ ହେଉଛି ଅସଲ ଥୋପ । ହଉ, ମୁଁ ଏବେ ଆଗାଏଁ । ତୁ ଏଇଠି ମୋତେ ଜଗେଇଥିବୁ । (ଥରେ ଚାରିପଟ ଚାରିଆଡ଼କୁ ଚାହିଁ ଦେଖିଲା) ନା— ଏକାବେଳକେ line clear (ଘର ଭିତରକୁ ଚାଲିଗଲା)

ମୁକ୍ତା—କୃଷ୍ଣ, କୃଷ୍ଣ, ନବକୃଷ୍ଣ ! ଅପାର ତୁମର ମହିମା, ଅସମ୍ଭବ ତୁମର ମାୟା । କେବଳ ବଂଶୀ ଛଡ଼ା କିଏ ଆଉ ତାହା ଭେଦ କରି ପାରିବ ! ଏ ଚଉକିଆ ବାପୁଡ଼ା କିବା ଛାର !

(ପଛରୁ ଆସିଛି ପାଣୁଆ—କାନ୍ଧରେ ବୁଲୁଚି, ହାତରେ ନୂଆ ସୁଟ୍‌କେଶ୍ ଓ ଛତା, ଆଖିରେ ଗଗ୍‌ଲସ୍)

ପାଣୁ— କିଏ, ମୁଷା ଭେଜା, କଣ ହେଲା କି ?

ମୁଷା—(ଭୟ ଓ ବିସ୍ମୟରେ) ଆରେ ପାଣୁଆଇ, ତମେ ?

ପାଣୁ— ଏଇ ତ, ପାସେଞ୍ଜର ଗାଡ଼ିରେ ଆସି ସକାଳେ ପହଞ୍ଚିଲି। ଷ୍ଟେସନରୁ ସିଧା ସକାଳୁ ସାଢ଼େ ସାତଟା ବାସ୍ ଧରିଛି। ହଁ, ତୁ ଆମ ଘରକୁ କୁଆଡ଼େ ?

ମୁଷା—(ପାଟି ଖନି ବାଜିଗଲା) ମୁଁ……ମୁଁ……ଆସିଥିଲି ତୁ…ନା, ନା—ଟିକସ୍ ବକେୟା ଥିଲା ଯେ ସରପଞ୍ଚ କହୁଥିଲେ—

ପାଣୁ—ଚୌକିଦାରି ଟିକସ୍ ଆମର ବାକି ଅଛି ? ହଉ, ମୁଁ ଘରେ ବୁଝେଁ। ତୁ ପରେ କେତେବେଳେ ଆସି ନେଇଯିବୁ। ଆଉ ସରପଞ୍ଚେ ଭଲ ଅଛନ୍ତି ? ତାଙ୍କୁ ମୋ ଆସିବା ଖବର ଜଣାଇ ଦେବୁ।

ମୁଷା—ହଉ ! (ପଛକୁ ଚାହିଁ ଚାହିଁ ସଭୟେ ପ୍ରସ୍ଥାନ)

ପାଣୁ—ଚୌକିଦାରି ଟିକସ୍ ବାକି ? ମୁଁ ମାସକୁ ମାସ ଟଙ୍କା ପଠାଉଛି, ସେ ତେବେ ହେଉଛି କଣ ? ଓହୋ—ସବୁ ଅଡୁଆ, ସବୁ ଗୋଳମାଳ।
(ବିରକ୍ତି ସହ ସୁଟ୍‌କେଶ୍, ବୁକୁରୁ ତଳେ ଥୋଇ ମୁଣ୍ଡର ବାଳ ଟାଣିବାକୁ ଲାଗିଲା। (ଏତିକିବେଳେ ପାଣୁ ମା ଧାନକଟା ସାରି ଫେରୁଛି, ହାତରେ ଦା।)

ପାଣୁ ମା—ଅରେ ପାଣୁଆ, ତୁ କେତେବେଳେ ଆଇଲୁ ରେ ? କଲିକତାରେ ପୁଣି ହିନ୍ଦୁ-ମୁସଲମାନ ହାଣକାଟ ଲାଗିଲା କିଲୋ ମା ! ଚିଠିଉ ନାଇଁ, ପତର ନାଇଁ, ଅରେ ଇମିତି କଣ ଖାଲି ଖାଲି ଆଇଲୁ ବାହାରି ?

ପାଣୁ—(ରାଗ ଓ ବିରକ୍ତିରେ) ଆଉ କଣ ଜୀବନଟା ଯାକ ଖଟି ଖଟି ମୁଁ ବିଦେଶରେ ପଡ଼ି ମରୁଥାନ୍ତି । ଆଉ ତୁ ଏଣେ ମଉଜରେ ଖାଇ ପିଇ ବହୂ ଉପରେ ଗୁଣ୍ଡୁଣୀ ମାଡ଼ ଚଳାଇଥାନ୍ତୁ ? ତୋ ଇଚ୍ଛାଟା କଣ ? ମୁଁ ଆଉ କଣ ଘରକୁ ଆସନ୍ତି ନାହିଁ ?.

ପାଣୁ ମା—(ଆଶ୍ଚର୍ଯ୍ୟରେ) ଏ କଣ ରେ ପାଣୁଆ, ତୋ ମୁହଁରେ ଆଜି ଏ କି ଅଲକ୍ଷଣା କଥା । ଗୁରୁବର୍ଷ ବେଳୁ ବାପ ମରିଗଲା, ପର ଘରେ ମୂଲ ଲଗି ଧାନ କୁଟି ତୋତେ ମଣିଷ କରିଛି । ଦିନେ ହେଲେ ତ କାହିଁ ତୋ ମୁହଁରୁ ଇମିତ ଜବାବ ପାଇ ନ ଥିଲି ରେ ବାପ, ଆଜି କଣ ତୋର ମଥା ବିଗିଡ଼ି ଯାଇଛି ?

ପାଣୁ—ତୁଇ ମୋ ମଥା ବିଗାଡ଼ୁଛୁ । ଘରେ ଏ ସବୁ ଲୀଳା କାହିଁକି ଲଗିଛି ? ଏଥର ଚୌକିଦାରି ଟିକସ ଦିଆ ହୋଇ ନାହିଁ କାହିଁକି ?

ପାଣୁଆ ମା—କିଏ କହୁଛି ଏଥର ଚୌକିଦାରି ଟିକସ ଦିଆ ହୋଇ ନାହିଁ ? ଘରେ କାହିଁ—କି ଲୀଳା ଲଗିଛି ? ତୋ କଥା ମୁଁ କିଛି ବୁଝି ପାରୁନି ରେ ପାଣୁ ।

ପାଣୁ—ହଉ ଶୀଘ୍ର ବୁଝି ପାରିବୁ । ଆଉ ଦିନେ ଅପେକ୍ଷା କର ।
(ରାଗ ତମ ତମ ହୋଇ ଘର ଭିତରକୁ ଚାଲିଗଲା)

ପାଣୁ ମା—ଲୀଳା ଲଗିଛି ? ଏ ଘରେ ଲୀଳା ଲାଗିଛି ? କିଏ ଲଗେଇଛି ? ବହୂ, ନା ଶଶୁ ? ଘର-ଲୋକ, ନା ବାହାର ଲୋକ ! ସେଇଥିପାଇଁ ପୁଣି ମୋ ପୁଅ କଲିକତା ମୁଲକରୁ ଧାଇଁ ଆସିଛି ! ସେଇଥିପାଇଁ ମୋ ପୁଅ ପାଗଳା ହୋଇ ଯାଇଛି । ମୋ ପୁଅ-ମଥା ଠିକ୍ କରିଦିଅ ମା ଭଦ୍ରକାଳୀ, ତାକୁ ସୁବୁଦ୍ଧି ଦିଅ ! (ମଥାରେ ହାତ ଦେଇ ବସି ପଡ଼ିଲା)

୪ର୍ଥ ଦୃଶ୍ୟ

(ପାଣୁଅର ଶୟନ କକ୍ଷ, ଖଟ ଉପରେ ଗୋଟିଏ କୋଣକୁ ଅଭିମାନ କରି ବସିଛନ୍ତି କନକ, ପାଖରେ ବସି ପାଣୁଅ କାକୁତି ମିନତି କରି ତାହାର ମାନଭଞ୍ଜନର ଚେଷ୍ଟା କରୁଛନ୍ତି)

ପାଣୁ—(କନକ ହାତ ଧରି) କନ, ମୋ ସୁନାଟା ପରି—

କନକ—(ହାତ ଛୁଆଁଡ଼ ଦେଇ) ରଖିଦଅ ସେ ଅଲଣା ମୁଆଁଟ! ଢେର୍ ସେଗୁଡ଼ା ମୁଁ ଦେଖିଛି।

ପାଣୁ—ଆରେ ମୋ କଥାଟା ଆଗେ ଶୁଣ, ଇମିତ ଛୁଆପିଲାଙ୍କ ଭଳି ହେଲେ—

କନ—ବହୁତ ଶୁଣିଛି ତମ କଥା। ଏବେ ତମେ ଆସିଛ। ନିଜ ହାତରେ ମୋତେ ଟିକେ ବିଷ ଦେଇଯାଅ। ଏ ପୋଡ଼ା ଜୀବନରେ ମୋର ଆଉ ଦରକାର ନାହିଁ।

ପାଣୁ—କି କଥାଗୁଡ଼ା ବକୁଛ ତମେ? ଛି—ଅସ, ଆସ ମୋ ପାଖକୁ! (ହାତ ଧରି ପାଖକୁ ଟାଣିଲା)

କନ—ନା, ନା, ମୁଁ ଆଜ ମରିବି, ମରିବି, ମରିବି!!

ପାଣୁ—ମୋ ଧଣ କନ! ତମେ ଇମିତ ବ୍ୟସ୍ତ ହୁଅନା। ଧୀର ସ୍ଥିର ହୋଇ କଣ କଥାଟା କୁହ।

କନ—କହିବି ଆଉ ଚିହ୍ନା-ଗୁଡ଼। ଏପାରି ନ ହେଲେ ସେ ପାରି।

ପାଣୁ—ସେଇ କଥାଟା ସିନା ଭଲ ଭାବରେ କହିଲେ ହୁଅନ୍ତା, ତାହା ନ କରି ଘଣ୍ଟାଏ ହେଲା ଖାଲି ନାକଫୁଲା, ହାତ ଛୁଆଁଡ଼ା, ରାଗରୁଷା, ମାନ ଅଭିମାନ—

କନ—ସଫା କଥା, ମୁଁ ଆଜ ତମ ମା' ବୁଢ଼ୀର ଦାଉ ସହ୍ୟ ପାରିବି ନାହିଁ । ତମେ ତ ଯାଇ ବିଦେଶରେ ରହିବ ବାର ମାସ । ମୁଁ ଯେ ଏଣେ କମିତ ଜନଗତ ଦାହଗଣ୍ଡି ହୋଇ ମରୁଛି, ସେ କଥା ବୁଝିବ କିଏ ? ତମେ ଆସିଛ, ଏଥର କିଛି ଗୋଟାଏ କୂଳ-କିନାରା କରି ଦେଇଯାଅ ।

ପାଣୁ—ମୋଟେ ଦିନ ଦୁଇଟା ମୁଁ ଛୁଟି ନେଇ ଆସିଛି । ଏଥିର ଭିତରେ ମୁଁ ଆଉ କି କୂଳ କିନାରା କରିଦେଇ ଯିବି ?

କନ—କାହିଁକି ? ପୁରୁଷ-ପଣିଆ ଅଛି ତ, ଭିନେ ହୋଇଯାଅ ! ଆମେ ଦୁଇଜଣ ଅଲଗା ଖେପେଇରେ ଚଳିବା, ସେ ତାର ଅଲଗା ରହୁ ।

ପାଣୁ—(ଆଘାତ ପାଇଲା) ଏଁ, ଭିନେ ହେବା ! ମା' ଠାରୁ ଭିନେ ହୋଇଯିବା ? ଏ ତ ବଡ଼ ଅଡୁଆ କଥା ।

କନ—ତମକୁ ଅଡୁଆ ଲାଗିବ ଜାଣେ । ମୁଁ ନିଜେ ତମକୁ ବଡ଼ ଅଡୁଆ ଲାଗୁଛି । କେବଳ ସେ ମା'ବୁଢ଼ୀ ତମକୁ ଭଲ ଲାଗୁଛି । ସେଇ ତମର ସବୁ, ମୁଁ ଜାଣି ସାତ ପର । ମୋର ମଲାଗଲାରେ ତମର କି ଯାଏ ?

ପାଣୁ—ଶୁଣ କନ.....

କନ—ମୁଁ ତୁମର ପୋଇଲି ନା ବନ୍ଧବାଗ୍ଧି ? ପରଝିଅ, ପରଘରୁ ଆସିଛି । ଭାତ ଗଣ୍ଡାକ ପାଇଁ ମାଡ଼ ଖାଇବି, ଗାଳି ସହିବି, କେତେ ହୀନିମାନ ହେବି—(ଫୁଁ ଫୁଁ ହୋଇ କାନ୍ଦିବାକୁ ଲାଗିଲା) ହାଇରେ, ମୋ କପାଳରେ ପୁଣି ଏଇୟା ଥିଲା ? ଯାହାକୁ ହାତ ଧରି ବାହା ହୋଇଥିଲି, ସେ ମୋ ମୁଖ

ଦୁଃଖକୁ ଟିକେ ଚାହିଁଲା ନାହିଁ ! ମୋର ଆଉ ଦୁନିଆଁରେ ନିଜର ବୋଲି କିଏ ଅଛି ?

ପାଣ୍ଡୁ—ମୋ ସୁନା କନ, ତମେ କାନ୍ଦନା । ତୁମ ଆଖିରୁ ଲୁହ ଗଡ଼ିଲେ ମୁଁ କଣ ସୁଖରେ ରହି ପାରିବ ?

କନ—କାହିଁକି ? ତମେ ତମ ମା'ଙ୍କୁ ନେଇ ସୁଖରେ ରହ । ମୋତେ ଛାଡ଼ିଦିଅ, କାଲି ସକାଳୁ ଉଠି ଏ ଆଖି ଯୁଆଡ଼େ ପାଇବ ସେଆଡ଼େ ଚାଲିଯିବି ।

ପାଣ୍ଡୁ—ନିଜର ଏ ଘରଦ୍ୱାର, ବାଡ଼ି ବଗିଚା ଛାଡ଼ି ତମେ କୁଆଡ଼େ ଯିବ କନ ? ଛି—ଆଉ ପାଗଳୀ ହୁଅନା ! (ଲୁହ ପୋଛି ଦେଇ ଦେଇ) ଅସ, ତମେ ଯାହା କହୁଛ, ତାହାହିଁ କରିବା । ମା ନିଜ କର୍ମର ଫଳ ଭୋଗ କରୁ । କାଲିଠୁଁ ତା' କଥା ତାର, ଆମ କଥା ଆମର ।

କନ—(ପାଣ୍ଡୁ ଗଳାକୁ ଦୁଇ ହାତରେ ବେଢ଼ାଇ ଧରି) ସତେ ମୋ ଦୁଃଖ ଯିବ ?

ପାଣ୍ଡୁ—(କନକକୁ ଜଡ଼ାଇ ଧରି) ନିଶ୍ଚେ, ନିଶ୍ଚେ—

(ମଞ୍ଚ ଅନ୍ଧକାର ହୋଇଗଲା)

—— ——

୭ମ ଦୃଶ୍ୟ

(ଗ୍ରାମ୍ୟ ପଥ—ପାଣ୍ଡୁ ମା ଓ ଗୁଣିଆ ହନୁମାନ ସାହୁର କଥାବାର୍ତ୍ତା)

ପାଣ୍ଡୁଆ ମା—ମୋ କପାଳ ବୁଡ଼ିଲା ସାହୁ ପୁଅ । କିଛି କୁଆଡ଼ୁ ନାହିଁ, ଭୂତ ଲାଗିଲା ପରି ପିଲାଟା କାଆଲ ଆସି ପହଞ୍ଚି ଆଜି ଜିଦ୍ ଧରି ବସିଛି ଭିନେ ହେବ ବୋଲି ।

ହନୁମାନ—ବୁଝିଲ, ପୁଅକୁ ତୋର କିଏ ମନ୍ତର କରିଛି ପାଣୁଆ ମା, ତା' ମଥା ବିଗାଡ଼ି ଦେଇଛି । ପର ଅନିଷ୍ଟ କରିବାକୁ ଏ ଗାଁରେ କଣ ଲୋକର ଅଭାବ ଅଛି ! ଏ ପୁଣି କଳିକାଳଟି—

ପାଣୁ ମା—(ବ୍ୟସ୍ତ ହୋଇ) ସତେ ? ଆରେ, ଡାକୁଣିଖିଆ, ଅଳପାଇସା ମୋ ପୁଅକୁ ସାରିଦେଲେ ଲୋ ମା—ମୁଁ ହୀନିକପାଳୀ କଣ କରିବି ଲୋ ମା—

ହନୁମାନ—ଆଲୋ ହେ ଖେଣ୍ଟେଇ ବୁଢ଼ୀ, ତୁଛାଟାରେ କେତେ ଗୁନିଆ ହେଉଛୁ କିଆଁ ? ଏ ହନୁମାନ ଗୁଣିଆ ଗାଁରେ ଥାଉଁ ଥାଉଁ ତୋର ଡର କାହାକୁ ଲୋ ?

ପାଣୁ ମା—ଆରେ ଗାତପଶା, ପୋଡ଼ାମୁହାଁ, ଆରେ ନଇଶୁଆ, ତମ ପୁତ ମରୁ ରେ, ତମ ମାଇପ ଆଣ୍ଠୁ କୁଡ଼ ହେଉ ! ତମ ବଂଶ ବୁଡ଼ୁ—ତମ ମଥାରେ ବାଧା ଚଡ଼କ ପଡ଼ୁ ! ତମେ ମୋ ପୁଅକୁ ମନ୍ତର କଲ, ତମ ପୁଅଝିଅକୁ ବିଧାତା ମନ୍ତର କରୁ ।

ହନୁମାନ—(ପାଣୁ ମା'ର ଏ ଗତି ଦେଖି ତା'ର ଭାବ ବଦଳାଇବା ପାଇଁ ହଠାତ୍ ଆଖି ବୁଜି ମନ୍ତ୍ର ପଢ଼ିଲା—)
ଓଁ ହ୍ଲିଂ, କ୍ଲିଂ, ଶ୍ଲିଂ ସ୍ୱା-ହା-ଫଟ୍—
(ହାତରେ ଝାଡ଼ି ଫୁଙ୍କାଇ ନାକରେ କେଉଁ ପୁଡ଼ାରେ ନିଶ୍ୱାସ ଚାଲୁଛି ଦେଖିଲା, ତା'ପରେ କିଛି ଷଣ ଗୁଣୁ ଗୁଣୁ ହେଲା, ସେତେବେଳକୁ ପାଣୁଆ ମା' ଉଠିଛି—)

ମହାପ୍ରେତ, ଚଉଷଠି ଯୋଗିନୀ ! କଳକଳା ରବ ମୁଁ ଶୁଣିବାକୁ ପାଇଲି ଲୋ ପାଣୁଆ ମା । ଆଛା, ତୁ କିଛି ଚିନ୍ତା କର୍ ନା । ଏ ହନୁମାନ ଗୁଣିଆ ଆଗରେ ସେ ପ୍ରେତ କିଛି

ନୁହେଁ । କେତେ ମହା ମହା ପ୍ରେତ ମୁଁ ଏଇ ହାତରେ ଯବତ୍ କରିଛି । ଏ କିବା ଛାର !

ପାଣ୍ଡୁମା—କଣ କରିବ ମୁଁ କୁହ ସାହୁ ପୁଅ । ମୋତେ ଏ ବିପଦରୁ ଉଦ୍ଧାର କର ! ମା ଭଦ୍ରକାଳୀ ତମର ମଙ୍ଗଳ କରିବେ ।

ହନୁ—ମୋର ସନ୍ତକ ଆଣିଚୁଟି ? ଗୋଟିଏ ଗୁଆ, ଆଉ ଚାରଣା ପଇସା ।

ପାଣ୍ଡୁମା—ହଁ, ଏଇ ନିଅ ! (ଅଣ୍ଟାରୁ କାଢ଼ି ବଢାଇ ଦେଲା)

ହନୁ—(ଗୁଆ ପଇସା ହାତରେ ମୁଠାଇ ଧରି ତିନି ଥର ଫୁଙ୍କି ଦେଇ ଆଖି ବୁଜି ମନ୍ତ୍ର ପଢ଼ିଲା—)

ଓଁ ପୂର୍ବ ଗଲି, ପଶ୍ଚିମ ଗଲି, ଉତ୍ତର ଗଲି, ଦକ୍ଷିଣ ଗଲି
ଦେଖିଲେ ପଣି ଓଁକାର କଲି ।
ଦେଖିଲେ ମୋର ନାଁ ରଣରଣା
ଭୂତ ପ୍ରେତ ହେଉଲେ ବାଟବଣା ।
ପଶ୍ଚିମେ ବାନ୍ଧି—ପୂର୍ବେ ବାନ୍ଧ୍ ।
ଚଉଷଠି ଯୋଗିନୀଙ୍କ କଙ୍କର କରି ବାନ୍ଧ୍ ।
ଭୂତ ବାହାର—ପ୍ରେତ ବାହାର୍ ।
ହସାଇ ଖେଳାଇ ବାହାର୍ ।
ଚୁରି ଡାଳରୁ ବାହାର୍ ।
ଶୂନ୍ୟ ମଣ୍ଡପରୁ ବାହାର୍ ।
ହୃଦ କମଳରୁ ବାହାର୍ ।
ନାଭି ମଣ୍ଡଳରୁ ବାହାର୍ ।

ବାହାର୍ ବାହାର୍ ବୋଲ୍ କାହାର ଆଜ୍ଞା
ଲଙ୍କାପୋଡ଼ା ହନୁମନ୍ତର କୋଟି କୋଟି ଆଜ୍ଞା ।

(ହାତ ମୁଠାକୁ ପୁଣି ତିନି ଥର ଫୁଙ୍କ ଦେଇ ପଇସା ଗୁରିଅଣା ପକେଟ୍‌ରେ ପକାଇଲା ଏବଂ ମନ୍ତ୍ରିତ ଗୁଆକୁ ପାଣ୍ଡୁ ମା'କୁ ଦେଲା —)

ହନୁ—ନେ' ଧର । ମନ୍ତ୍ରସି ଗୁଆକୁ ଦାଣ୍ଡ ଦୁଆର ଉପର ଗୁହଳରେ ଖୋସିଦେବୁ । ଖବରଦାର, ତୁ ଖୋସିଲା ବେଳେ ଯେମିତ କେହି ନ ଦେଖନ୍ତି ! ଯା—ନିଶ୍ଚିନ୍ତ ହୋଇ ବସିଥା । କାଲି ସକାଳେ ଦେଖିବୁ, ପ୍ରେତ କୁଆଡ଼େ ଛୁଟ୍ ପଳାଇଥିବ— ତୋର ଯେଉଁ ଭଲ ପୁଅକୁ ସେଇ ଭଲ ପୁଅ ।

(ଏତିକିବେଳେ ଆସି ପହଞ୍ଚିଲେ ସରପଞ୍ଚ ନବବାବୁ)

ନବ—ଏ ଦାଣ୍ଡ ମଝିଠାରେ ଗୋଟାଏ ସ୍ତ୍ରୀ ଲୋକ କାନରେ କି ମନ୍ତ୍ର ଫୁଙ୍କା ହେଉଛି କି ହନୁମାନ ସାହୁ ?

ହନୁ—ନା ଆଜ୍ଞା, ଗୁଣିଆ ଲୋକ—

ନବ—ଆରେ, ଭଲ କାମରେ ଗୁଣିଆ, ନା ମନ୍ଦ କାମରେ ?

ପାଣ୍ଡୁ ମା—ସାହୁପୁଅ ତ ଗାଁରେ କାହାର କିଛି କ୍ଷତି‌ଖରାପ କରୁ ନାହାନ୍ତି ରେ ବାପ !

ନବ—ତୁ ସେ କଥା କୁଆଡ଼ୁ ଜାଣିବୁ ମାଉସୀ ! ଏ ଲୋକଟାକୁ କମ୍ ଠଉରେଇଛୁ ! ସାକ୍ଷାତ୍ ଏକ ହନୁମାନ । ଗତବର୍ଷ ମାଗୁ ମାହାନ୍ତିର ଅଭିଆଡ଼ୀ ବଢ଼ିଲା ହିଁ ଅଠାର ତିନି ମାସ ହୋଇ ଯାଇଥିଲା, ଭଙ୍ଗେଇଲା କିଏ ?

ହନୁ—ନାଇଁ ଆଜ୍ଞା—

ନବ—ଚୁପ୍ କର୍, ମିଛ କଥା କହନା । ଗାଁର ଏତେ ବଡ଼ କେସ୍‌ଟାକୁ ଏ ମାଟି କରଦେଲା ମାଉସି । ଏଠି ଆଉ ପଞ୍ଚାୟତ କୋର୍ଟ ରହିବ କାହିଁକି ? ଆମେ ଆଉ ରହିବୁ କାହିଁକି ? ତମ ମନଇଚ୍ଛା ଯେ ଯାହା କରୁଛ କର ।

ହନୁ—ନାଇଁ ଆଜ୍ଞା, ଆପଣ କିଛି ନ ବୁଝି ନ ସୁଝି ମୋର ଖାଲି ଦୋଷ ଦେଉଛନ୍ତି ।

ନବ—ଯା, ଯା, ଆମେ ବୁଝୁନା, ତୁଇ ସବୁ ବୁଝି ପକେଇଛୁ ! ହ୍ୟାପ୍, ଛୋଟଲୋକଙ୍କ ମୁହଁରେ ବଡ଼ କଥା ।

ହନୁ—କଣ ହେଲା, ଆମେ ସବୁ ଛୋଟ ଲୋକ ?

ନବ—କି ରେ, ମୋ ସାଙ୍ଗରେ ଝଗଡ଼ା କରିବୁ ନା କଣ ? ଯା —ଯା ମୋର୍ ବାର ଅଢ଼େ ତେର କାମ । ତୋ ସାଙ୍ଗରେ ମିଛଟାରେ ବକ୍‌ବକ୍ ହେବ କିଏ ?

ପାଣ୍ଡୁମା—ଯା' ସାହୁପୁଅ, ତମ କାମରେ ତେମେ ଯାଅ (ହନୁମାନ ଚାଲି ଯାଉଥିଲା) ମୋ କଥାଟା ଭୁଲିବ ନାହିଁଟି । ବେଶୀ ବେଶୀ ମନ୍ଦ ପଡ଼ୁଥିବ ।

ନବ—ବୁଝିଲି ମାଉସୀ, ଏ ଲୋକଟା ଉପରକୁ ଯେତିକି ଭଲ, ଭିତରକୁ ସେତିକି ବଦ୍‌ମାସ—ଯାହାକୁ କହନ୍ତି ଗୁଳୁଗୁଳିଆ ବେଧା । ତା କଥାରେ ପଡ଼ିବୁ ନାହିଁଟି । ହଉ, ଛାଡ଼ ସେ କଥା । ମୁଁ ବର୍ତ୍ତମାନ ତମର ଘରୁ ଫେରୁଛି । ଜିନିଷପତ୍ର ସବୁ ଅଧା ଅଧା ଭାଗ ବଣ୍ଟା ହୋଇଗଲା, ତୁ ତ ରହିଲୁ ନାହିଁ— 'ଯା କରୁଛ କର' ବୋଲି ଆମ ଉପରେ ସବୁ ଦାୟିତ୍ୱ ଲଦି ଦେଇ ପଳେଇ ଆସିଲୁ ।

ପାଣୁମା—(ଦୀର୍ଘ ନିଶ୍ୱାସ ଛାଡ଼ି) ମୋର ରହିବା ଆଉ ଦରକାର କଣ ? ତମେ ସବୁ ତ ଶେଷ କରି ଦେଇଛ । ହଉ, ଭଲ କଲ ବାପ, ଖୁବ୍ ଭଲ କଲ—ମା ଭଦ୍ରକାଳୀ ତୁମମାନଙ୍କର ମଙ୍ଗଳ କରନ୍ତୁ !

ନବ—ମୁଁ କେବେ କାହାର କିଛି ଖରାପ କରି ନାହିଁ ମାଉସୀ, ସେ କଥା ଯେ ଉପରବାଲା କରୁଛନ୍ତି, ସେ ଏକା ଜାଣେ । ହଉ, ତୁ ଘରକୁ ଯା । ତୋ ଭାଗ ଜିନିଷ-ପତ୍ର ଗୋଟି ଗୋଟି କରି ଦେଖିନେବୁ । ପ୍ରାଣବନ୍ଧୁ ବାହାରିଲାଣି—ଏଇକ୍ଷଣି କଲିକତା ଚାଲିଯିବ ।

ପାଣୁ ମା—ଏଁ, ପାଣୁଆ ଏଇଖିଣି କଲିକତା ଯିବ ?

ନବ—ହଁ, ମୋତେ ତାର ଦୁଇଟା ଚିଠି ଆସିଥିଲା, ଆଜି ହାବୁଡ଼ା ପାସେଞ୍ଜରରେ ଚାଲିଗଲେ କାଲି ଦଶଟାରେ କାମରେ ଜଏନ୍ କରିବ । ଚାକିରିଆ ମଣିଷ—ତାର ଆଉ ଚାରା କଣ ?

ପାଣୁ ମା—ଆରେ ବାପ ନବ, ତମ ଆଖିକୁ ଏଇଟା ସୁନ୍ଦର ଦିଶିଲା ? ମା-ପୁଅକୁ ଭିନେ କରେଇଲ ? ବାପର ଗୋଟିଏ ବୋଲି ପୁଅ, ଭାଇ ନାହିଁ—ଭଗାରି ନାହିଁ । ତାର ଘରେ ପୁଣି ପାଚିରି ଉଠେଇଲ ? ଆରେ ତମ ମନ କହିଲା ? ଦେହ ସହିଲା ? (ଧକେଇ ଧକେଇ କାନ୍ଦିବାକୁ ଲାଗିଲା)

ନବ—ଏ ଯୁଗ ଓଲଟା ହେଲା ମାଉସୀ, କିଏ ଅଉ କଣ କରିବ ? ମୁଁ ପ୍ରାଣବନ୍ଧୁକୁ ଯେତେ କହିଲି, କନକୁ ଯେତେ ବୁଝାଇଲି, କାହିଁରେ କିଛି ହେଲା ନାହିଁ । ହଉ, ତୁମ ଭାଗ୍ୟ ମାଉସୀ ! ସବୁ ବିଧାତା ଭିଆଣ । (ଦୂରକୁ ଚାହିଁ) ଏଇତ, ପ୍ରାଣବନ୍ଧୁ ବାହାରି ଆସିଲାଣି ।

ପାଣ୍ଡୁ—(ପ୍ରବେଶ କରି) ତମେ କଣ ଏ ପର୍ଯ୍ୟନ୍ତ ଘରକୁ ଯାଇ ନ' ନବଭାଇ ?

ନବ—ମୋ କଥା ଭଲ ପଚାରୁଚୁ ! ଅସୁ ଅସୁ ବାଟରେ ବାରଶ କାମ ! ହଉ, ତୁ ଚଞ୍ଚଳ ବାହାର ଯା—ନଡ୍ରା ବରଗଛ କଡକୁ ! ବାସ୍ ଟାଇମ୍ ହୋଇ ଗଲାଣି ।

ପାଣ୍ଡୁ—(କାନ୍ଦୁଥିବା ମା ଆଡ଼େ ଚାହିଁ ବ୍ୟସ୍ତ ହୋଇ ପଡ଼ିଲା) ହଉ, ଥାଅ ନବଭାଇ, ନମସ୍କାର । ଆମ ଘର କଥା ଟିକେ ବୁଝାସୁଝା କରୁଥିବ ।

(ଚାଲିଗଲା, ପଛେ ପଛେ ନବ ମଧ୍ୟ ଚାଲିଲା)

ପାଣ୍ଡୁ ମା—(ଜୋର୍‌ରେ କାନ୍ଦୁ କାନ୍ଦୁ ବିକଳ ହୋଇ ଡାକ ଛାଡ଼ିଲା) ପାଣ୍ଡୁ—ରେ ପାଣ୍ଡୁଆ ! ଫେରିଆ, ଫେରିଆ ! ମୋ ଧନଟା ପରି, ଫେରିଆ—(କ୍ଷଣକ ପାଇଁ ତଳେଇ କୌଣସି ଜବାବ୍ ପାଇଲା ନାହିଁ) ହଉ ବାପ, ଯା ! ମା ଭଦ୍ରକାଳୀ ତୋତେ ସୁବୁଦ୍ଧି ଦିଅନ୍ତୁ—ତୋର ମଙ୍ଗଳ କରନ୍ତୁ !

(ଧକେଇ ଧକେଇ କାନ୍ଦୁଥାଏ ଓ ପଣତରେ ଲୁହ ପୋଛୁଥାଏ)

ଛିନ୍ନ ପୃଷ୍ଠା

ପ୍ରଥମ ଦୃଶ୍ୟ

[ଅଦୂରରେ ଐତିହାସିକ ଧଉଳିପାହାଡ଼—ଦୟା ନଦୀର କୁଳୁ କୁଳୁ ଧାର ତା'ର ଚରଣ ଧୌତ କରୁଛି । ପାହାଡ଼ ସେ ପଟରେ ଅସ୍ତ ଯାଇଛନ୍ତି ସୂର୍ଯ୍ୟ, ଧଉଳିର ସବୁଜ ବକ୍ଷ ଉପରେ ନଇଁ ଆସିଛି ସଂଧ୍ୟା । ଏତିକିବେଳେ ଧୀରେ ଧୀରେ ପ୍ରବେଶ କଲେ ଜଣେ ଅଶୀତିପର ବୃଦ୍ଧ—ପକ୍ୱକେଶ, ପଳିତ ଚର୍ମ, ଟଳିତ ଦନ୍ତ, ପାଦଭାର ଠିକ୍ ଭାବେ ପଡୁନାହିଁ—ହାତର ଯଷ୍ଟିଟି ମଧ୍ୟ ଥରି ଉଠୁଛି । ବୃଦ୍ଧ ଅଟକି ଯାଇ ଧଉଳି ବକ୍ଷକୁ ଥରେ ନିରେଖି ଚାହିଁଲେ । ତା'ପରେ ଦୁର୍ବଳ ହସ୍ତଟିକୁ ହଲାଇ କାହାକୁ ଯେପରି ଆହ୍ୱାନ କଲେ ।

ତାଙ୍କର ଆହ୍ୱାନ କ୍ରମେ ଧଉଳି ହେଲେ ମୂର୍ତ୍ତିମାନ—ଧୀରେ ଆସି ପହଞ୍ଚିଲେ ବୃଦ୍ଧଙ୍କ ସମୀପରେ । ସେ ବି ଅଶୀତିପର—ବୃଦ୍ଧଙ୍କୁ ଚିହ୍ନି ନପାରି ବିସ୍ମିତ ହୋଇ ପଚାରିଲେ—]

ଧଉଳି—ଆପଣ ?

ବୃଦ୍ଧ—(ହସି ଉଠିଲେ) ହାଃ ହାଃ……ଚିହ୍ନି ପାରିଲ ନାହିଁ ଧଉଳି ! ତୁମର ଅନ୍ତରଙ୍ଗ ବନ୍ଧୁକୁ ଏତେ ଶୀଘ୍ର ପାଶୋରି ଦେଲ ? ବେଶୀ ଦିନର କଥା ତ ନୁହେଁ ! ଏହି ଗତ ୧୫୬୮ ଖ୍ରୀଷ୍ଟାବ୍ଦର କରୁଣ ସ୍ମୃତି । ଉତ୍କଳର ଉତ୍ତର ପୂର୍ବ କୋଣରେ ଅକସ୍ମାତ୍ ଦେଖାଦେଲା ଏକ ଅଶୁଭ ଧୂମକେତୁ । ତା ପରେ—ତା ପରେ ଉତ୍କଳର ସ୍ୱାଧୀନତା—ସୂର୍ଯ୍ୟ ଏଇ ଦୟାନଦୀ କୂଳରେ—ତୁମର ପୃଷ୍ଠ ଦେଶରେ ଚିରକାଳ ପାଇଁ ହେଲେ ଅସ୍ତମିତ ! ମନେପଡ଼େ ଧଉଳି ? ସେଦିନ ଏହିପରି ଏକ କରୁଣ ସଂଧ୍ୟାରେ—

ଧଉଳି—ଓହୋ…ବନ୍ଧୁ, ଇତିହାସ ! ଆପଣ ଆଜି ଏ ରୂପରେ ?

ବୃଦ୍ଧ—ବିସ୍ମିତ ହୁଅନା ଧଉଳି ! ଇତିହାସ ପଙ୍ଗୁ ନୁହେଁ—ସୀମାବଦ୍ଧ ନୁହେଁ । କାଳର ଗତିରେ ସେ ହୁଏ ଚଞ୍ଚଳ, ଗତିଶୀଳ !

ଧଉଳି—ସୁଦୀର୍ଘ ତିନିଶତ ବର୍ଷ ପରେ ଆଜି ଏ ପ୍ରଥମ ଦେଖା ।

ବୃଦ୍ଧ—କର୍ମ ବହୁଳ ତିନିଶତ ବର୍ଷ ତନୋଟି ଦିନପରି ମୋର କଟି ଯାଇଛି ଧଉଳି ! ସବୁ ଯେପରି ଗତ କାଲିର ଘଟଣା—ଉତ୍କଳର ଭାଗ୍ୟାକାଶରେ ଅଚିହ୍ନା ଧୂମକେତୁ—ତା ପରେ ଉତ୍କଳର ସ୍ୱାଧୀନତା ଲୋପ—ଚାରିଶହ ବର୍ଷ ଧରି ମୁସଲମାନ, ମରହଟ୍ଟା ଓ ବ୍ରିଟିଶ୍ ଶାସନ—ତା ପରେ ସ୍ମରଣୀୟ ୧୯୪୭ରେ ଅଗଷ୍ଟ ପନ୍ଦର ।

ଧଉଳି—ହଁ, ଉତ୍କଳ ତାହାର ହୃତ ସ୍ୱାଧୀନତା ଫେରି ପାଇଲା । ତା ପରେ—

ବୃଦ୍ଧ—ତା ପରେ ? ନିଜେ କଣ କିଛି ଦେଖିପାରୁନାହିଁ ଧଉଳି ? ଉତ୍କଳ ଗଗନରେ ଦେଖା ଦେଇଛି ଆଜି ଏକ ଅମଙ୍ଗଳ

ଧୂମକେତୁ । ଯାହାର କଳୁଷ ପ୍ରଭାବରେ ଏ ଦେଶ ଶ୍ରୀହୀନ ହୋଇ ପଡ଼ିଲାଣି । ଦୋହଲି ଗଲାଣି ଏ ବିରାଟ ଜାତିର ମେରୁଦଣ୍ଡ । ତୁମେ ଏହାର କିଛି ଖବର ରଖୁଛ ଧଉଳି ?

ଧଉଳି—ବନ୍ଧୁ ଇତିହାସ, ଓଡ଼ିଆ ଜାତି ମୋର ଅତି ଆପଣାର । ସେ ଜାତିକୁ ଅବହେଳା କରି ମୁଁ ଅନ୍ୟାୟ ଅର୍ଜନ କରି ପାରିବି ନାହିଁ । ବିଶ୍ୱାସ ଥିଲା—ଦୀର୍ଘ ଦୁଇଶତ ବର୍ଷର ଦାସତ୍ୱ ଶୃଙ୍ଖଳରୁ ମୁକ୍ତି ଲାଭ କରି ଏ ଜାତି ପାଇବ ସ୍ୱାଧୀନତାର ନବୀନ ଆଲୋକ । ସେହି ଅପୂର୍ବ ଆଲୋକ-ସଂପାତରେ ଏହାର ଦୁର୍ଗତି, ଦୁରବସ୍ଥା ପ୍ରଭୃତି ସମସ୍ତ ଅନ୍ଧକାର ଦୂରୀଭୂତ ହେବ । କିନ୍ତୁ ପରିଣାମରେ ହେଲା କଣ ?

ବୃଦ୍ଧ—ଅନୁତାପ କରନା ଧଉଳି ! ମନେପଡ଼େ—ବିଗତ ଦିନର ସେ ମଧୁର ସ୍ମୃତି ? ସମସ୍ତ ମୁଁ ଅଙ୍ଗେ ଅଙ୍ଗେ ଲିପିବଦ୍ଧ କରି ରଖିଛି । ସମଗ୍ର ପୃଥିବୀ ଯେତେବେଳେ ଘନ ଅଜ୍ଞାନ-ଅନ୍ଧକାରରେ ନିମଗ୍ନ ଥିଲା, ସେତେବେଳେ ଏହି ଦେଶହିଁ ପୃଥିବୀକୁ ପ୍ରଥମେ ସଭ୍ୟତା ଆଲୋକ ପ୍ରଦାନ କରିଥିଲା । ସେ ସ୍ୱର୍ଣ୍ଣ ଦିନ ଗୁଡ଼ିକ ସବୁ ସ୍ୱପ୍ନପରି ମିଳାଇ ଯାଇଛି ଧଉଳି ! ସେହି ସ୍ମୃତିକୁ ସମ୍ବଳ କରି ଆମେ ଆଜି ଏ ପଥଭ୍ରଷ୍ଟ ଜାତିକୁ ଦିଗ୍‌ଦର୍ଶନ ବତାଇ ଦେବା ।

ଧଉଳି—ଅସମ୍ଭବ ମନେ ହୁଏ ବନ୍ଧୁ । ଉତ୍କଳ ତା'ର ପୂର୍ବ ଗୌରବ ଫେରି ପାଇବ—ଏହା ଯେପରି ଖାଲି କବିର କଳ୍ପନା ।

ବୃଦ୍ଧ—କବିର କଳ୍ପନାରେ ମଧ୍ୟ ଗଭୀର ସତ୍ୟ ନିହିତ ଥାଏ ଧଉଳି । ତୁମେ ବିଷାଦବାଦୀ ହୁଅନା ! ମାନବର ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ସ୍ଥାପନ କର । ଏ ଜାତି ପୁଣି ଜାଗି ଉଠିବ । ସୁଦୂର

ସାଗର ପାରେ ଘର ଘର ହୋଇ ଉଡ଼ିବ ତା'ର ବିଜୟ ନିଶାଣ । କୋଣାର୍କ, ଭୁବନେଶ୍ୱରର ଦାରୁଣ ପ୍ରସ୍ତର ବୁକୁରେ ପୁଣି ଫୁଟି ଉଠିବ ଜାତୀୟ ଜୀବନର ନୂତନ କବିତା ।

ଧଉଳି—କୁଳବୃଦ୍ଧ ଇତିହାସଙ୍କ ମୁଖରେ କୁସୁମ ବୃଷ୍ଟି ହେଉ !

ବୃଦ୍ଧ—ସେଥିପାଇଁ ଧଉଳି, ଆଜ ଏ ଅଶୁଭ ଲଗ୍ନରେ ବ୍ୟାକୁଳ ହୋଇ ଧାଇଁ ଆସିଥିଲି ତୁମର ନିକଟକୁ ! ଆମେ ମୂକ, ଜଡ଼ ! ତଥାପି ଏ ଜାତିର ଶିକ୍ଷା, ସଂସ୍କୃତି, ବୈଷୟିକ ଉନ୍ନତିର ଗୌରବ ଗାଥା ଆମେ ଅହରହ ଗାନ କରୁଁ । ଆସ, ଅଜ ଏ ଦୁର୍ଦ୍ଦିନରେ ଆମର ସେହି ପବିତ୍ର କର୍ତ୍ତବ୍ୟ ପାଳନ କରିବା ।

ଧଉଳି—ଆମର ଉଦ୍‌ବୋଧନ ବାଣୀରେ ଏ ଜାତି ଜାଗ୍ରତ ହେଉ ! ଦେଶବକ୍ଷରେ ଅମଙ୍ଗଳ ଧୂମକେତୁର ବିଲୟ ଘଟୁ ! ଭଗବାନଙ୍କ ଠାରେ ଏତିକି ମାତ୍ର ପ୍ରାର୍ଥନା ! (ନିଷ୍କ୍ରାନ୍ତ)

ଦ୍ୱିତୀୟ ଦୃଶ୍ୟ

[ଐତିହାସିକ ବୋଧିଦ୍ରୁମ ସଂଲଗ୍ନ ପ୍ରାନ୍ତର । ଉତ୍କଳୀୟ ବ୍ୟବସାୟୀ ତପୁସ୍ ଓ ଭଲ୍ଲିକ ସେଠାରେ ଶଗଡ଼ ଖଟାଇ ବିଶ୍ରାମ ନେଉଥିଲେ । କାଳ ମଧ୍ୟାହ୍ନ । ତପୁସ୍ ଗଛତଳେ ବସି ଉଦାସ ମନରେ ଗୀତଟିଏ ଗାଉଥିଲା । ତପୁସ୍‌ର ଗୀତ ଶୁଣି ଭଲ୍ଲିକ ଧୀରେ ଧୀରେ ତା ପାଖରେ ପ୍ରବେଶ କଲା ।]

ଆ..........ଆ..........ଆ..........

ଗ୍ରୀଷ୍ମ ସେ ଲଇଷଣ ରେ

ଗଲେ ମୃଗମାରି

ପଡର ପଲ୍ଲୀରେ ସୀତସ୍ଥା
ରହନ୍ତ ମନ ମାର...ଇ...ଇ...ଲେ—

ଭଲ୍ଲିକ—କି ତପୁଆ ଭାଇ, ଇମିତ ଉଦାସିଆ ଗୀତଟା ଗାଇ ପକାଇଲୁ ଯେ ! ନୂଆ ବୋହୂ କଥା ମନେ ପଡ଼ିଗଲା ନା କ'ଣ ?

ତପୁସ୍—ଅରେ, ଘରୁ ଅନୁକୂଳ କଲେ ଗଲାମାସ ଅଠଦିନେ । ଦେଖୁ ଦେଖୁ ମାସଟିଏ ବିତିଗଲା । ପୁଣି କାହିଁ କେଉଁ ବିଦେଶ ଯାଗା । ଘର ପାଖର ସେ ଧଉଳ ଗିରିର ଶୋଭା, ଆଉ ଦୟା ନଦୀର ମିଠା ପାଣି ଏଣେ କୁଆଡ଼େ ମିଳିବ ! ଖାଇ ପଡ଼ଶା ହେଉ ନାହିଁ । ଘରକଥା ଖାଲି ମନେ ପଡ଼ୁଛିରେ ଭାଲୁଆ !

ଭଲ୍ଲିକ—ତାହାହେଲେ ଏ ବ୍ୟବସାୟରେ ପଶିଲୁ କାହିଁ କହତ ? ଯଦି ମାଇପ ଛୁହାଗିଆ ହେବୁ, ଘରଭିତରେ ଫୁଲ ଚନ୍ଦନ ଦେଇ ମାଇପକୁ ଦିନରାତି ବସି ପୂଜା କର ।

ତପୁସ୍—ଅରେ ଭାଲୁଆ ! ତୁ ତ ହେଲୁ ଅଭିଅଡ଼ା ଭଣ୍ଡ । ତୁ' ଏ କଷଣ ବୁଝିବୁ କିମିତ ? ବାହା ହେଲା ପରେ ଗଲା ଛ' ବରଷ ଧରି ମୁଁ ଇମିତ ବେପାର ବଣିଜ କରି ଆସୁଛି । ବରଷକ ବାର ମାସରୁ ଦଶମାସ କଟୁଛି ବିଦେଶରେ । କିନ୍ତୁ ତୁ' ଗୋଟାଏ ଭଲ କନିଆଁ ନଦେଖି ବାହାହୋଇ ପଡ଼ିଲେ ଏ ବେଉସା ଛାଡ଼ି ଏକାବେଳେ ଘରେ ବସିବୁ ! ତୋ କଥା କ'ଣ ମୁଁ ବୁଝି ପାରୁନି !

ଭଲ୍ଲିକ—ନା ତପୁଆ ଭାଇ; ଏ ବେଉସାରୁ ମୁଁ ଲକ୍ଷ୍ମୀ ପାଉଛି, ଯାକୁ ପୁଣି ଛାଡ଼ିବି ? ତେବେ ବାହା ହୋଇ ସାରିଲା ପରେ ଆଉ ଏକ ବୁଦ୍ଧି କରିବି । ବିଦେଶ କଲେ, ଚୁଡ଼ା ଗୁଡ଼ଲ ଛଡ଼ା ସାଙ୍ଗରେ ଥୋଡ଼େ 'ହରହ ନବାଟଣୀ ବଟିକା' ଘେନି ଆସିବି ।

ଉପୁସ୍—କ'ଣ କହିଲୁ ? ବିରହ ନିବାରଣୀ ବଟିକା ?

ଭଲ୍ଲିକ—ହଁ, ଗାଁର କାଲୁ କବିରାଜ ତିଆରି କରୁଛନ୍ତି । ତୋ ପରି ଇମିତି ଘର କଥା ମନେ ପଡ଼ିଲେ, ସେ ବଟିକାରୁ ଗୋଟିଏ ଓ ପାଣି ଢୋକେ ! ତା ପରେ ସବୁ ଠିକ୍ ଠାକ୍ ।

ଉପୁସ୍—ଆରେ, କାଲୁ କବିରାଜ ଏ ବେଉସା କେବେଠୁଁ କଲାଣି ? ବିରହ ନିବାରଣୀ ବଟିକା ସତେ କ'ଣ ବିରହ ନିବାରଣ କରୁଛି ?

ଭଲ୍ଲିକ—ଆଖିରେ ଦେଖିବା କଥା ଉପୁଆ ଭାଇ, ସେ ବଟିକାରେ ପରା ଶହ ଶହ ରୋଗୀ ଭଲ ହେଉଛନ୍ତି । ପୁଣି କାଲୁ କବିରାଜଙ୍କର ଯେଉଁ ପ୍ରେମାଙ୍କୁର ମୋଦକ, ଟିକିଏ ପାଟିରେ ପକାଇ ଦେଲେ ଚଉଦ ଭୁବନ ଦେଖାଇ ଦେବ ! ଘରେ ଥିଲେ ପ୍ରେମାଙ୍କୁର ମୋଦକ, ବିଦେଶରେ ଥିଲେ ବିରହ ନିବାରଣୀ ବଟିକା । ଆଉ ଚିନ୍ତା କ'ଣ ?

ଉପୁସ୍—ହଉ, ହଉ, ବାହାହେଲେ ତୁ ସେଇଆ କରିବୁ ଭାଲୁଆ ! ବଟୁଆ ଖୋଲ୍, ପାନ ବକଟେ ଦେ ! ଛାଇ ଗଡ଼ି ପଡ଼ିଲାଣି । ବଳଦଙ୍କୁ କୁଣ୍ଡା ତୋରାଣି ମୁନ୍ଦାଏ ଦେଇ ଶଗଡ଼ ଭିଡ଼୍ । ଆଜି ରାତି ଭିତରେ ଯିମିତି ବୋଧଗୟାର ସୀମା ପାରି ହେବା ।

ଭଲ୍ଲିକ—(ବଟୁଆ ଖୋଲି ପାନ ଭାଙ୍ଗୁ ଭାଙ୍ଗୁ) ମୋ କାଳିଆ-କସର୍ ଯୋଡ଼ାକ ବଡ଼ ହାଲିଆ ହୋଇ ପଡ଼ିଲେଣି ଉପୁଆ ଭାଇ ! ଆଜି ରାତିଟା ଏଇଠି ଅଟକି ଗଲେ କିମିତି ହୁଅନ୍ତା ?

ଉପୁସ୍—ନା, ରହିଲେ କ୍ଷତି ! କାଲେ ଯଦି ବର୍ଷା ହୁଏ, ତାହେଲେ ଗୁର ଶଗଡ଼ଯାକ ଲୁଣ ସବୁ ଅକାରଣେ ଯିବ । ଏଇ ତ, ଆଗରେ

ଆମର ବଣିଜ-ପେଣ୍ଠ । ବଳଦ ଯୁଡ଼ି ଦେ, ଥିଇର ଥିଇର ଯିବା ।

ଭଲ୍ଲିକ—ଏଥର ଲୁଣ ଆଉ ହଳଦୀରୁ ମୋଟା କରି ଲାଭ ମିଳିବ ଏକା ! ଏ ଯେଉଁ କନ୍ଧମାଳ ଖାଣ୍ଟି ହଳଦୀ, ଆଉ ଗୋଲେଇଖଣ୍ଡି ପଙ୍ଗା ଲୁଣ —ଗରାକ ଦେଖିଲାକ୍ଷଣି ପଡ଼ି ମାଡ଼ି ବସିବେ ! (ପାନ ଭାଙ୍ଗି ସାରି ତପୁସକୁ ଦେଲା । ଏତିକିବେଳେ ବୃକ୍ଷ-ଲତା ଅନ୍ତରାଳରେ ଦେଖା ଦେଲେ ଗୈରିକ ବସନଧାରୀ ବୁଦ୍ଧଦେବ । ସାଧନା ତାଙ୍କର ସମାପ୍ତ ହୋଇଛି । ସିଦ୍ଧିର ଆଲୋକରେ ସେ ଯେପରି ତେଜସ୍ୱାନ୍ ଓ ମହୀୟାନ୍ ହୋଇ ଉଠିଛନ୍ତି !)

ତପୁସ୍—ଆରେ ଭାଲୁଆ, ଦେଖିଲୁଣି, ହେଇ ଜଣେ କିଏ ବାବାଜୀ !

ଭଲ୍ଲିକ—ତପୁଆ ଭାଇ, ଏ ତ ସାକ୍ଷାତ ଦେବତା ! ଚାଲ୍, ଚାଲ୍, ମୁଣ୍ଡିଆ ମାରିବା । ଠାକୁରେ ଆଶୀର୍ବାଦ କଲେ ଆମର ବେବସା ବଢ଼ିବ ।

ତପୁସ୍—ହେଇ, ବାବାଜୀ ଆମରି ଆଡ଼କୁ ଆସୁଛନ୍ତି । ଆସନ୍ତୁ ! (ବୁଦ୍ଧଦେବ ପହଞ୍ଚିଗଲେ, ତପୁସ୍ ଭଲ୍ଲିକ ଭୂମିଷ୍ଠ ପ୍ରଣାମ କଲେ)

ବୁଦ୍ଧ—(ଆଶୀର୍ବାଦ କଲେ ହାତ ଉଠାଇ) ଉଠ, ଉଠ ବାବା ! କିଏ ତୁମେମାନେ ?

ତପୁସ୍—ଆମେ କଳିଙ୍ଗ ଦେଶର ବେବସାୟୀ ଠାକୁରେ । ଲୁଣ, ହଳଦୀ, ରଙ୍ଗ ରସୁଣର ବେବସା କରୁଁ !

ବୁଦ୍ଧ—ଓ........ସୁଦୂର ଦେବଭୂମି କଳିଙ୍ଗ ଦେଶର ପ୍ରସିଦ୍ଧ ବ୍ୟବସାୟୀ ! ସେ ଦେଶର ଗୌରବଗାଥା ମୋର କର୍ଣ୍ଣ-ଗୋଚର ହୋଇଛି । ସେଠାରେ ମୋର ନବ ଧର୍ମ ପ୍ରଚାର କରିବାକୁ ମୁଁ ମନସ୍ଥ କରିଛି ।

ତପୁସ୍—ଠାକୁରଙ୍କ ଦୟା ! ଆରେ ଭଲ୍ଲିଅ, ଯା, ଶଗଡ଼ରୁ ଯବ ଛତୁଆ ଆଉ ମହୁ ଟିକେ ଘେନିଆ । ଠାକୁରଙ୍କୁ ଭୋଗ ଲଗାଇବା । (ଭଲ୍ଲିକ ଚାଲିଗଲା) ଠାକୁରେ, ଆମେ ବିଦେଶୀ । ବିଦେଶରେ ଆଉ କଣ ପାଇବୁଁ ? ଯାହା ଆମ ପାଖରେ ଅଛି, ସେଇଥିରେ ଠାକୁରେ ପାରଣା କରନ୍ତୁ !

(ଭଲ୍ଲିକ ଦୁଇଟି ପାତ୍ରରେ ଯବଛତୁ ଓ ମଧୁ ଘେନି ଆସିଲା । ତପୁସ ଆସନ ପାରି ଦେଲା । ବୁଦ୍ଧଦେବ ଉପବେଶନ କଲେ ଓ ତପୁସ୍-ଭଲ୍ଲିକ ଦୁହେଁ ତାଙ୍କର ଚର୍ଚ୍ଚା କଲେ ।)

ବୁଦ୍ଧ—ଶୁଣ ବାବା ! ତୁମର ଏ ଭକ୍ତିପୂର୍ଣ୍ଣ ଭେଟିରେ ମୁଁ ପରମ ସନ୍ତୋଷ ଲାଭ କରିଛି । ଆଜି ମୋର ସାଧନା ବ୍ରତ ଉଦ୍ଯାପନ କରି ଏଇଥିରେ ମୁଁ ପ୍ରଥମେ ପାରଣା କରିବି । କିନ୍ତୁ ତୁମର ଭେଟି ବଦଳରେ ମୁଁ ତୁମକୁ କିଛି ଦେବାକୁ ଚାହେଁ । ତପସ୍ୟାରେ ସିଦ୍ଧିଲାଭ କରି ମୁଁ ହୋଇଛି ବୁଦ୍ଧ ! ଏ ଅସାର ସଂସାରର ମୋହମାୟାରୁ ମୁକ୍ତିଲାଭ କରିବାପାଇଁ ମୁଁ ଆବିଷ୍କାର କରିଛି ଏକ ଅଭିନବ ପନ୍ଥା । ସେଇ ପନ୍ଥାରେ ତୁମ ଦୁହିଁଙ୍କି ମୁଁ ସର୍ବପ୍ରଥମେ ପଥିକ କରିବାକୁ ଚାହେଁ ।

ତପୁସ୍ ଓ ଭଲ୍ଲିକ— (ହାତଯୋଡ଼ି) ତୁମ ଦୟା ଠାକୁରେ, ଆଉ ଆମ ଭାଗ୍ୟ ।

ବୁଦ୍ଧ—(ଆନନ୍ଦରେ) ଆଃ········· ଜୀବନରେ ମୋର ଆଜି ଏ ସର୍ବଶ୍ରେଷ୍ଠ ଆନନ୍ଦର ଦିନ । ମୋର ସମସ୍ତ ସ୍ୱପ୍ନ ସଫଳ ହୋଇଛି । ବ୍ରତ ମୋର ଶୁଭକ୍ଷଣରେ ଉଦ୍ଯାପିତ । ଧନ୍ୟ କଳିଙ୍ଗବାସୀ, ଧନ୍ୟ ତୁମର ଦେଶ ! ମୋର ନବ ପ୍ରଚାରିତ ବୌଦ୍ଧଧର୍ମର ସର୍ବ ପ୍ରଥମ ଶିଷ୍ୟ ହିଁ ତୁମେମାନେ ! ତୁମେମାନେ ହିଁ ମୋର ନବ

ବାଣୀକୁ ସୁଦୂର କଳିଙ୍ଗ ଦେଶକୁ ଘେନିଯିବ । ମୁଁ ଏ ବୌଦ୍ଧ-ଧର୍ମର ଜନ୍ମଦାତା ସତ୍ୟ, କିନ୍ତୁ ତୁମେମାନେ ହେବ ଏ ଶିଶୁ ଧର୍ମର ପାଳକ ଏବଂ ରକ୍ଷକ । କୌଣସି ଧର୍ମକୁ ହୃଷ୍ଟପୁଷ୍ଟ କରାଇବାକୁ କଳିଙ୍ଗ ପରି ଦେବଭୂମିହିଁ ପ୍ରକୃଷ୍ଟ କ୍ଷେତ୍ର । ଆସ, ଆସ ମୋର ପ୍ରଥମ ଏବଂ ପ୍ରଧାନ ଭକ୍ତଦ୍ୱୟ । ତୁମକୁ ମୁଁ ମହା ମନ୍ତ୍ରରେ ଦୀକ୍ଷିତ କରେଁ ।

(ତପୁସ୍ ଓ ଭଲ୍ଲିକ ଦୁହେଁ ହାତଯୋଡ଼ି ନୟନ ମୁଦି ବସିଲେ । ବୁଦ୍ଧ ସେମାନଙ୍କୁ ମନ୍ତ୍ର ପ୍ରଦାନ କଲେ—)

ବୁଦ୍ଧଂ ଶରଣଂ ଗଚ୍ଛାମି ।
ଧର୍ମଂ ଶରଣଂ ଗଚ୍ଛାମି ।
ସଙ୍ଘମ୍ ଶରଣଂ ଗଚ୍ଛାମି ।

(ତପୁସ୍ ଓ ଭଲ୍ଲିକ ଯଥାକ୍ରମେ ଏହି ମନ୍ତ୍ର ଉଚ୍ଚାରଣ କଲେ । ତା'ପରେ ବୁଦ୍ଧ ନିଜ ପାଦ ନଖରୁ ଟିକିଏ ଓ ମଥାରୁ କେଶ ଗୋଟିଏ ବାହାର କଲେ ।)

ବୁଦ୍ଧ—ଏହି ନିଅ, ତୁମର ସଂକେତ ! ଏହା ସହିତ ସୁଦୂର କଳିଙ୍ଗ ଦେଶକୁ ବହନ କରି ନେବ ମୋର ଧର୍ମବାଣୀ ।

(ତପୁସ୍ ଓ ଭଲ୍ଲିକ ଗୋଟିଏ ତମ୍ବା ଥାଳିରେ ବୁଦ୍ଧଙ୍କ ସଙ୍କେତ ଗ୍ରହଣ କରି ଭୂମିଷ୍ଠ ପ୍ରଣାମ କଲେ । ମଞ୍ଚ ଅନ୍ଧକାର ହୋଇଗଲା ।)

ତୃତୀୟ ଦୃଶ୍ୟ

(ବୌଦ୍ଧ ଯୁଗୀୟ କଳିଙ୍ଗର ପୁଷ୍ପଗିରି ବିହାର । ସାୟଂ କାଳରେ ବୌଦ୍ଧ ଭିକ୍ଷୁ ଉପଗୁପ୍ତ ଉପବେଶନ କରି କେତେ ଜଣ ଶିଷ୍ୟଙ୍କ ସହିତ କଥାବାର୍ତ୍ତା କରୁଥିଲେ ।)

ଉପଗୁପ୍ତ—ମୁଁ ଜାଣେ, ପୁରାଣ-ପ୍ରସିଦ୍ଧ କଳିଙ୍ଗ ଦେଶ ଏ ଜଗତରେ ହେବ ଅଗ୍ରଣୀ । ଅତି ଅଳ୍ପ ଦିନ ମଧ୍ୟରେ କଳିଙ୍ଗର ଏ ପୁଷ୍ପଗିରି ବିହାର ସମଗ୍ର ଭାରତଖଣ୍ଡରେ ସୁପ୍ରସିଦ୍ଧ ହୋଇ ଉଠିଛି । ବୌଦ୍ଧ ଧର୍ମ ପ୍ରଚାର ଓ ପାଳନରେ କଳିଙ୍ଗ ଦେଶ ଆଜି ଭାରତର ସବୁ ଦେଶକୁ ବଳି ଯାଇଛି ।

୧ମ ଶିଷ୍ୟ—ଏ ଅହିଂସା, ସତ୍ୟ ଧର୍ମରେ ଏପରି ଏକ ମୋହିନୀ ମନ୍ତ୍ର ନିହିତ ଅଛି ଯେ ତାହା ଗୋଟିଏ ପଲକ ମଧ୍ୟରେ ମାନବ ଚିତ୍ତକୁ ଆକର୍ଷଣ କରି ଆଣୁଛି । ତା'ଛଡ଼ା ସ୍ୱୟଂ ଗୁରୁଜୀଙ୍କର ଆଦର୍ଶ ଚରିତ୍ର ଓ ମାନବିକତାର ପ୍ରଭାବ—

ଉପଗୁପ୍ତ—ଏବଂ ତା' ସହିତ ତୁମ୍ଭମାନଙ୍କର ଉତ୍ସାହ, ଉଦ୍ୟମ, ପ୍ରଗାଢ଼ ନିଷ୍ଠା ଏ ଧର୍ମକୁ ଆଜି କଳିଙ୍ଗ ଭୂମିରେ ଏତେ ଜନପ୍ରିୟ କରିଇ ପାରିଛି ।

୨ୟ ଶିଷ୍ୟ—ସ୍ୱୟଂ ଭଗବାନ ବୁଦ୍ଧଦେବଙ୍କର ଏହାହିଁ ଭବିଷ୍ୟତ୍ ବାଣୀ ଥିଲା । ଏହିତ ପୁଷ୍ପଗିରି ବିହାରରେ ତାର ପ୍ରକୃଷ୍ଟ ପ୍ରମାଣ । ଏ ଧର୍ମର ଆଦି ଶିଷ୍ୟ ପ୍ରାତଃସ୍ମରଣୀୟ ତପୁଷ୍ ଓ ଭଲ୍ଲିକଙ୍କ ଦ୍ୱାରା ଆନୀତ ବୁଦ୍ଧଦେବଙ୍କ ଚରଣର ନଖଶ୍ରୀ ଓ ମସ୍ତକର କେତୋଟି କେଶ ଏହାର ସଙ୍କେତ ।

ଉପଗୁପ୍ତ—ହଁ, ଭଗବାନ ବୁଦ୍ଧଙ୍କର ସେହି ସଙ୍କେତହିଁ ଆଜି ଆମର ସର୍ବ ଶ୍ରେଷ୍ଠ ପୂଜାର ସାମଗ୍ରୀ ।

(ଜନୈକ ଶିଷ୍ୟ ପ୍ରବେଶ କଲା)

୩ୟ ଶିଷ୍ୟ—ବୁଦ୍ଧଂ ଶରଣଂ ଗଚ୍ଛାମି ! ଗୁରୁଜୀ, ଆଜି ଏକ ବଡ଼ ଦୁଃସମ୍ବାଦ । ନରପିଶାଚ ଚଣ୍ଡାଶୋକ ସଦଳବଳେ ପୁଷ୍ପଗିରି ବିହାର ଅଭିମୁଖୀ ।

ସମସ୍ତ ଶିଷ୍ୟ—(ଭୟ ଓ ବିସ୍ମୟରେ) ଏଁ.........ନରପିଶାଚ ଚଣ୍ଡାଶୋକ !

ଉପଗୁପ୍ତ—ଭୟର କାରଣ କିଛି ନାହିଁ ! ମନେହୁଏ—ଚଣ୍ଡାଶୋକ ଏ ବୌଦ୍ଧ ବିହାରକୁ କୌଣସି ମନ୍ଦ ଅଭିପ୍ରାୟ ନେଇ ଆସୁ ନାହାନ୍ତି ।

୩ୟ ଶିଷ୍ୟ—ନା, ଗୁରୁଜୀ ! ଚଣ୍ଡାଶୋକ କେବେ ସତ୍-ଅଭିପ୍ରାୟ ନେଇ କେଉଁଠାକୁ ଯାଏ ନା ! କଳିଙ୍ଗ ଜାତିର ଜୀବନ୍ତ ଧୂମକେତୁ ସେ ! ହତ୍ୟା, ରକ୍ତପାତ, ଲୁଣ୍ଠନର ବୀଜ ବୁଣି ଦେଇଛି ସେ ଦେଶ ବକ୍ଷରେ । ଦେଶ ଆଜି ଶ୍ମଶାନରେ ପରିଣତ. ଜାତି ପାଦ୍ୱାସମ୍ବଳ-ହୀନ ।

୧ମ ଶିଷ୍ୟ—ତଥାପି ଚଣ୍ଡାଶୋକର ସେ ରକ୍ତପିପାସା ମେଣ୍ଟିଲା ନାହିଁ । ଶେଷରେ ଏ ଧର୍ମସ୍ଥଳୀ ବୌଦ୍ଧବିହାର ଉପରେ ପଡ଼ିଲା ତାର ଲୋଲୁପ ଦୃଷ୍ଟି ।

ଉପଗୁପ୍ତ—ପୁଷ୍ପଗିରିରେ ଲୁଣ୍ଠନ-ଉପଯୋଗୀ କୌଣସି ଦ୍ରବ୍ୟ ନାହିଁ କିମ୍ବା ହତ୍ୟା-ଉପଯୋଗୀ କୌଣସି ବ୍ୟକ୍ତି ମଧ୍ୟ ନାହାନ୍ତି । ଚଣ୍ଡାଶୋକଙ୍କର ଲୋଲୁପ ଦୃଷ୍ଟି ଏଠାରେ ପଡ଼ିବ କାହିଁକି ?

୩ୟ ଶିଷ୍ୟ—ହିଂସାରେ ଯେ ଲକ୍ଷ୍ୟ ସାଧନ କରେ, ହତ୍ୟାରେ ଯେ ରୁଦ୍ର ଆନନ୍ଦ ପାଏ, ତାହାର ଧର୍ମ ଅଧର୍ମ, ଭଲ ମନ୍ଦର ବିଗ୍ଭର ନାହିଁ ଗୁରୁଜୀ । ଧର୍ମ ଅନୁଷ୍ଠାନ ତା' ଚକ୍ଷୁରେ ଶତ୍ରୁର ଦୁର୍ଗ ପରି—

୨ୟ ଶିଷ୍ୟ—ଏଇତ, ସେମାନେ ଆସଗଲେ !

(ସମସ୍ତଙ୍କ ମନରେ ଉଦ୍‌ବେଗ ଓ ଆଶଙ୍କାର ଶିହରଣ ଖେଳିଗଲା ; ରାଜକୀୟ ପରିପାଟୀରେ ପ୍ରବେଶ କଲେ ଅଶୋକ, ସଙ୍ଗରେ ପାରିଷଦ, ମନ୍ତ୍ରୀ ଏବଂ ନିଜର ପୁତ୍ର-କନ୍ୟା—ମହେନ୍ଦ୍ର ଓ ସଂଘମିତ୍ରା । ଦୁଃଖ-ଅନୁତାପର ଛାୟାରେ ଅଶୋକଙ୍କ ମୁଖ-ମଣ୍ଡଳ ଗମ୍ଭୀର ଦିଶୁଥିଲା ।)

ଡାକ ଶୁଭିଲା—ଦର୍ପୀ ଦର୍ପହାରୀ ସାର୍ବଭୌମ ସମ୍ରାଟ ଅଶୋକ ମହାରାଜ...........

ଅଶୋକ—ପୁଷ୍ପଗିରି ବିହାରର ବୌଦ୍ଧଭିକ୍ଷୁ ଉପଗୁପ୍ତ ?

ଉପଗୁପ୍ତ—ମହାରାଜଙ୍କ ସମ୍ମୁଖରେ !

ଅଶୋକ—ମୁଁ ସମଗ୍ର ଭାରତବର୍ଷ ଘୁରି ଘୁରି ତୁମରି ନିକଟକୁ ଧାଇଁ ଆସିଛି ଉପଗୁପ୍ତ ! ତମେ ମୋର ଏ ତୃଷା ଦୂର କରି ପାରିବ ?

ସଂଘମିତ୍ରା—ହଁ ବାବା, ଏ ବଣରେ ଝରଣାର ଯେଉଁ ମଧୁର ନିର୍ମଳ ଜଳ, ଏଥିରେ ତୁମର ଭୋକ, ଶୋଷ ନିଶ୍ଚୟ ଦୂର ହୋଇ ଯାଇବ !

ଅଶୋକ—ଏ ଉଦରର ତୃଷା ନୁହେଁ ମା, ଝରଣା ଜଳରେ ତୃପ୍ତ ହେବ ! ମୋର ଏ ଦୁର୍ବାର କାମନା ବାସନାର ତୃଷା । ପାରିବ କି ସନ୍ନ୍ୟାସୀ ? ବିନିମୟରେ ମୁଁ ତୁମକୁ ଦେବି ଅଜସ୍ର ଧନ, ରାଜ୍ୟ, ରାଜଗାଦୀ !

ଉପଗୁପ୍ତ— ସନ୍ନ୍ୟାସୀ ରାଜ୍ୟ-ଧନର କାମନା କରେନା ମହାରାଜ ! ଆପଣ ଅସ୍ଥିର ହୁଅନ୍ତୁ ନାହିଁ । ମୋର ବିଶ୍ୱାସ—ଆପଣଙ୍କର ଏ ପ୍ରବଳ ପିପାସା ମୁଁ ସମୂଳେ ଦୂର କରି ପାରିବି ।

ସଂଘମିତ୍ରା—କିନ୍ତୁ ବାବା, ମୋର ଉଦର ତୃଷା କିପରି ଦୂର ହେବ, ତାର ଆଗେ ବ୍ୟବସ୍ଥା କର ! ଭାଇଙ୍କି ମଧ୍ୟ— ।

ମହେନ୍ଦ୍ର—ନିଜ ଦୋଷ ପର ଉପରେ ଲଦି ଦେ’ ନା ମିତା ! ମୋତେ କାହିଁ ତୃଷା ଲାଗୁନାହିଁ । ତୁ ଯଦି ପ୍ରକୃତରେ ତୃଷା-ତୁର, ଆ—ମୋ ସଙ୍ଗରେ, ନିଃଶବ୍ଦରେ ଝରଣା ନିକଟରେ ପହଞ୍ଚାଇ ଦେବି ।

ସଂଘମିତ୍ରା—(ପଚାରିବା ଭଙ୍ଗୀରେ) ବାବା !

ଅଶୋକ—ମୋର ଆପତ୍ତି ନାହିଁ ମା ! ଯାଅ, କଳିଙ୍ଗର ଏ ପ୍ରସି ବୌଦ୍ଧ-ବିହାର ବୁଲି ଦେଖ । ଦରକାର ହେଲେ ସଙ୍ଗେ ଜଣେ ଦୁଇଜଣ ସୈନିକ—

ମହେନ୍ଦ୍ର—ଏ ଶତ୍ରୁ ଶିବିର ନୁହେଁ ବାବା ! ତାହାଛଡ଼ା ମୋ କଟୀରେ ଅଛି ଶାଣିତ ତରବାରି ! ଆ’ ମିତା—

(ସଂଘମିତ୍ରା ଓ ମହେନ୍ଦ୍ର ପ୍ରସ୍ଥାନ କଲେ)

ଉପଗୁପ୍ତ—ମହାରାଜ ! କାମନାର ବିନାଶରେ ଶାନ୍ତି, ମୁକ୍ତି, ନିର୍ବାଣ । କାମନାତୁର ବ୍ୟକ୍ତିର ସୁଖଶାନ୍ତି ନାହିଁ । ମୁଁ ସ୍ପଷ୍ଟ ଦେଖି ପାରୁଛି—ଆପଣଙ୍କ ଅନ୍ତରରେ କାମନାର ଦାବାନଳ ଦାଉ ଦାଉ ହୋଇ ଜଳୁଛି । ସେହି କାରଣରୁ ଆପଣଙ୍କର ଏ ରାଜ୍ୟଲୋଭ, ହିଂସା, ରକ୍ତପାତ ?

ଅଶୋକ—ବୁଝୁଛି ସନ୍ନ୍ୟାସୀ ! ତେବେ ମାନବ କି ସଂପୂର୍ଣ୍ଣ କାମନା-ଶୂନ୍ୟ ହୋଇପାରେ ?

ଉପଗୁପ୍ତ—ଅସମ୍ଭବ ନୁହେଁ ମହାରାଜା ! ତାର ଉପାୟ ମୁଁ ଆପଣଙ୍କୁ ବତାଇ ଦେଇ ପାରିବି ! ଆପଣ ଆତ୍ମ-ବିଶ୍ୱାସ ପୋଷଣ କରନ୍ତୁ !

ଅଶୋକ—ପାରିବ, ପାରିବ ଉପଗୁପ୍ତ ? ତେବେ ଦିଅ ମୋତେ ସେହି ମନ୍ତ୍ରଦୀକ୍ଷା । ହତ୍ୟାର ବିଭୀଷିକା ଦେଖୁ ଦେଖୁ ଚକ୍ଷୁ ମୋର ଅବସନ୍ନ, ମନମୋର ଭାରାକ୍ରାନ୍ତ । ଆଜି ଏ ଦେବଭୂମି କଳିଙ୍ଗ

ଦେଶ ମୋର ମନଶ୍ଚକ୍ଷୁ ଉନ୍ମୋଚିତ କରନ୍ତୁ । ଜୀବନର ଏକ ଅଶୁଭ ମୁହୂର୍ତ୍ତର ବଶବର୍ତ୍ତୀ ହୋଇ ମୁଁ ଜଘନ୍ୟ ହିଂସା-ପାପ ଆଚରଣ କରି ପକାଇଛି । ସେଥିପାଇଁ ମୁଁ ଅନୁତପ୍ତ । ଏବେ ମୋତେ ଶାନ୍ତିର ସରଣୀ ଦେଖାଇ ଦିଅ ସନ୍ନ୍ୟାସୀ, ମୁକ୍ତିର ସଦୁପାୟ ବତାଇ ଦିଅ । ଚଣ୍ଡାଶୋକ ନାମର ଦୁର୍ବିସହ କଳଙ୍କ ଦୂରୀଭୂତ କର !

ଉପଗୁପ୍ତ—ପ୍ରକୃତ ଅନୁତପ୍ତ ବ୍ୟକ୍ତିହିଁ ମୁକ୍ତି-ପିପାସୀ । ମହାରାଜାଙ୍କ ଅନ୍ତରର ଦାବଦାହ ଦୂରୀଭୂତ କରି ପାରିବି—ଏ ଭରସା ମୋର ଅଛି । ଆସନ୍ତୁ ମହାରାଜ, ଆଜି ଏ ଅଭିନବ ମାନବଙ୍କ ଧର୍ମସ୍ପର୍ଶରେ ଆପଣଙ୍କର ରୂପାନ୍ତର ହେଉ ! ଶାନ୍ତିର ମନ୍ତ୍ର ଉଚ୍ଚାରଣ କରି, ଅହିଂସାର ବ୍ରତ ଗ୍ରହଣ କରି, ଆପଣ ଆଜି ହୁଅନ୍ତୁ ବୁଦ୍ଧ, ଜିତେନ୍ଦ୍ରିୟ । ଚଣ୍ଡାଶୋକ ପରିଣତ ହେଉନ୍ତୁ ଧର୍ମାଶୋକରେ—ଏହା ହିଁ ଭଗବାନ ବୁଦ୍ଧଙ୍କର ସ୍ୱର୍ଗୀୟ ଆଶୀର୍ବାଦ !

(ଏତିକିବେଳେ ବାହୁଡ଼ି ଆସିଲେ ସଂଘମିତ୍ରା ଓ ମହେନ୍ଦ୍ର)

ସଂଘମିତ୍ରା—ବାବା ! ତୃଷା ତୁମର ମେଣ୍ଟି ଯାଇଛି ତ ! ଏବେ ଚାଲ ଶିବିରକୁ ବାହୁଡ଼ି ଯିବା !

ଅଶୋକ—ତୃଷା ମେଣ୍ଟିଲା ପରେ ଆଉ କ'ଣ ସେଠାକୁ ଯାଇ ପୁଣି ତୃଷା ବଢ଼େଇବି ମା ? ଯାଉ ରାଜ୍ୟ, ଯାଉ ରାଜଗାଦୀ, ତାର ବିଷମୟ ଫଳ ବହୁଦିନ ଭୋଗିଲି, ଆଉ ନୁହେଁ । ଏଣିକି ଜୀବନରେ ମୁଁ ଚାହେଁ ଶାନ୍ତି, ମୁକ୍ତି, ନିର୍ବାଣ !

ସଂଘମିତ୍ରା—ବାବା ! ଏ ବାବାଜୀ ଠାକୁରେ ତୁମକୁ କି ମନ୍ତ୍ର ଦେଲେ କି, ଏସବୁ କଥାଗୁଡ଼ା କହୁଛ । ଛି, ସେ ସବୁ ପାଗଳାମି ଛାଡ଼ ।

କଳିଙ୍ଗ ବିଜୟ ତ ସରିଲା, ରାଜ୍ୟକୁ ଚାଲ ଫେରିଯିବା । ସେଣେ ମା' ବଡ ଅସ୍ଥିର ହେଉଥିବେ ।

ଅଶୋକ—ଏହି ତ ଆମର ରାଜ୍ୟ ! ଏ ରାଜ୍ୟର ମହିମା ତୁ ଜାଣୁନା ମା' ! ଏଇଠି ଆମେ ରହିବା ! ଏଇ ଦେଶରେ ଆରମ୍ଭ କରିବା ଆମର ନୂତନ ଜୀବନ ! ଏ ବଣର ଫଳ-ମୂଳ ଖାଇ, ଏଇ ଝରଣର ପାଣି ପିଇ, ତୁ ଏଇଠି ଖେଳିବୁ ବୁଲିବୁ !

ସଂଘମିତ୍ରା—କିନ୍ତୁ ଭାଇ ସିନା ରାଜା ହେଲେ—

ମହେନ୍ଦ୍ର—ନା ବାବା ! ମୋର ଏଥିରେ ତିଳେ ହେଲେ ଆପତ୍ତି ନାହିଁ ।

ଅଶୋକ—ବେଶ୍ ! ଆସ ତେବେ, ସନ୍ନ୍ୟାସୀ ଗୁରୁ ଆମକୁ ଅପେକ୍ଷା କରି ରହିଛନ୍ତି । ତାଙ୍କ ବିହାରରେ ଆମେ ଆଜି ଅତିଥି । (ସମସ୍ତେ ପ୍ରସ୍ଥାନ କଲେ)

ଷଷ୍ଠ ପରିବର୍ତ୍ତନ—

(ପ୍ରବେଶ କଲେ ଇତିହାସ ଧୀରେ ଧୀରେ, ତାଙ୍କ ପଛରେ ବୃଦ୍ଧ ଧଉଳାଗିରି)

ଇତିହାସ—ଏ କେବଳ ଗୋଟିଏ ଛିନ୍ନ ପୃଷ୍ଠା ମାତ୍ର । ବୁଝିଲ ଧଉଳି, ଏ ଜାତିର ଇତିହାସରେ ପ୍ରତି ପୃଷ୍ଠା ଏହିପରି ଗୌରବ-ଦୀପ୍ତ, ମହୀୟାନ୍ । ଏହିପରି ଉତ୍ଥାନ ପତନ ମଧ୍ୟ ଦେଇ ଓଡ଼ିଆ ଜାତି ତା'ର ସଂସ୍କୃତି, ସଭ୍ୟତା ଗଢ଼ି ଆସିଛି ଯୁଗ ଯୁଗ ଧରି । ଚଣ୍ଡାଶୋକ ପରି କେତେ କେତେ ପ୍ରଳୟର ଧୂମକେତୁ ଏହି ଗଗନରେ ଦେଖା ଦେଇଛି, ପୁଣି ସଙ୍ଗେ ସଙ୍ଗେ

ହୋଇଛନ୍ତି ତା'ର ବଳୟ । ଧ୍ୱଂସର ତାଣ୍ଡବ ଲୀଳା ପରେ ପରେ
ଶୁଣାଯାଉଛି ନବ ସୃଷ୍ଟିର ମଧୁର ରାଗିଣୀ ।

ଧବଳ—କିନ୍ତୁ ଦେଶ ବକ୍ଷରେ ଆଜ ଯେଉଁ ଧୂମକେତୁର ଆବିର୍ଭାବ ହୋଇଛି, ତାହା କେବେ କି ବିଲୟ ହେବ ଆରେ ବନ୍ଧୁ ? ଧର୍ମ ଆଜ ହୀନପ୍ରଭ—ଶାନ୍ତି, ପ୍ରୀତି ଅବଲୁପ୍ତ—ଜନସମାଜ ମଧ୍ୟରେ ଈର୍ଷା, ଦ୍ୱେଷ, ବାଦ ବିସମ୍ବାଦ କାଳକୂଟ ବିଷ ପରି ସଞ୍ଚାରିତ ହେଉଛି । ଲାଞ୍ଚ, ମିଛ, ଛଳନା, ଭଣ୍ଡାମି ମାନବର ପବିତ୍ର ଜୀବନକୁ ଦୂଷିତ କରି ପକାଇଲଣି । ଏ ନବ-ଲବ୍ଧ ସ୍ୱାଧୀନତା ଆଜ ସ୍ୱେଚ୍ଛାଚାରରେ ପରିଣତ ହୋଇଛି । ଏ ପତନର କି ଉତ୍ଥାନ ଅଛି ବନ୍ଧୁ ?

ଇତିହାସ—ଧୈର୍ଯ୍ୟହୀନ ହୁଅନା ଧବଳ ! ରାତି ପରେ ପ୍ରଭାତ ହେବ । ଆଜିର ଏ ଅଶୁଭ ଅନ୍ଧକାର କ୍ଷଣସ୍ଥାୟୀ ମାତ୍ର । ଆସ, ଆମେ ଆମର କର୍ତ୍ତବ୍ୟ କରିଯିବା । ନିଜର ଶକ୍ତି ଅନୁସାରେ ଏ ସୁପ୍ତ, ହୀନବୀର୍ଯ୍ୟ ଜାତିକୁ ଉଦ୍‌ବୋଧନ ବାଣୀ ଶୁଣାଇ ଜାଗ୍ରତ କରିବା ! ଗାଅ—ମୋ କଣ୍ଠ ସହିତ କଣ୍ଠ ମିଳାଇ ଥରେ ଗାଅ—

ଉତ୍ତିଷ୍ଠତ ! ଜାଗ୍ରତ ! ପ୍ରାପ୍ୟ ବରାନ୍ ନିବୋଧତ ! ! (ନିଷ୍କ୍ରାନ୍ତ)

ଏମ୍: ଏଲ: ଏ:

[ଏମ୍: ଏଲ୍: ଏ: ମଧୁବାବୁଙ୍କର ବୈଠକଖାନା—କାନ୍ଥରେ ଗାନ୍ଧୀ, ଗୋପବନ୍ଧୁ ପ୍ରଭୃତିଙ୍କର ବଡ଼ ବଡ଼ ଫଟୋ ଟଙ୍ଗା ହୋଇଛି । ଟେବୁଲ ଉପରେ ଫାଇଲ୍ ପତ୍ର, ଖବରକାଗଜ । ଘରର ଗୋଟିଏ କଡ଼କୁ ଖଣ୍ଡିଏ ଲମ୍ବା ବେଞ୍ଚରେ ୩ଜଣ ଲୋକ ମଧୁବାବୁଙ୍କୁ ଦେଖା କରିବା ଲାଗି ଅପେକ୍ଷା କରି ବସିଛନ୍ତି । ମୁହଁରେ ବ୍ୟସ୍ତତା । ସମୟ ସକାଳ ପ୍ରାୟ ସାତଟା ।]

୧ମ ବ୍ୟକ୍ତି—(ବିରକ୍ତି ସହ) ଆଉ କେତେ ସମୟ ଏଠି ଅପେକ୍ଷା କରିବା ହେ ?

୨ୟ— ତେଣେ ମୋର ସବୁ କାମ ଛାଡ଼ି ଭୋରରୁ ଭୋରରୁ ବାହାରି ଆସିଲି ଯେ, ଲାଭଟା କଣ ହେଲା ? ସକାଳୁ ସକାଳୁ ଦୋକାନରେ କିଛି ବିକିବଟା କରି ଆଠଟା ବାସ୍‌ରେ ଆସିଥିଲେ, ବରଂ ଭଲ ହୋଇଥାନ୍ତା ।

୩ୟ—ରହ, ରହ, ଭୋଟ୍ ଦେଇ ଏମ୍: ଏଲ୍: ଏ: ବାଛିଚ, ଏତେ ବ୍ୟସ୍ତ କାହିଁକି ? ଏମ୍: ଏଲ୍: ଏ: ସାହେବଙ୍କର ଦର୍ଶନ ମିଳିବା କଣ ସହଜ କଥା ?

୧ମ—ସେଦିନର ସେଇ ଭୋଟ୍-ଭିକାରୀ ମଧୁ ମହାନ୍ତି, ଆଉ ଆଜିର ଏମ୍: ଏଲ୍: ଏ: ମଧୁବାବୁ—ଦୁହିଁଙ୍କୁ ତୁଳନା କଲ ଦେଖି !

୪ର୍ଥ—ଅରେ, ବାହାଘର ସନ୍ଦେଲେ ବେଦୀମୁହଁ ପୋଡ଼ା । ସ୍ତ୍ରୀ ସବସ୍ୱରେ ଘଟୁଛି । ଝାଡ଼ାଟଳବ ନେଲର ବ୍ୟସ୍ତତା ପାଣି ସାବିଲା ନେଲକୁ କି ଥାଏ ?

(ଗୃହର ଚଣ୍ଡୀ ପହଞ୍ଚି ଟେବୁଲ୍-ଚେୟାର ଝାଡ଼ିବାକୁ ଲଗିଲା)

୩ୟ—(ଚଣ୍ଡୀ ପ୍ରତି) ଅରେ, ତମ ବାବୁ କାହାନ୍ତି ?

ଚଣ୍ଡୀ—ପାଇଖାନା ଯାଇଥିଲେ ଅଜ୍ଞା ।

୩ୟ—ଓହୋ, ସକାଳ ଛ'ଟାରୁ ବାବୁ ପାଇଖାନା ଯାଇଛନ୍ତି— ଅସି ଅଠଟା ବାଜିଲାଣି ।

୧ମ—ଘଣ୍ଟା ଘଣ୍ଟା ଧରି ବାବୁ ପାଇଖାନା କରୁଛନ୍ତି ! ବଡ଼ ଅଶ୍ଚର୍ଯ୍ୟ କଥା !

୪ର୍ଥ—ମୁଖ୍ୟ ମନ୍ତ୍ରୀ ସକାଳୁ ପାଇଖାନା ଭିତରେ ବସି ଟ୍ରଡଦିନ ଖବରକାଗଜ ପଢ଼ା ସାରି ଦିଅନ୍ତି । ଅମ ଏମ୍: ଏଲ୍: ଏ: ବୋଧହୁଏ ମୁଖ୍ୟମନ୍ତ୍ରୀଙ୍କି ଅନୁକରଣ କରୁଛନ୍ତି ।

୨ୟ—ମଟୁବାବୁ ତା'ହେଲେ ଦିନେ ମନ୍ତ୍ରୀ ହୋଇ ପାରନ୍ତି । ଭଗବାନ କରନ୍ତୁ ! ଅମ ଭଳି ପେଣ୍ଟି କ୍ୟବସାୟୀଙ୍କର ଦୁଃଖ ଯାଉ !

୩ୟ—ବହୁତ ଡେ଼ ବଡ଼ କଥା ଅଗକୁ ଭାବି ଯାଉଛ ମହାଜନେ । ହଉ, ବର୍ତ୍ତମାନ ଉପସ୍ଥିତ କର୍ତ୍ତବ୍ୟ କଣ କହ ! ବସ୍ଦିବା—ନା ଖସିବା !

୧ମ—(ଚଣ୍ଡୀ ପ୍ରତି) ଅରେ, ବାବୁଙ୍କୁ ଖବର ଦେଇଥିଲୁ—ଅମେ ସବୁ ଅପେକ୍ଷା କରିଛୁଁ ବୋଲି ?

ଚଣ୍ଡୀ—ଖବର ତ ଦେଇଥିଲି ଅଜ୍ଞା ! ଅଉ ଥରେ ଯାଇ କହେଁ । (ଭିତରକୁ ଚୁଲିଗଲା)

୨ୟ—ଏମ୍: ଏଲ୍: ଏ: ହେଲା ପରେ ମଣିଷ ବେଶ୍ ଆରାମରେ ରହେ ଦେଖୁଛି । ଟଙ୍କା ପଇସାର ତ ଅଭାବ ନାହିଁ ! ପୁଣି ନିର୍ବାଚନମଣ୍ଡଳୀର ହଜାର ହଜାର ଲୋକ ତାଙ୍କ ହାତ ମୁଠାରେ—

(ଏମ୍: ଏଲ: ଏ: ତରବର ହୋଇ ପ୍ରବେଶ କଲେ— କାନ୍ଧରେ ତଉଲିଆ— ବାଁ ହାତରେ ଦର୍ପଣ— ଡାହାଣ ହାତରେ ସେଫ୍ଟି ରେଜର୍—ମୁହଁର ଗୋଟିଏ ପାଖ ଦାଢ଼ି ଖିଅର ହୋଇଛନ୍ତି—ଆଉ ଗୋଟିଏ ପାଖ ସାବୁନ୍ ଫେଣ ହୋଇ ସିମିତି ରହିଛି)

ମଧୁ— ହଁ, ମୋତେ ବରାବର ଲୋକମାନଙ୍କ ହାତମୁଠାରେ ରହିବାକୁ ପଡ଼ିବ । ଏ ଅଞ୍ଚଳର ଲୋକ-ପ୍ରତିନିଧି ଯେତେବେଳେ—

୪ ଜଣଯାକ—(ଉଠି ପଡ଼ି) ନମସ୍କାର—ନମସ୍କାର ଆଜ୍ଞା !

ମଧୁ— ନମସ୍କାର । ବସନ୍ତୁ—ବସନ୍ତୁ ! (ମଟୁବାବୁଙ୍କ ସମେତ ସମସ୍ତେ ବସିଲେ) ମୋର ଟିକିଏ ଡେରି ହୋଇଗଲା । ପ୍ରତିଦିନ ସକାଳୁ ନିଜର କେତେକ ନିତ୍ୟ-ନୈମିତ୍ତିକ କାର୍ଯ୍ୟ ସାରିବା ଲାଗି ମୋର ଘଣ୍ଟାଏ ଦି'ଘଣ୍ଟା ସମୟ ଦରକାର । ପାଇଖାନା, ଦାନ୍ତଘଷା କିମ୍ବା ଖିଅର ହେବା ଆଦି ବାସିକାମ ତ ରହିଛି ! ତା' ଛଡ଼ା ଆସନ-ପ୍ରାଣାୟାମ, ପ୍ରାର୍ଥନା-ଉପାସନା ଲାଗି—

୧ମ—ଆପଣ ନିଇତି ନିଇତି ଆସନ-ପ୍ରାଣାୟାମ ବି କରନ୍ତି !

ମଧୁ—ହଁ, ୧୯୪୨ ମସିହାରେ ଜେଲ୍‌ରେ ଥିବା ସମୟରେ ଆରମ୍ଭ କରିଥିଲି, ଅଭ୍ୟାସଟା ଏପର୍ଯ୍ୟନ୍ତ ରହି ଯାଇଛି ।

୩ୟ—ସେଇଥି ଲାଗି ଆପଣ ବୁଢ଼ା ହୋଇ ବି ଟୋକା ଭଳି ଦେଖା ଯାଉଛନ୍ତି । (ସମସ୍ତେ ହସି ଉଠିଲେ)

୨ୟ—ପୁଣି ଏ ପ୍ରାର୍ଥନା-ଉପାସନାର ମୂଲ୍ୟ କଣ କମ୍ ! ଆପଣଙ୍କ ଭଳି ଧର୍ମପରାୟଣ ବ୍ୟକ୍ତି କେବଳ—

ମଧୁ— ଛାଡ଼ନ୍ତୁ ସେ କଥା ! ଆପଣମାନେ କାହିଁକି ଅସିଥିଲେ କହନ୍ତୁ !

୨ୟ—ମୋର ବ୍ୟବସାୟ ଏକବାର୍ ଅଚଳ ଆଜ୍ଞା । କେରେସିନ୍ ତେଲ ତ ମିଳୁ ନାହିଁ । ସୁଜି-ମଇଦା ଆଖିରେ ଦେଖିବା ସାତ ସପନ ହେଲାଣି । ଲୁଗୁଗ୍ରେହରେ ଯାହା ମିଳୁଛି—

ମଧୁ—ସେଥିପାଇଁ ଆପଣ ସପ୍ଲାଇ ଅଫିସିକି ଯାଆନ୍ତୁ ! ଗାଁ ଗହଳର ପ୍ରତ୍ୟେକ ଛୁଟ୍‌କା ବ୍ୟବସାୟୀଙ୍କ ଲାଗି ସୁଜି-ମଇଦା କିବା କେରେସିନର କୋଟା ନିଶ୍ଚୟ ଥିବ ।

୨ୟ—ସେ ଅଢ଼େଇସେରିଆ ପାଞ୍ଚସେରିଆ କୋଟା ମୋର ଦରକାର ନାହିଁ । ଏତେ ବଡ଼ ପାଟଣାର ଅଞ୍ଚଳ ଲାଗି ତାହା ଓଠ ମୁହଁକୁ ଜାଗିଟିଏ ଭଳି । ତା'ଛଡ଼ା ସପ୍ଲାଇ ଅଫିସ୍‌ରେ ଦଶ-ପଚଶ ଦାନ-ଦକ୍ଷିଣା ଦେଲା ବେଳକୁ ଆମ ପ୍ରାଣ ଛାଡ଼ ଯାଉଛି ଆଜ୍ଞା ।

୪ର୍ଥ—ସପ୍ଲାଇ ଅଫିସିକି ପ୍ରଥମେ ଅଙ୍ଗୁଳି ଦେଖେଇଛ ତମେ, ବର୍ତ୍ତମାନ ବାହା ପର୍ଯ୍ୟନ୍ତ ଗିଲିଲା ବେଳକୁ ଆପତ୍ତି କରୁଛ କାହିଁକି ?

୧ମ ଲାଞ୍ଚ-ଘୁସ୍ ଆଜିକାଲି ଗୁରିଆଡ଼େ—ସବୁ ବିଭାଗରେ ! ତାକୁ ବନ୍ଦ କରିବ କିଏ ? ସରକାର ଯଦି କିଛି ଅଇନ୍ କରି—

ମଧୁ—ଲାଞ୍ଚ-ଘୁଷ୍ ଆଇନ୍ ଦ୍ୱାରା ବନ୍ଦ ହେବ ? ଆପଣ ମୋତେ ହସେଇଲେ । ଆପଣମାନଙ୍କର ବୋଧହୁଏ ଧାରଣା—ଅଇନ୍ ଦ୍ୱାରା ଚତୁର୍ବର୍ଗ ଫଳ ମିଳିପାରେ । ଅସେମ୍ବ୍ଲିରେ ଶହେ ଦେଢ଼ ଶହ ଏମ୍: ଏଲ୍: ଏ: ବସି କେତେ ଆଇନ୍ କରୁଛନ୍ତି । ଲୋକେ ଯଦି ତାହା ସବୁ ମାନି ଚଳୁଥାନ୍ତେ, ତା' ହେଲେ ଆଜି ଆଉ ଏତେ ଗୋଳମାଳ ନ ଥାନ୍ତା !

୩ୟ—ସତ କଥା । ଜନସାଧାରଣ ଆଇନ୍ ନ ମାନିଲେ ସରକାରଙ୍କର ଅଉ ଗତି କଣ ?

ମଧୁ—ଲାଞ୍ଚ ନେବା-ଲୋକ ଓ ଦେବା-ଲୋକ ଉଭୟେ ଯଦି ସଚେତନ ନ ହୁଅନ୍ତି—ଯେ ସେମାନେ ଏକ ଭୁଲ୍ କାମ କରୁଛନ୍ତି, ତା ହେଲେ ଏ ଲାଞ୍ଚ-ଘୁଷ୍ କଦାପି ବନ୍ଦ ହୋଇ ପାରିବ ନାହିଁ । ମୋ ମତରେ ଯେ ଲାଞ୍ଚ ନିଏ, ସେ ତ ସହଜରେ ଦୋଷୀ ! ଅଉ ଯେ ଲାଞ୍ଚ ଦିଏ, ସେ ବି ସମାନ ପରିମାଣରେ ଦୋଷୀ । ପାପ କରିବା ଓ ପାପ କରିବାକୁ ପ୍ରଶ୍ରୟ ଦେବା—ଏକା କଥା ।

୨ୟ—କେତେକ ସ୍ଥାନରେ କିଛି କିଛି ଲାଞ୍ଚ-ଘୁଷ୍ ନ ଦେଲେ, କାମ ଚଳୁ ନାହିଁ ବାବୁ !

ମଧୁ—ଲାଞ୍ଚ ଦେଇ କରି ବି ଆପଣଙ୍କର କାମ ଯେ ଅଟକି ରହୁଛି—ସେ କଥା ବୁଝି ପାରୁ ନାହାନ୍ତି ! ନୋହିଲେ ଆପଣ ମୋ ପାଖକୁ ଆଜି ଆସିଥାଆନ୍ତେ କାହିଁକି ?

୨ୟ—ଯା' ହେଉ, ସ୍କୁଲ ଇନ୍‌ସପେକ୍ଟର୍‌ଙ୍କ ସହିତ ଆପଣଙ୍କର ଭଲ ଜଣାଶୁଣା ଅଛି, ଆପଣ ତାଙ୍କୁ ଟିକିଏ ମୋ ବିଷୟ ଲେଖି ଦିଅନ୍ତୁ !

ମଧୁ—(କିଛି କ୍ଷଣ ଚିନ୍ତା କରି) ଲେଖିବି ଆଉ କଣ ? ଦେଖା ହେଲେ, ତାଙ୍କୁ ଅପଣଙ୍କ ବିଷୟ କହିବି । ଆପଣଙ୍କ ନାମ ମୁଁ ଲେଖି ରଖୁଛି, ଆପଣ ବର୍ତ୍ତମାନ ଆସନ୍ତୁ ! (୨ୟ ବ୍ୟକ୍ତି ନମସ୍କାର କରି ଚାଲିଗଲେ—ମଧୁବାବୁ ତାଙ୍କ ନାମ ଲେଖିଲା ବେଳେ ଟେବୁଲ୍ ଉପରେ ଥିବା ଦର୍ପଣରେ ଦୃଷ୍ଟି ପଡ଼ିଗଲା) ଅରେ, ଅଧା ଖିଅର ହୋଇ ସିମିତ ରହିଛି !

(ତରବରରେ ମୁହଁ ପୋଛି ପକାଇଲେ)

୧ମ—ଆପଣ ଯାଆନ୍ତୁ, କାର୍ଯ୍ୟକର୍ମ ସାରି ଆସନ୍ତୁ ! ଆମେ ପଛେ ଏଠି ଅପେକ୍ଷା କରୁଛୁଁ ।

ମଧୁ—ନା, ନା, ଆପଣମାନେ ୫ । ୬ ମାଇଲ୍ ଦୂରରୁ ଆସିଛନ୍ତି, ଆଗେ ଆପଣମାନଙ୍କ କାମ ଶେଷ କରିଦିଏଁ ।

୧ମ—(୪ର୍ଥ ପ୍ରତି) ନିରଞ୍ଜନ ବାବୁ, ତମ କାମଟା ଆଗେ ସାରି ନିଅ ! ଆମର ବଡ଼ ବଡ଼ କଥା ପଛକୁ ଥାଉ !

୪ର୍ଥ—(ମଧୁବାବୁ ପ୍ରତି) ମୋତେ ଆଜ୍ଞା ଚିହ୍ନି ପାରୁଛନ୍ତି ?

ମଧୁ—ନିରଞ୍ଜନ ଦାଶଟି ! ମନ୍ଦ, ତମ କଥା ମୁଁ ଭୁଲିଯିବି ? ଇଲେକ୍ସନ୍ ସମୟରେ ମୋତେ ଏତେ ସାହାଯ୍ୟ କରିଛ—ଭୁଲିବା କଣ ସହଜ !

୪ର୍ଥ—ଭୁଲି ଯାଇ ନ ଥିଲେ, ଆମେ କଣ ଆଜି ଏଇ ଅବସ୍ଥାରେ ପଡ଼ି ଥାଆନ୍ତୁ ?

ମଧୁ—କି ଅବସ୍ଥା ? ବର୍ତ୍ତମାନ କଣ କରୁଛ ?

୪ର୍ଥ—ତୁଣ୍ଡାଟାରେ ଘରେ ବସିଛି । ଦୁଇ ଦୁଇ ଥର ପରୀକ୍ଷା ଦେଇ ଆଇ: ଏ: ଖଣ୍ଡିକ ପାସ୍ କରି ପାରିଲି ନାହିଁ । ବର୍ତ୍ତମାନ ବେକାର !

ମଧୁ—ବଡ଼ ଦୁଃଖର କଥା ! କୌଣସିଠିଁ କିଛି ବ୍ୟବସ୍ଥା କରି ପାରୁ ନାହଁ ?

୪ର୍ଥ—ନା, ସେଥିପାଇଁ ଅପଣଙ୍କ ଉପରେ ଭରସା କରି ଆସିଥିଲି—

ମଧୁ—ଏ ତ ମୁସ୍କିଲ କଥା ! ମୁଁ ତମ ଲାଗି କି ବ୍ୟବସ୍ଥା କରି ପାରିବି କହୁଛ ? ମୁଁ ଚାକିରି ସୃଷ୍ଟି କରି ପାରିବି, ନା ଆର୍ଥିକ ସାହାଯ୍ୟ ଦେଇ ଚଳାଇ ପାରିବି ? ଶୁଣୁଛ ନିରଞ୍ଜନ, ତମ ଭଳି ଶିକ୍ଷିତ ଲୋକ ଯଦି ମୋ ଅବସ୍ଥା ନ ବୁଝିବ, ତା' ହେଲେ

ମୋର ଅଉ ଉପାୟ କଣ ! ଜନସାଧାରଣଙ୍କର ଧାରଣା—ଏମ୍: ଏଲ୍: ଏ:ମାନେ ସବୁ କିଛି କରି ପାରନ୍ତି—ନିର୍ବାଚନ-ମଣ୍ଡଳୀ ଉପରେ ଘିଅ-ମହୁ ବରଷି ଦେଇ ପାରନ୍ତି—ଲୋକମାନଙ୍କୁ ଏକାବେଳେ ସ୍ୱର୍ଗସୁଖ ଆଣି ଦେଇ ପାରନ୍ତି ।

୪ର୍ଥ—ସେ କଥା ନୁହେଁ ଅଜ୍ଞା । ମୁଁ ଆପଣଙ୍କୁ ଆଦୌ ବ୍ୟସ୍ତ କରିବାକୁ ଚାହୁଁ ନାହିଁ । ମୋ ନିଜ କଥା ମୁଁ ବ୍ୟବସ୍ଥା କରୁଛି । ଆପଣ ଖାଲି ଟିକିଏ—

ମଧୁ—କଣ କେଉଁଠି କିଛି ଅନୁସନ୍ଧାନ କରିଛ ?

୪ର୍ଥ—ଆମ ପାଠପୁର ପଞ୍ଚାୟତର ସେକ୍ରେଟେରି ଗୁରୁତର—

ମଧୁ—ସେଠି ପରା ଶ୍ରୀଧର ବଣ୍ଟିଆଳ ସେକ୍ରେଟେରି ଅଛନ୍ତି !

୪ର୍ଥ—ହଁ ଅଜ୍ଞା, ସେ କିନ୍ତୁ ସେ ଦଳର ଲୋକ । ସବୁ କାମ ତାଙ୍କ ଦଳର ସ୍ୱାର୍ଥ ଦୃଷ୍ଟିରୁ କରୁଛନ୍ତି ।

ମଧୁ—କିନ୍ତୁ ତାଙ୍କ ନାମରେ କିଛି ଆପତ୍ତି ଅଭିଯୋଗ ନାହିଁ । ବିନା ଦୋଷରେ ତାଙ୍କୁ କପରି ସେଠୁ ତଡ଼ି ଦିଆଯିବ ? ନା, ସେ କଥା ହେବ ନାହିଁ । ଅନ୍ୟ ବ୍ୟବସ୍ଥା କିଛି ଦେଖ !

୪ର୍ଥ—ତା'ହେଲେ·········ହଁ, ଏ ଅଞ୍ଚଳରେ ପବ୍ଲିସିଟି ଓ୍ୱାର୍କର୍ ବର୍ତ୍ତମାନ କେହି ନାହାନ୍ତି । ଆପଣ ଯଦି ଦୟା କରି ମୋ ବିଷୟରେ ଥରେ ଚେଷ୍ଟା କରନ୍ତେ—

ମଧୁ—ହଁ, ସେ ବ୍ୟବସ୍ଥା କରାଯାଇ ପାରେ । ତମେ ସେଇ କାମକୁ ଭଲ ପାରିବ । ମୁଁ ବୁଝିବି ସେ ବିଷୟ । ତମ କଥା ମୋର ମନେ ରହିଲା ।

୪ର୍ଥ—ମୁଁ ତେବେ ଆସୁଛି ଅଜ୍ଞା ।

ମଧୁ—ହଉ ଆସ ! ଗାଁରେ ଯୁବକ-ସଂଘ ଭଲ ଭାବରେ ଚଳାଉଥିବ । ମୁଁ ଏହା ଭିତରେ କେବେ ଥରେ ସେଆଡ଼େ ଯିବି ।

(ନମସ୍କାର କରି ୪ର୍ଥ ବ୍ୟକ୍ତି ଜଣକ ପ୍ରସ୍ଥାନ କଲା)

୩ୟ—ଆମ ଅଡ଼େ ଆଉ କେବେ ଆପଣଙ୍କ ପାଦ ପଡ଼ିଲା ନାହିଁ ଆଜ୍ଞା । ସେଇ ଯାହା ଭୋଟ୍ ସମୟରେ ଦ'ବର୍ଷ ତଳେ ଯାଇଥିଲେ—

ମଧୁ—କାହିଁକି ? ଏଇ ଗତ ଦୋଳ ସମୟରେ ତ ଯାଇଥିଲି ! ସାଙ୍ଗରେ ଥିଲେ ବ: ଡ: ଓ: । ଚଉଳ ନଈରେ କପର ପୋଲ୍ ହୋଇ ପାରିବ, ଦେଖିବାକୁ ଯାଇଥିଲି । ଏପଟରୁ ରାସ୍ତାଟା ଏଇବାର୍ ନଈ ପର୍ଯ୍ୟନ୍ତ ଚାଲି ଗଲାଣି । ବାକି ସେ ପଟରୁ ଆପଣଙ୍କ ଗାଁ ପର୍ଯ୍ୟନ୍ତ ଅଧ ମାଇଲ୍ଏ ରାସ୍ତା ବନ୍ଧାଇ ଦେଲେ, ସରକାରଙ୍କ ତରଫରୁ ନଈ ଉପରେ ମଜବୁତ୍ ପୋଲ୍ଟାଏ କରି ଦିଆଯିବ ।

୧ମ—ସେଇ କଥା ତ ପଡ଼ିଛି ଆଜ୍ଞା । ବର୍ତ୍ତମାନ ଅଧ ମାଇଲ୍ଏ ରାସ୍ତା କିଏ କମିତି କରିବ ! ଗାଁରେ ଦୁଇ-ତିନିଟା ଦଳ । ଦଳେ କହୁଛନ୍ତି—ଗାଁର ପୂର୍ବ ଦିଗରୁ ରାସ୍ତା ବାହାରୁ ! ଆଉ ଦଳେ କହୁଛନ୍ତି—ପଶ୍ଚିମ ଦିଗରୁ ହେଉ ! ପୁଣି ଆଉ କେହି କେହି—

ମଧୁ—ଏମିତି ଦଳାଦଳି ଲାଗିଲେ ତ କୌଣସି ଉନ୍ନୟନମୂଳକ କାମ ହୋଇ ପାରିବ ନାହିଁ । ଶେଷେ ପୋଲ୍ ଲାଗି ମଞ୍ଜୁର ହୋଇଥିବା ସରକାରୀ ଟଙ୍କା ଫେରସ୍ତ ଯିବ ।

୩ୟ—ଗାଁରେ ଦେଢ଼ ଶହ ଘର ଆଜ୍ଞା ଆମ ପକ୍ଷରେ । ସେ ପଟରେ ମୋଟେ ଚାଳିଶ ପଚିଶ ଘର । ଏ ଗଣତନ୍ତ୍ର ଶାସନରେ ସଂଖ୍ୟାଗରିଷ୍ଠ ଦଳର ମତ କଣ ଏକାବେଳେ ମୂଲ୍ୟହୀନ ?

ମଧୁ—ସଂଖ୍ୟାଗରିଷ୍ଠ ଦଳ ଯେ ସବୁବେଳେ ଠିକ୍ କଥା କହନ୍ତି ଏବଂ ଠିକ୍ କାମ କରନ୍ତି—ସେ କଥା ଭାବନ୍ତୁ ନାହିଁ । ତେବେ ଉପସ୍ଥିତ କ୍ଷେତ୍ରରେ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଯେଉଁ ପଟରେ ରାସ୍ତା ଯିବା ଉଚିତ ଓ ନ୍ୟାୟସଙ୍ଗତ, ସେଇ ପଟରେ ରାସ୍ତା ପଡ଼ିବ ?

୧ମ—ବର୍ତ୍ତମାନ ସେଇ ଉଚିତ, ନ୍ୟାୟସଙ୍ଗତ କଥାଟା ବାଛିବ କିଏ ?

୩ୟ—ଆପଣ ତ ଆମର ଏମ୍: ଏଲ୍: ଏ:—ଆପଣ ବାଛି ଦିଅନ୍ତୁ । ଆପଣଙ୍କ କଥା ସବୁ ଦଳର ଲୋକେ ନିଶ୍ଚୟ ମାନିବେ ।

ମଧୁ—ଭଲ କଥା ! ମୋର ସେଥିରେ ଆପତ୍ତି ନାହିଁ ।

(ଚଣ୍ଡୀର ପ୍ରବେଶ)

ଚଣ୍ଡୀ—ମା ଡାକୁଛନ୍ତି ଆଜ୍ଞା । ତେଣେ ଚା-ଜଳଖିଆ ଥଣ୍ଡା ହୋଇ ଯାଉଛି ।

ମଧୁ—(ଚେୟାର ଛାଡ଼ି ଉଠିଲେ) ହଉ, ମୁଁ ତା ହେଲେ ସୁବିଧା ଦେଖି ଆପଣଙ୍କ ଗାଁକୁ ଯିବି । ଯିବା ପୂର୍ବରୁ ଆପଣମାନଙ୍କୁ ଖବର ଦେବି । ଆପଣମାନେ ଯାଆନ୍ତୁ. ମିଳିମିଶି ଗାଁରେ କିଛି କାମ କରନ୍ତୁ ! ଏବଂ ମୋତେ ମଧ୍ୟ କିଛି କାମ କରିବାକୁ ସୁଯୋଗ ଦିଅନ୍ତୁ ! ଆପଣମାନଙ୍କ ମଧ୍ୟରେ ଯେତେ ଦିନ ପର୍ଯ୍ୟନ୍ତ ଏପରି ଦଳାଦଳି, ଭେଦଭାବ ଥିବ, ମୁଁ ଆପଣମାନଙ୍କ ଲାଗି କୌଣସି ଭଲ କାମ କରି ପାରିବି ନାହିଁ । ଏ କଥା ବରାବର ମନେ ରଖିଥିବେ । ହଉ, ନମସ୍କାର ! (ଭିତରକୁ ଯିବାକୁ ଉଦ୍ୟତ ହେଉଛନ୍ତି, ଏତିକି ବେଳେ ଜଣେ ଯୁବକ ଡାକ୍ତରର ପ୍ରବେଶ କଲେ । ଲୋକ ତିନିଜଣ ପ୍ରସ୍ଥାନ କଲେ)

ଡାକ୍ତର—ନମସ୍କାର ସାର !

ମଧୁ—(ସାନନ୍ଦ ଓ ସବିସ୍ମୟରେ) ଆରେ ଡାକ୍ତର, ତମେ ଏ ସକାଳୁ ସକାଳୁ କୁଆଡ଼େ ?

ଡାକ୍ତର—ସିଧା ମାଲକାନ୍‌ଗିରିରୁ ଆସୁଛି । ଆପଣଙ୍କ ପାଖରେ ବିରାଟ କାମ । -

ମଧୁ—ବିରାଟ କାମ । ହଉ, ବସ ! (ଡାକ୍ତରଙ୍କୁ ବସାଇ ନିଜେ ବସିଲେ ଏବଂ ଚଣ୍ଡୀକୁ କହିଲେ—) ଚଣ୍ଡୀ, ଯା—ଟିକେ ଜଳଖିଆ ଏଠିକି ନେଇ ଆ ! ଆଉ ଘରେ ଖବର ଦେ—ତାଙ୍କ ମାମୁଁ ପୁଅ ଭାଇ ଡାକ୍ତର ଆସିଛନ୍ତି । (ଚଣ୍ଡୀ ଭିତରକୁ ଗଲା)

ଡାକ୍ତର—ଆଚ୍ଛା ଆପଣମାନେ ମୋତେ କାହିଁକି ଏତେ ହଇରାଣ କରୁଛନ୍ତି କହିଲେ ?

ମଧୁ—(ବିସ୍ମିତ ହୋଇ) ହଇରାଣ କରୁଛୁଁ ଆମେ ?

ଡାକ୍ତର—ହଁ, ହଁ, ଆପଣମାନେ ଅର୍ଥାତ୍ ଆପଣଙ୍କ ସରକାର, ଆଉ ସରକାରୀ ସ୍ୱାସ୍ଥ୍ୟ ବିଭାଗ । ଘର ହେଲା—ଓଡ଼ିଶାର ଉତ୍ତର ସୀମା ବାଲେଶ୍ୱର, ଆଉ ଚାକିରି କରିବି—ଏବେବେଳେ ଦକ୍ଷିଣ ସୀମା କୋରାପୁଟରେ । ଏ ଯେପରି ଆକାଶ ପାତାଳର ସଂପର୍କ !

ମଧୁ— ଖରାପ କଣ ହେଲା ? ଏ ସ୍ପୁଟ୍‌ନିକ୍ ଯୁଗରେ ଅକାଶ-ପାତାଳ ଭିତରେ କୌଣସି ପାର୍ଥକ୍ୟ ନାହିଁ । ଯୁବକ ତମେ, ତମ ପାଖରେ ଦୂର-ନିକଟ ଏକା କଥା ! ଯେଉଁଠି ରହିବ, ସେଠି ତମ ଘର । ଦୂର-ଦୂର ଯାଗାକୁ ତମମାନଙ୍କୁ ନ ପଠାଇ ଆଉ କଣ ବୁଢ଼ାମାନଙ୍କୁ ପଠାଇବୁ ?

ଡାକ୍ତର—ସେ ସବୁ ବଡ ବଡ ନେତାଙ୍କର କଥା ଢେର ଶୁଣିଛି । ଶୀଘ୍ର ମୋତେ ଏକ ପାଖଆଖ ଯାଗାକୁ ବଦଳି କରାଇବେ ଯତ୍ନ କରନ୍ତୁ ! ନୋହିଲେ ଚାକିରି ଛାଡ଼ିଲି !

ମଧୁ—ଅରେ ପାଗଳ, ନା ପେଟ ଖରାପ ! ଆଉ କିଛି ଦିନ ସେଠି ରହି ଯାଅ ! ଅନ୍ତତଃ ବର୍ଷ ଗୋଟାଏ ପୂରିଯାଉ ! ତାପରେ ଦେଖିବା ।

(ଚଣ୍ଡୀ ଜଳଖିଆ, ପାଣି ଆଣିବାକୁ ଲଗିଲା)

ଡାକ୍ତର—ଆଉ ଗୋଟାଏ ଦିନ ବି ସେଠି ରହି ପାରିବି ନାହିଁ । ପାଞ୍ଚ ମାସ ହେଲା ବରାବର ମୋ ଦେହ ସେଠି ଖରାପ ରହୁଛି । ମୁଁ ଆଉ କାମ କରିବି କଣ ?

ମଧୁ—ତମେ ଏ ଶାସନ କଳ କଥା ଟିକିଏ ସହାନୁଭୂତି ସହିତ ବିଚାର କର ଡାକ୍ତର । ସମସ୍ତ ସରକାରୀ କର୍ମଚାରୀ ଯଦି ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥ-ସୁବିଧା ଖୋଜି ବସିବେ, ତା ହେଲେ ଶାସନ ଚଳିବ କିମିତି ?

ଡାକ୍ତର—ସେ ଯାହାହେଉ, ମୋର ବଦଳିଟା କିନ୍ତୁ ନିହାତି କରୁଛି ।

ମଧୁ—ହଉ, ସେ କଥା ଦେଖିବା । ତମେ ଆଗେ ଜଳଖିଆ ଖାଅ !

(ଦୁହେଁ ଜଳଖିଆ ଖାଇବାକୁ ଲାଗିଲେ, ଚଣ୍ଡୀ ଗ୍ଲ ଆଣିବାକୁ ଗଲା)

ଡାକ୍ତର—ମୁଁ ଜଣେ ମୋର ଡାକ୍ତର ବନ୍ଧୁ ସହିତ କଥାବାର୍ତ୍ତା କରିଛି । ସେ ସେହି କୋରାପୁଟର ଲୋକ । ତାଙ୍କୁ ମାଲକାନଗିରି ପଠାଇ ତାରି ଯାଗାରେ—

ମଧୁ—ସେ ବର୍ତ୍ତମାନ ଅଛନ୍ତି କେଉଁଠି ?

ଡାକ୍ତର—ଏଇ ଯାଜପୁରରେ । ଯାଜପୁର ଯିବା ଲାଗି ମୋର ଅପତ୍ତି ନାହିଁ । (ଚଣ୍ଡୀ ଗ୍ଲ ନେଇ ଆସିଲା—ତା' ପଛରେ ଆସିଛି ଅଶୋକ—ମଧୁବାବୁଙ୍କ ପୁଅ, ଡାକ୍ତରଙ୍କ ପାଦ ଛୁଇଁ

ପ୍ରଣାମ କଲା) ଅରେ ଅଶୋକ ! ଭଲ ଅଛୁ ? ତୁ' ଏଥର ମେଟ୍ରିକ୍ ପାଶ୍ କଲୁ ପରା ?

ଅଶୋକ—ହଁ, ଫାଷ୍ଟ ଡିଭିଜନ୍‌ରେ ।

ଡାକ୍ତର—ସାବ୍‌ବାସ୍ ! (ମଧୁବାବୁଙ୍କ ପ୍ରତି) ଯାଙ୍କୁ ପୁଣି କଣ ପଢ଼ାଇବାକୁ ସ୍ଥିର କରିଛନ୍ତି ?

ମଧୁ—ଅଇଃ ଏସ୍ଃ ସିଃ ପଢୁ ! ତା'ପରେ ଡାକ୍ତର କି ଇଞ୍ଜିନିୟରିଂ କଣ୍ଟା ଗୋଟାଏ ଦେଖିବା ।

ଡାକ୍ତର—(ଅଶୋକ ପ୍ରତି) ତୋର ଲକ୍ଷ୍ୟ କଣରେ ?

ଅଶୋକ—ମୁଁ ଡାକ୍ତର ପଢ଼ିବି । (ଅଳ୍ପ କ୍ଷଣ ରହି) ଆପଣଙ୍କୁ ମା' ଭିତରେ ଡାକୁଛନ୍ତି ।

ମଧୁ—ଯାଅ, ଯାଅ, ତମ ଅପାଙ୍କୁ ଆଗେ ଦେଖା କରି ଅସ ! (ଡାକ୍ତର ଭିତରକୁ ଗଲେ)

ଅଶୋକ—ବାପା, ଅଜ ମୁଁ କଟକ ଯିବି—ଏଇ ଅସାନ୍‌ସୋଲ ଗାଡ଼ିରେ । କାଲି ନାମଲେଖା ତାରିଖ ।

ମଧୁ—ଆରେ ସତେ ତ ! ପଦେ ଦେଢ଼ ଶହ ଟଙ୍କା ଏକ୍ଷଣି ଦରକାର । ଟଙ୍କା କଥା ତୋ ମାଆଙ୍କୁ କହିଚୁଟି ?

ଅଶୋକ—ମା କହିଲେ—ତାଙ୍କ ପାଖରେ ଟଙ୍କା ନାହିଁ । ସେ ମୋତେ ଆପଣଙ୍କ ପାଖକୁ ପଠାଇଲେ ।

ମଧୁ—(ବିବ୍ରତ ହୋଇ) ବଡ଼ ମୁସ୍କିଲ କଥା ! ଟଙ୍କା କାହିଁ ?—ଦେଢ଼ ଶହ ଟଙ୍କା ! ହଉ, ରହ ! ମୁଁ ଆସୁଛି ।

(ଭିତରକୁ ଗୁଲିଗଲେ)

ଚଣ୍ଡୀ—(କପ୍ ପ୍ଲେଟ୍ ଗୋଟାଉଁ ଗୋଟାଉଁ) ବେଶୀ ବଢ଼ି ପାଠ ପଢ଼ିବାକୁ ତମେ କଟକ ଯିବ ବାବୁ ! କଟକଟା ଭାରି ବଡ଼ ସହର ।ହୁସିଆର୍ ହୋଇ ଚଳିବ ।

ଅଶୋକ—ସତେ ! ତୁ' ତାହେଲେ କଟକ ଦେଖିଛୁ !

ଚଣ୍ଡୀ—ଅନେକ ଥର ଆଜ୍ଞା । କଟକ୍ ଚଣ୍ଡୀ ସେଠି ଭାରି ପ୍ରତ୍ୟକ୍ଷ ଦେବତା । ମୁଁ ଯେତେବେଳେ ମା' ପେଟରେ ଥାଏଁ, ମୋ ବାପ-ମା କଟକ ଚଣ୍ଡୀ ଦର୍ଶନ କରି ଯାଇଥିଲେ । ମା' ଚଣ୍ଡୀଙ୍କ ପାଖରେ ପୁଅଟିଏ ମାନସିକ କରି ବାପା ଭୋଗ ଲଗେଇଲାରୁ ମୁଁ ଜନ୍ମ ହେଲି । ସେଇଠୁ ବାପ-ମା' ମୋ ନାଁ ଦେଲେ —ଚଣ୍ଡୀ ।

ଅଶୋକ—ଚଣ୍ଡୀ ନାଁଟା କିନ୍ତୁ ଭାରି ଖରାପ—ମାଇକିନିଆ ନାଁ ।

ଚଣ୍ଡୀ—ଛିଃ, ଠାକୁରାଣୀଙ୍କ ର ନାଁକୁ ସିମିତ କହନ୍ତୁ ! (ହାତଯୋଡ଼ି ନମସ୍କାର କରି) ମା' କଟକ ଚଣ୍ଡୀ, ଅଶୋକବାବୁଙ୍କ ର ମଙ୍ଗଳ କରନ୍ତୁ ।

(ମଧୁ ବାବୁ ପ୍ରବେଶ କଲେ—ହାତରେ ଗୋଟିଏ ନେକ୍‌ଲେସ୍ କେସ୍)

ମଧୁ—(ଚେୟାର୍‌ରେ ବସି ଚିଠିଟାଏ ଲେଖୁଁ ଲେଖୁଁ) ବାବା ଅଶୋକ, ତୁ' ଏଇ ସୁନା ହାରଟା ନେଇ ମନୋହରଲାଲ ମାରୱାଡ଼ି ଗଦିକି ଚାଲି ଯା ! ମୋର ଏ ଚିଠି ଶେଠଜୀଙ୍କି ଦେବୁ । କହିବୁ—ବାପା ପଠାଇଛନ୍ତି, ଦୁଇ ଶହ ଟଙ୍କା ଏକ୍ଷଣି ଜରୁରି ଦରକାର । (ଚିଠିଟା ବଢାଇ ଦେଲେ) ଚଣ୍ଡୀ ତୁ' ବି ଅଶୋକ ସାଙ୍ଗରେ ଯା ! ବଜାର-ସହର ଯାଗା, ଟଙ୍କା ସାବଧାନରେ ଆଣିବ । ଏ କପ୍-ପ୍ଲେଟ୍ ଗୁଡ଼ା ଆଗେ ଘରେ ଥୋଇ ଦେଇ ଯା !

(ଚଣ୍ଡୀ କପ୍ ପ୍ଲେଟ୍ ନେଇ ଭିତରକୁ ଗଲା ଓ ସଙ୍ଗେ ସଙ୍ଗେ ଫେରି ଆସିଲା।

ଚଣ୍ଡୀ—(ଅଶୋକ ପ୍ରତି) ଆସ ବାବୁ ! (ଅଶୋକ ଓ ଚଣ୍ଡୀଙ୍କର ପ୍ରସ୍ଥାନ—ମଧୁ ବାବୁ ଚିନ୍ତିତ ମନ, ବିରସ ବଦନରେ ବସି ମଥାର ବାଳ ଟାଣୁଥିଲା ବେଳେ ବାହାର ପଟରୁ ଜଣେ ପ୍ରୌଢ଼ ବାବାଜୀଙ୍କର ଡାକ ଶୁଭିଲା—)

ବାବାଜୀ—ମଧୁସୂଦନ ବାବା ଘରେ ଅଛନ୍ତି ?

ମଧୁ—ଆସନ୍ତୁ, ଆସନ୍ତୁ, ଭିତରକୁ ଆସନ୍ତୁ !

ବାବାଜୀ—(ପଶିଆସି) ଜୟ ମା କାଳୀ—ଜୟ ମା କାଳୀ ! (ମଧୁ ବାବୁ ପ୍ରଣାମ କଲେ) ଜିତେ ରହୋ ବେଟା ! ତମର ସବୁ ଅଚ୍ଛା ମଙ୍ଗଳ ତ ? (ମଧୁ ବାବୁଙ୍କ ମଥାରେ ସିନ୍ଦୂର ପିନ୍ଧାଇ ଦେଲେ)

ମଧୁ—ଆପଣଙ୍କ ଆଶୀର୍ବାଦରୁ ସବୁ ମଙ୍ଗଳ। ତା'ପରେ ଆପଣଙ୍କର ଖବର କଣ ?

ବାବାଜୀ—ଜୟ ମା କାଳୀ ! ଆମର ଆଉ ଖବର କଣ ବାବା ! ତମମାନଙ୍କ ସାହାଯ୍ୟ-ସହଯୋଗରୁ ମାଆଙ୍କ ମନ୍ଦିରଟା ତୋଳା ହୋଇଗଲା। ବାକି ଦେଉଳର ମଣ୍ଡି ମଣ୍ଡପ କମିତ ! ଏକ୍ଷଣି ଆଉ ଶହେ ଦୁଇଶହ ଟଙ୍କା ଲୋଡ଼ା। ମୁଁ ସେଥିପାଇଁ କିଛି ଚିନ୍ତା କରୁ ନାହିଁ ବାବା ! ତମମାନଙ୍କ ଭଳି ଭକ୍ତ ଥାଉଁ ଥାଉଁ—

ମଧୁ—ମୁଁ ଆଉ କଣ କରି ପାରିବି ? ମୋର ଆର୍ଥିକ ଅବସ୍ଥା ଏକ୍ଷଣି ବଡ଼ ଖରାପ।

ବାବାଜୀ— ନା, ନା, ବାବା, ମା' ତୁମର କିଛି ଅପୂର୍ଣ୍ଣ ରଖି ନାହାନ୍ତି, କି ରଖିବେ ନାହିଁ। ମୁଁ ବରାବର ତମଲାଗି ମାଆଙ୍କୁ ପ୍ରାର୍ଥନା

କରୁଛନ୍ତି । ମା’ ନିଶ୍ଚେ ଜବାବ ଦେବେ । ଭୋଟ୍ ପୂର୍ବରୁ ତ ଦେଖିଛ—ମାଆଙ୍କୁ ଯିମିତି ଡାକିଲ—ତମେ ଭୋଟ୍ ଜିତିଗଲ !

ମଧୁ—ସବୁ ମାଆଙ୍କ ଲୀଳା । ମଣିଷ ନିମିତ୍ତ ମାତ୍ର ।

ବାବାଜୀ—ଜୟ ମା’ କାଳୀ ! ମାଆଙ୍କ କାମ କେବେ ଭଗ୍ନ ହେବ ନାହିଁ ବାବା । ନିଶ୍ଚେ ମନ୍ଦିରର ମୁଣ୍ଡି ମରିବ । ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡୀ ମାରି ଦୁନିଆଁରେ ନାମ ରଖିଛନ୍ତି । ମଧୁସୂଦନ ବାବା ସେହିପରି ମା’ ଭୁବନେଶ୍ବରୀଙ୍କ ଦେଉଳର ମୁଣ୍ଡି ମାରି କୀର୍ତ୍ତି ରଖିବ ।

ମଧୁ—ମୋତେ ବଡ଼ ଅଡୁଆରେ ପକାଇଲେ ଆପଣ । ହଉ, ଆପଣ ଥରେ ଏଠାକାର ଅନ୍ୟାନ୍ୟ ଧର୍ମପ୍ରାଣ ବ୍ୟକ୍ତିମାନଙ୍କ ପାଖକୁ ଯାଆନ୍ତୁ ! ଆମ ଏଇ ମାରୱାଡ଼ି ପଟ୍ଟିରୁ ମୋଟା ରକମ କିଛି ମିଳି ପାରିବ । ଶେଷକୁ ଯାହା ଅଭାବ ହେବ ଦେଖିବା । ବୁଝିଲେ ?

ବାବାଜୀ—ଯାହାହେଉ, ତମକୁ ବାବା ମୁଁ ମୂଳ କରି ଧରିଛି । ତମେ କାମଟା ମଥାକୁ ନ ନେଲେ, ହୋଇ ପାରିବ ନାହିଁ । ଏହା ପୂର୍ବରୁ ମୁଁ ଏଠିକି ଦୁଇ ଥର ଆସି ଫେରିଛି, ସେତେବେଳେ ତମେ ଭୁବନେଶ୍ୱରରେ ଥିଲ ।

ମଧୁ—ହଉ, ଆପଣ ବର୍ତ୍ତମାନ ଯାଆନ୍ତୁ ! ମୋର ଟିକିଏ ବାହାରକୁ ଯିବାର ଅଛି । (ଠିଆ ହେଲେ)

ବାବାଜୀ—ଜୟ ମା’ କାଳୀ ! (ଠିଆ ହେଲେ) ଆଜି କଣ ବାବା ଶୂନ୍ୟ ହସ୍ତରେ ଫେରିବାକୁ ହେବ ?

ମଧୁ—(ପକେଟ୍‌ରୁ ଟଙ୍କାଟିଏ କାଢ଼ି ଦେଲେ) ଏଇ ନିଅନ୍ତୁ ! ଏକ୍ଷଣି ଆଜ ବେଶୀ କଷ୍ଟ ହୋଇପାରିବ ନାହିଁ—ମାସ ଶେଷ ବେଳ

ବାବାଜୀ—ଜୟ ମା କାଳୀ—ଜୟ ମା କାଳୀ ! (ମଧୁବାବୁ ପ୍ରଣାମ କଲା ପରେ ବାବାଜୀ ପ୍ରସ୍ଥାନ କଲେ)

(ସଙ୍ଗେ ସଙ୍ଗେ ପଶି ଆସିଲେ ସୁର ମହାପାତ୍ର ଓକିଲ)

ସୁର—ନମସ୍କାର ! କୁଆଡ଼େ ବାହାରିଛନ୍ତି ନା କଣ ?

ମଧୁ—ଆରେ, ଓକିଲ ବାବୁ ! ଆସନ୍ତୁ—ଆସନ୍ତୁ ! ଆଜି କିମିତି ଏ ଗରିବଙ୍କ କଥା ମନେ ପଡ଼ିଗଲା ?

ସୁର—ଏମ୍: ଏଲ୍: ଏ:ମାନେ ଯଦି ଗରିବ ବୋଲାଇବେ, ତା ହେଲେ ଭାଷାକୋଷରେ 'ଗରିବ' ଶବ୍ଦର ଅର୍ଥ ବଦଳାଇବାକୁ ପଡ଼ିବ ଦେଖୁଛି ।

ମଧୁ—କୌଣସି ଶବ୍ଦର ଅର୍ଥ ବଦଳାଇବା ଦର୍କାର ନାହିଁ । ରାଜନୈତିକ ନେତାମାନେ ହିଁ କାଳେ କାଳେ ଦରିଦ୍ର । ଆଉ ଧନୀ ବୋଇଲେ ଆଜିକାଲି ଓକିଲ-ଆଡ୍‌ଭୋକେଟ୍‌ମାନଙ୍କୁ ହିଁ ବୁଝାଇଥାଏ ।

ସୁର—ନେତାମାନଙ୍କୁ କଥାରେ କିଏ ପାରିବ ? ହଉ ଛାଡ଼ନ୍ତୁ ! କଥା କଟାକଟି କରିବାକୁ ଆପଣଙ୍କ ଲାଗି ଆସେମ୍ବ୍ଲି ହଲ୍ ଅଛି । ଆଜି ମୁଁ ଗୋଟାଏ ବଡ଼ ସିରିଅସ୍ କାମରେ ଆସିଛି ।

ମଧୁ—କହନ୍ତୁ !

ସୁର—ମୋ ପୁତୁରା ଏଇ ସପ୍ଲିମେଣ୍ଟାରି ବି: ଏ: ପରୀକ୍ଷାରେ କପି କରି ଧରା ପଡ଼ିଛି—ଏକ୍ସପେଲ୍‌ଡ଼ (expelled) ହୋଇ ଯାଇ ପାରେ ।

ମଧୁ—ଦୋଷ କଲା, ଦଣ୍ଡ ପାଇବ ! ଆଉ ଖରାପ ହେଲା କଣ ?

ସୁର—ବିଚରା କପି କାଗଜ ଦୁ'ଖଣ୍ଡ ସାଙ୍ଗରେ ନେଇଥିଲା ମାତ୍ର ! କିନ୍ତୁ ବ୍ୟବହାର କରି ପାରି ନାହିଁ । ଖାତା ତଳୁ କପି ଦୁ'ଖଣ୍ଡ ଧରା ପଡ଼ିଗଲା । ବୁଝିବାକୁ ଗଲେ—ସିମିତି ତାହାର ବିଶେଷ କିଛି ଦୋଷ ନାହିଁ ।

ମଧୁ—ମୋତେ ଆଉ କଣ କରିବାକୁ କହୁଛନ୍ତି ?

ସୁର—ୟୁନିଭରସିଟି ଭାଇସ୍‌ଚ୍ୟାନସେଲାରଙ୍କ ସହିତ ଆପଣଙ୍କର ଭଲ ପରିଚୟ ଅଛି । କେତେକ ସିଣ୍ଡିକେଟ୍ ମେମ୍ବର ମଧ୍ୟ ଆପଣଙ୍କର ଅନ୍ତରଙ୍ଗ ବନ୍ଧୁ । ଦୟାକରି ଆପଣ ଯଦି ନିଜର ବ୍ୟକ୍ତିଗତ ପ୍ରଭାବ ପକାଇ—

ମଧୁ—(ବ୍ୟସ୍ତ ହୋଇ) ମୋତେ ଆପଣ ବଡ଼ ବିପଦରେ ପକାଉଛନ୍ତି ସୁର ବାବୁ ।

ସୁର—କିଛି ବିପଦ ନୁହେଁ ଆଜ୍ଞା । ପିଲାଟିର ଜୀବନ ନଷ୍ଟ ହୋଇଯିବ । ଆପଣଙ୍କ ଚେଷ୍ଟାରେ ଯଦି କିଛି ହୋଇପାରେ—

ମଧୁ—(କିଛି କ୍ଷଣ ନୀରବ ରହି) ହଉ, ମୁଁ କଟକ ଗଲେ, ଚେଷ୍ଟା କରିବି ।

ସୁର—ଏଇ ପରଶ ଦିନ ଗୃଲନ୍ତୁ—ରଥ ଛୁଟି ଅଛି । ମୁଁ ଆପଣଙ୍କ ସଙ୍ଗରେ ଯିବି ।

ମଧୁ—(ଚିନ୍ତିତ ମନରେ) ଅଚ୍ଛା ହଉ, ଦେଖିବା !

ସୁର—ନ ଗଲେ ଅଜ୍ଞା ଚଳିବ ନାହିଁ । ଆପଣଙ୍କୁ ଅଯଥା ବ୍ୟସ୍ତ କରୁଛି—ମୋତେ ମାଫ୍ କରିବେ ।

ମଧୁ—ହଉ ଯିବା ! ପରଶ ଦିନ ମୋତେ ଥରେ ଖବର ଦେବେ ।

ସୁର—ମୁଁ ତା'ହେଲେ ବର୍ତ୍ତିମାନ ଉଠେଁ । ସେଣେ ମହକାଲଗୁଡ଼ା ମୋତେ ଅପେକ୍ଷା କର ବସିଛନ୍ତି । (ନମସ୍କାର କର ଚାଲିଗଲେ —ମଧୁବାବୁ ଉଠି ଠିଆ ହେଲେ)

ମଧୁ—(ଦୁଃଖିତ ମନରେ ଘର ଭିତରକୁ ଯାଉଥିଲା ବେଳେ ହଠାତ୍ କାନ୍ଥରେ ଝୁଲୁଥିବା ଗାନ୍ଧୀ ମୂର୍ତ୍ତି ଉପରେ ଦୃଷ୍ଟି ପଡ଼ିଗଲା— ମୂର୍ତ୍ତିର ପାଦ ତଳେ ଅଟକି ଠିଆ ହେଲେ —)

ବାପୁଜୀ, ଆପଣ ଏ ଅଭାଗା ଅଭିଶପ୍ତ ଜାତିକୁ କାହିଁକି ସ୍ୱାଧୀନତା ଆଣି ଦେଲେ ? କାହିଁକି ବା ଏ ଅଯୋଗ୍ୟ ଜନତା ମସ୍ତକରେ ଏପରି ଗୁରୁ ଦାୟିତ୍ୱ ଲଦି ଦେଲେ ? କେବେ ଏ ଜାତି ଆତ୍ମ-ସଚେତନ ହେବ ବାପୁଜୀ, କେବେ ତାହାର ପ୍ରକୃତ ମୁକ୍ତି ଆସିବ ? ହେ ମହାତ୍ମା, ହେ ପୁରୁଷୋତ୍ତମ, ବର୍ତ୍ତିମାନ ଏ ସମସ୍ୟାସଙ୍କୁଳ ପଥରେ ଗତି କାହିଁ ?—ମୁକ୍ତି କାହିଁ ?......................

(ମଞ୍ଚ ଅନ୍ଧକାର ହୋଇଗଲା)